# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୩୦/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, April 30/2024 | Page 14 | ₹ 7.00 | BERHAMPUR

୫୦ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 156 | ମୂଲ୍ୟ₹୭/-




**ଟପ୍ସକୁ ଫେରିଲେ ଦୀପିକା**

ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପୁନର୍ବାର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ କରାଯାଇଛି।

୧୪

୦୨

**ପୁଅ ଅଭ୍ୟାନଙ୍କ ସହ ୱାର୍କଆଉଟ୍ କଲେ ଦିୟା**

ବଲିଉଡ୍ ଅଭିନେତ୍ରୀ ଦିୟା ମିର୍ଜା ସୋମବାର ନିଜ ଇନ୍ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ତାଙ୍କ ପୁଅ ଅଭ୍ୟାନଙ୍କ ସହ ୱାର୍କଆଉଟ୍ କରୁଛନ୍ତି।





ଓଡ଼ିଶାରେ ପ୍ରଚଣ୍ଡ ରୌଦ୍ରତାପ, ସେପଟେ ଜମ୍ମୁକଶ୍ମୀରର ଅନନ୍ତନାଗରେ ପ୍ରବଳ ତୁଷାରପାତ ନେଇ ରାସ୍ତାରେ ଟ୍ରାଫିକ ଜାମ୍ ଦେଖାଦେଇଛି।

# ଆରମ୍ଭ ହେଲା ତୃତୀୟ ପର୍ଯ୍ୟାୟ ନାମାଙ୍କନ

## ମେ' ୨୫ରେ ୬ ଲୋକ ସଭା, ୪୨ ବିଧାନସଭା ଆସନରେ ମତଦାନ

**ଭୁବନେଶ୍ୱର,୨୯।୪(ଅନିଲ ଦାସ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ମେ' ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ଓ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ବିଜ୍ଞପ୍ତି ପ୍ରକାଶ ହେବା ସହିତ ଏହି ସବୁ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ମେ'୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ଚାଲିବ।

ମେ'୭ରେ ନାମାଙ୍କନପତ୍ର ଯାଞ୍ଚ ହେବ ଓ ୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇପାରିବ। ଏହି ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୯୪ ଲକ୍ଷ ୪୧ ହଜାର ୭୯୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୪୬ ଲକ୍ଷ ୧୪ ହଜାର ୧୩୪ ମହିଳା ଭୋଟର ଥିବା ବେଳେ ୪୮ ଲକ୍ଷ ୨୬ ହଜାର ୩୭୫ ପୁରୁଷ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ତେଲକୋଇ, ଘସିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡା, ତାଳଚେର, ଅନୁଗୋଳ, ଛେଣ୍ଡିପଦା, ଆଠମଲ୍ଲିକ, ବଡ଼ମ୍ବା, ବାଙ୍କି, ଆଠଗଡ଼, ବାରବାଟୀ କଟକ, ଚୌଦ୍ୱାର-କଟକ, କଟକ ସଦର, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା, ଚିଲିକା, ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ। ୬ଟି ସଂସଦୀୟ କ୍ଷେତ୍ରରୁ କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ଓ ଏହା ଅଧୀନରେ ଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଉଙ୍ଗା ଯାଉଛି କୁଆଡ଼େ**

## ପ୍ରଥମ ଦିନରେ ହେଭିୱେଟ୍‌ଙ୍କ ପ୍ରାର୍ଥିପତ୍ର ଦାଖଲ

**ନାମାଙ୍କନ ଭରିଲେ ଦିଲ୍ଲୀପ, ସମ୍ବିତ, ସଙ୍ଗୀତା, ସଞ୍ଜୟ, ରଣେନ୍ଦ୍ର**

**ଭୁବନେଶ୍ୱର,୨୯।୪(ଅନିଲ ଦାସ):** ଗ୍ରୀଷ୍ମର ପ୍ରକୋପ ବଢ଼ିବା ସାଙ୍ଗକୁ ରାଜ୍ୟରେ ନିର୍ବାଚନ ବାତାବରଣ ମଧ୍ୟ ଉଷ୍ମ ହେବାରେ ଲାଗିଛି। ନିର୍ବାଚନ କମିଶନ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ନାମାଙ୍କନ ଦାଖଲ ପ୍ରକ୍ରିୟା ମଧ୍ୟ ଜୋର ଧରିଛି। ବିଭିନ୍ନ ଦଳର ବହୁ ହେଭିୱେଟ୍ ନେତା ଶୋଭାଯାତ୍ରା କରି ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଉରକେଲାରୁ ଦିଲ୍ଲୀପ ରାୟ, ☞ପୃଷ୍ଠା-୪






# ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ପୋଲିସର ସମନ

**ନିର୍ବାଚନ ସମୟରେ ଦଳର ମୁଖ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିଥାଏ। ହେଲେ ଏବେ ଦଳର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ସରକାର ବିଭିନ୍ନ ମାମଲାରେ ବିବ୍ରତ କରୁଥିବା ଦେଖିବାକୁ ମିଳୁଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗିରଫ କରି ଜେଲରେ ରଖିଛି। ଏବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଦିଲ୍ଲୀ ପୋଲିସ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ସମନ୍ କରିଛି। ତାହା ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଏକ ଭିଡିଓକୁ ନେଇ, ଯାହାକି ଫେକ୍ ବୋଲି ଭାଜପା ନେତାମାନେ କହୁଛନ୍ତି।**

**ନୂଆଦିଲ୍ଲୀ,୨୯।୪**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ଏକ ଜାଲିଆତି ଭିଡିଓ ସହ ସମ୍ପୃକ୍ତି ଅଭିଯୋଗରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କୁ ଦିଲ୍ଲୀ ପୋଲିସ ସମନ ଜାରି କରିଛି। ତାଙ୍କ ସମେତ ତେଲଙ୍ଗାନାର ୪ ଜଣଙ୍କୁ ଏହି ମାମଲାରେ ନୋଟିସ ଜାରି କରାଯାଇ ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ତେଲଙ୍ଗାନା କଂଗ୍ରେସର ଏକ୍ସ ହ୍ୟାଣ୍ଡେଲରେ ଶାହାଙ୍କ ସମ୍ପର୍କିତ ଭିଡିଓ ଶେୟାର କରାଯାଇଥିବା ଅଭିଯୋଗ ହୋଇଛି। ପରେ ଦଳର କେତେଜଣ ନେତା ଉକ୍ତ ଭିଡିଓକୁ ରିପୋଷ୍ଟ କରିଥିଲେ। ଅନୁସୂଚିତ ଜାତି/ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ସଂରକ୍ଷଣ କୋଟା ହଟାଇବା ଭାଜପାର ଏଜେଣ୍ଡା ବୋଲି ଉକ୍ତ ଭିଡିଓରେ ଦର୍ଶାଯାଇଥିଲା। କୋଟା ଉଚ୍ଛେଦ ସପକ୍ଷରେ ଶାହା କହୁଥିବାର ଭିଡିଓରେ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏଡିଟ୍ ହୋଇଥିବା ଉକ୍ତ ଭିଡିଓ ବ୍ୟାପକ ଭାବେ ପ୍ରସାରିତ ହେବା ପରେ ଭାଜପା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗ ଆଧାରରେ ଦିଲ୍ଲୀ ପୋଲିସ ଆଇପିସିର ବିଭିନ୍ନ ଦଫା ସମେତ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ସି ଆଧାରରେ ମାମଲା ରୁଜୁ କରିଛି। ସୋସିଆଲ ମିଡିଆ ଏକ୍ସ ଏବଂ ଫେସ୍‌ବୁକ୍‌କୁ ମଧ୍ୟ ଦିଲ୍ଲୀ ପୋଲିସ ନୋଟିସ୍ ପଠାଇ ଭିଡିଓ ଅପ୍‌ଲୋଡ୍ ଏବଂ ଶେୟାର ହୋଇଥିବା ଆକାଉଣ୍ଟଗୁଡ଼ିକ ଉପରେ ତଥ୍ୟ ମାଗିଛି। ଏକ ନିର୍ବାଚନୀ ରାଲିରେ ଶାହା ଦେଇଥିବା ମୂଳ ଭାଷଣକୁ ବିକୃତ କରିବା ପାଇଁ ହେରଫେର କରାଯାଇଥିବା ଭାଜପା ଅଭିଯୋଗ କରିଛି।

କଂଗ୍ରେସ ଏଡିଟ୍ ହୋଇଥିବା ଏହି ଭିଡିଓକୁ ଭାଇରାଲ କରି ସମ୍ପୂର୍ଣ୍ଣ ମିଛ ଖବର ପ୍ରସାର କରାଉଛି, ଯାହାକି ବଡ଼ ଧରଣର ହିଂସା ସୃଷ୍ଟି କରିପାରେ। ☞ପୃଷ୍ଠା-୪

## ଆଜି ହିଞ୍ଜିଳିରୁ ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୪(ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପାରମ୍ପରିକ ଆସନ ହିଞ୍ଜିଳିରୁ ନାମାଙ୍କନ ପତ୍ର ଦାଖଲ କରିବେ। ଷଷ୍ଠଥର ପାଇଁ ସେ ଏହି ଆସନରୁ ବିଜେଡିରୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ନାମାଙ୍କନ ପାଇଁ ସେ ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ☞ପୃଷ୍ଠା-୪

## ସିବିଆଇ ତଦନ୍ତ ଉପରେ ସୁପ୍ରିମକୋର୍ଟଙ୍କ ରୋକ

**ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି**

**ନୂଆଦିଲ୍ଲୀ,୨୯।୪ (ପି.ଟି.)**

ପଶ୍ଚିମବଙ୍ଗରେ ବେଆଇନ ଭାବେ ନିଯୁକ୍ତି ପାଇଥିବା ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ ପାଇଁ କାଲ୍‌କାଟା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ମମତା ବାନାର୍ଜୀଙ୍କ ସରକାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

ଅନ୍ୟପକ୍ଷରେ ନିଯୁକ୍ତି ପରୀକ୍ଷା କରାଇଥିବା ସଂସ୍ଥାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଆଇନ ଭାବେ ନିଯୁକ୍ତି ପ୍ରଦାନ ଲାଗି ଓଏମ୍ଆର୍ ଉତ୍ତର ଖାତାଗୁଡ଼ିକୁ ନଷ୍ଟ କରାଯିବା ସହ ଫଳାଫଳର ସଫ୍ଟୱେର କପିକୁ ଲିଭାଇଦିଆଯାଇଥିଲା। ସେହିପରି ଚୟନ କମିଟିରେ ନ ଥିବା କେତେଜଣଙ୍କୁ ସେଥିରେ ସାମିଲ କରାଯାଇଥିଲା। ହାଇକୋର୍ଟଙ୍କ ରାୟ କିପରି ଭୁଲ୍, ତାହାର ସନ୍ତୋଷଜନକ ଜବାବ ଦେବାକୁ ହେବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆବେଦନକାରୀ ପଶ୍ଚିମବଙ୍ଗ ସରକାରଙ୍କୁ କହିବା ସହ ପରବର୍ତ୍ତୀ ଶୁଣାଣି ମେ'୬କୁ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ର ରହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ପଶ୍ଚିମବଙ୍ଗ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ☞ପୃଷ୍ଠା-୪

# ନାମାଙ୍କନ ଫେରାଇ ଭାଜପାରେ ମିଶିଲେ କଂଗ୍ରେସ ପ୍ରାର୍ଥୀ

**ନୂଆଦିଲ୍ଲୀ,୨୯।୪**

ଭୋଟ ପୂର୍ବରୁ କଂଗ୍ରେସ ଏହାର ଦ୍ୱିତୀୟ ଲୋକ ସଭା ପ୍ରାର୍ଥୀଙ୍କୁ ହରାଇଛି। ମଧ୍ୟପ୍ରଦେଶର ଇନ୍ଦୋରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅକ୍ଷୟକାନ୍ତି ବାମ୍ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ବାମ୍‌ଙ୍କୁ ଭାଜପା ଭୟଭୀତ କରାଇ ଦଳରେ ସାମିଲ କରିଛି ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ସୁରଟର କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ମେଳ ନ ହେବାରୁ ତାଙ୍କ ପ୍ରାର୍ଥିତ୍ୱ ଖାରଜ ହୋଇଯାଇଥିଲା



ଅକ୍ଷୟକାନ୍ତି ବାମ୍

ଏବଂ ସେଠାରୁ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ମେ' ୧୩ରେ ଅନୁଷ୍ଠିତ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା। କଂଗ୍ରେସ ପ୍ରାର୍ଥୀ ବାମ୍‌ଙ୍କ ସମେତ ୩ ଜଣ ପ୍ରାର୍ଥୀ ସୋମବାର ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ପ୍ରକ୍ରିୟାର ଭିଡିଓଗ୍ରାଫ୍ ହୋଇଥିବା ଜିଲାପାଳ ଆଶିଷ ସିଂ ଖବରଦାତାମାନଙ୍କୁ କହିଛନ୍ତି। ସୋମବାର ବାମ୍ ଭାଜପା ବିଧାୟକ ରମେଶ ମେଣ୍ଡୋଲାଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ନାମାଙ୍କନପତ୍ର ଫେରାଇ ନେଇଥିଲେ। ବାମ୍‌ଙ୍କ ବିରୋଧରେ ଭାଜପା ଏହାର ବିଦାୟୀ ଏମ୍‌ପି ଶଙ୍କର ଲାଲ୍‌ୱାନିଙ୍କୁ ଇନ୍ଦୋରରୁ ପ୍ରାର୍ଥୀ କରିଛି। ବାମ୍ ପୂର୍ବରୁ ୩ ଥର ବିଧାୟକ ହୋଇଥିଲେ। ସେ ପ୍ରାର୍ଥିତ୍ୱରୁ ଓହରିଯାଇ ଭାଜପାରେ ସାମିଲ ହୋଇଥିବାରୁ ସ୍ଥାନୀୟ କଂଗ୍ରେସ ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣକ ପରେ ଜଣେ ପ୍ରାର୍ଥୀଙ୍କୁ ଧମକାଯାଉଥିବାରୁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା କଂଗ୍ରେସ ମୁଖପାତ୍ର ଶ୍ରୀନେତ କହିଛନ୍ତି। ନିର୍ବାଚନ କମିଶନଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାକୁ ନେଇ ସେ ବିସ୍ମୟ ପ୍ରକଟ କରିଛନ୍ତି। ଜଣେ ନିର୍ବାଚନ ପୂର୍ବରୁ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇ ଭାଜପାରେ ଯୋଗଦେବା ସାଧାରଣ କଥା ନୁହେଁ। ତାଙ୍କ ବିରୋଧରେ ହତ୍ୟା ମାମଲା ଥିଲା। ତାଙ୍କୁ ନିଶ୍ଚିତ ଭାବେ ଧମକ ଦିଆଯାଇ ଭୟଭୀତ କରାଯାଇଥାଇପାରେ ବୋଲି ଶ୍ରୀନେତ କହିଛନ୍ତି।




**ଚର୍ମ କର୍କଟ ଟିକାର ମାନବ ପରୀକ୍ଷା ଆରମ୍ଭ**

ଚର୍ମ କର୍କଟ ରୋଗର ପ୍ରତିକାର ପାଇଁ ବିଶ୍ୱର ପ୍ରଥମ ଟିକା ଉପରେ ହ୍ୟୁମ୍ୟାନ ଟ୍ରାଏଲ୍ ଆରମ୍ଭ ହୋଇଛି। ବ୍ରିଟେନ୍‌ର ଜଣେ ରୋଗୀ ଏହି ପରୀକ୍ଷାରେ ସାମିଲ ହୋଇଛନ୍ତି। ଟିକା ଚର୍ମ କର୍କଟ ବିପଦ ଆଶଙ୍କା ୪୯ ପ୍ରତିଶତ ହ୍ରାସ କରୁଥିବା ଦ୍ୱିତୀୟ ପର୍ଯ୍ୟାୟ ଅଧ୍ୟୟନରୁ ଜଣାପଡ଼ିଥିଲା। ବ୍ରିଟେନର ୟୁନିଭର୍ସିଟି କଲେଜ୍ ଲଣ୍ଡନ ହସ୍ପିଟାଲରେ ଟିକା ଉପରେ ପରୀକ୍ଷା କରାଯାଉଛି।



## ସଂକ୍ଷେପରେ

### ୩ ବିମାନବନ୍ଦରକୁ ବୋମା ଧମକ

ନୂଆଦିଲ୍ଲୀ,୨୯।୪

ଦେଶର ୩ଟି ପ୍ରମୁଖ ବିମାନବନ୍ଦରକୁ ବୋମାରେ ଉଡ଼ାଇଦେବା ଲାଗି ଧମକ ମିଳିଛି। ଜୟପୁର, କାନପୁର ଏବଂ ଗୋଆ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଇମେଲ୍ ଯୋଗେ ଏହି ଧମକ ପାଇଛନ୍ତି। ଫଳରେ ଉକ୍ତ ଏୟାରପୋର୍ଟଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯିବା ସହ ତଲାସି ଅଭିଯାନ ଜାରି ରହିଛି। ଏହା ମିଥ୍ୟା ଧମକ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ କିଏ ଇମେଲ୍ ପଠାଇଛି, ତାହା ଖୋଜି ବାହାର କରିବା ଲାଗି ଉଦ୍ୟମ ଚାଲିଛି। ଦୁଇଦିନ ପୂର୍ବରୁ ଅନ୍ୟ କୋଲକାତା, ଜୟପୁର ସମେତ ଅନ୍ୟ କେତେକ ବିମାନବନ୍ଦରକୁ ଅନୁରୂପ ଇମେଲ୍ ଆସିଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ତଲାସି କରାଯାଇ ଜଣକୁ ମୁମ୍ବାଇ ପୋଲିସ ଗିରଫ କରିଥିବାବେଳେ ଇମେଲ୍ ମିଛ ଥିବା ଜଣାପଡ଼ିଥିଲା।

### କେନିୟାରେ ଡ୍ୟାମ୍ ଭୁଶୁଡ଼ି ୪୫ ମୃତ

ନାଇରୋବି, ୨୯।୪

ଆଫ୍ରିକୀୟ ଦେଶ କେନିୟାରେ ଗୋଟିଏ ଡ୍ୟାମ୍ ଭୁଶୁଡ଼ି ପଡ଼ିବାରୁ ୪୫ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମ କେନିୟାର ଗ୍ରେଟ୍ ରିଫ୍ଟ ଭ୍ୟାଲି ଅଞ୍ଚଳର ମାଇ ମହିଉଠାରେ ଥିବା ପୁରାତନ କିଜବେ ଡ୍ୟାମ ଭୁଶୁଡ଼ି ପଡ଼ିଥିବା କେନିୟା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦୁର୍ଘଟଣାରେ ଏବେ ସୁଦ୍ଧା ୧୦୯ ଜଣଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୪୯ରୁ ଅଧିକ ବ୍ୟକ୍ତି ନିଖୋଜ ଥିବା କେନିୟା ଗୃହ ମନ୍ତ୍ରଣାଳୟ ପ୍ରକାଶ କରିଛି। ତେବେ ଡ୍ୟାମ୍ ଭାଙ୍ଗିଯିବା ପରେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଘର ମଧ୍ୟରେ ପାଣି ପଶିବାରେ ଲାଗିଛି। ଫଳରେ ମାଇ ମହିଉ ନିକଟସ୍ଥ ଏକ ମୁଖ୍ୟ ସଡ଼କ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। କେନିୟାର ପଶ୍ଚିମ ପ୍ରାନ୍ତରେ ମାସେରୁ ଅଧିକ ସମୟ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଡ୍ୟାମ୍ ଭୁଶୁଡ଼ି ପଡ଼ିଥିବା ଅନୁମାନ କରାଯାଉଛି।

### ମସ୍‌ଜିଦରେ ମୌଲବୀଙ୍କୁ ପିଟି ହତ୍ୟା

ଆଜମେର,୨୯।୪

ରାଜସ୍ଥାନର ଆଜମେରରେ ଥିବା ଏକ ମସ୍‌ଜିଦରେ ୩ ଜଣ ମୁଖାପିନ୍ଧା ବ୍ୟକ୍ତି ପ୍ରବେଶ କରି ମୌଲବୀଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ଶନିବାର ରାତିରେ ମୌଲବୀ ମହମ୍ମଦ ମାହିର ତାଙ୍କର ୬ ଜଣ ପିଲାଙ୍କ ସହ ମସ୍‌ଜିଦ ପରିସରରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ପିଲାମାନଙ୍କୁ ଭୟଭୀତ କରାଇ ତଡ଼ିଦେବା ପରେ ମୌଲବୀଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଉତ୍ତରାଖଣ୍ଡର ପଉରୀଠାରେ ବ୍ୟାପକ ଜଙ୍ଗଲ ଜଳୁଛି।

# ତୃତୀୟ ପର୍ଯ୍ୟାୟରେ ୯% ମହିଳା ପ୍ରାର୍ଥୀ

## ୧୮% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା, ୨୯% କୋଟିପତି


ନୂଆଦିଲ୍ଲୀ, ୨୯।୪

ଆସନ୍ତା ମାସ ୭ରେ ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୯୫ଟି ଲୋକ ସଭା ଆସନରେ ୧୩୫୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିମଧ୍ୟରୁ ୧୮ ପ୍ରତିଶତ ପ୍ରାର୍ଥୀ ନିଜ ନାଁରେ ଆପରାଧିକ ମାମଲା ଥିବା ନେଇ ନାମାଙ୍କନ ପତ୍ର ଦାଖଲ ସମୟରେ ଦେଇଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟରେ ସମୁଦାୟ ୧୩୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୯ ପ୍ରତିଶତ ଅର୍ଥାତ ୧୨୩ ମହିଳା ପ୍ରାର୍ଥୀ ରହିଛନ୍ତି। ଆସୋସିଏଶନ ଅଫ୍ ଡେମୋକ୍ରାଟିକ ରିଫର୍ମସ(ଏଡିଆର) ଓ ନ୍ୟାଶ୍‌ନାଲ ଇଲେକ୍ସନ ୱାଚ୍ ଦ୍ୱାରା ତୃତୀୟ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ବିଶ୍ଳେଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ତୃତୀୟ ପର୍ଯ୍ୟାୟରେ ୧୮ ପ୍ରତିଶତ ଅର୍ଥାତ ୨୪୪ ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା ରୁଜୁ ହୋଇଛି। ୨ ମୁଖ୍ୟ ଜାତୀୟ ଦଳ ଭାଜପାର ୨୭ ପ୍ରତିଶତ ଓ କଂଗ୍ରେସର ୩୮ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ହତ୍ୟା ପରି ସଙ୍ଗିନ ମାମଲା ୨୯ ଜଣ ପ୍ରାର୍ଥୀଙ୍କ ନାଁରେ ରହିଥିବାବେଳେ ମହିଳାଙ୍କ ପ୍ରତି ଅପରାଧ ମାମଲା ୩୮ ଜଣ ପ୍ରାର୍ଥୀଙ୍କ ବିରୋଧରେ ରହିଛି। ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟରେ ୨୯ ପ୍ରତିଶତ ଅର୍ଥାତ ୩୯୨ ଜଣ ପ୍ରାର୍ଥୀ କୋଟିପତି ରହିଛନ୍ତି। ଏହି ପର୍ଯ୍ୟାୟରେ ଭାଜପା ପକ୍ଷରୁ ୯୪ ପ୍ରତିଶତ କୋଟିପତି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କଂଗ୍ରେସ ପକ୍ଷରୁ ୮୮ ପ୍ରତିଶତ କୋଟିପତି ପ୍ରାର୍ଥୀ ରହିଛନ୍ତି। ତୃତୀୟ ପର୍ଯ୍ୟାୟରେ ପ୍ରତି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୫.୬୬ କୋଟି ରହିଛି। ପ୍ରତି ଭାଜପା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୪୪.୦୭ କୋଟି ହୋଇଥିବାବେଳେ କଂଗ୍ରେସର ପ୍ରତି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨୦.୫୯ କୋଟି ରହିଛି।

# ଟ୍ରୁଡୋଙ୍କ ଉପସ୍ଥିତିରେ ଖଲିସ୍ତାନୀ ସ୍ଲୋଗାନ

ଟରଣ୍ଟୋ, ୨୯।୪

କାନାଡ଼ାର ଟରଣ୍ଟୋରେ ସୋମବାର ଖାଲ୍‌ସା ଦିବସ ପାଳନ ହେଉଥିବାବେଳେ ଏଥିରେ ବହୁ ସଂଖ୍ୟାରେ ଶିଖ୍ ସମ୍ପ୍ରଦାୟର ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସମ୍ବୋଧନ କରୁଥିବା ସମୟରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରୁ କେତେ ଜଣ ଖଲିସ୍ତାନ ସମର୍ଥନରେ ସ୍ଲୋଗାନ ଦେଇଥିଲେ। ତେବେ ଦେଶରେ ରହୁଥିବା ୮ ଲକ୍ଷ ଶିଖ୍ ଜନସାଧାରଣଙ୍କ ଅଧିକାର ଓ ସ୍ୱାଧୀନତାକୁ କାନାଡ଼ା ସରକାର ରକ୍ଷା କରିବେ ବୋଲି ନିଜ ସମ୍ବୋଧନରେ ଟ୍ରୁଡୋ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବିବିଧତା କାନାଡାର ସବୁଠାରୁ ବଡ଼ ଶକ୍ତି ହୋଇଥିବା କହି ବିନା ଭୟରେ ନିଜ ଧର୍ମକୁ ଅନୁସରଣ କରିବାକୁ ସେ ଉପସ୍ଥିତ ଥିବା ଶିଖ୍ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ୍ ୧୮ରେ ଭାରତ ଦ୍ୱାରା ଘୋଷିତ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ହୋଇଥିଲା। ଏଥିରେ ଭାରତ ସରକାରଙ୍କ ହାତ ଥିବା ଟ୍ରୁଡୋ ଅଭିଯୋଗ ଆଣିଥିଲେ। ଭାରତ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଥିବାବେଳେ ଏହାକୁ ନେଇ ୨ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା।



ଜଷ୍ଟିନ ଟ୍ରୁଡୋ

## କାନାଡା ଉପଉଚ୍ଚାୟୁକ୍ତଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୨୯।୪

ଜଷ୍ଟିନ ଟ୍ରୁଡୋ ଭାଷଣ ଦେଲାବେଳେ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦିଆଯିବା ଘଟଣାରେ ନୂଆଦିଲ୍ଲୀ କାନାଡାର ଉପଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି। ଏଭଳି ସ୍ଲୋଗାନ ଦୁଇ ଦେଶର ସମ୍ପର୍କକୁ ପ୍ରଭାବିତ କରିବା ସହ ହିଂସାର ପରିବେଶକୁ ପ୍ରୋତ୍ସାହିତ କରୁଥିବା ଭାରତ କାନାଡା କର୍ତ୍ତୃପକ୍ଷଙ୍କୁ ଜଣାଇଛି। ଜଣେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଖଲିସ୍ତାନୀ ସପକ୍ଷବାଦୀ ସ୍ଲୋଗାନକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। କାନାଡାର ବିଭିନ୍ନ କାର୍ଯ୍ୟକ୍ରମରେ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ଅନୁମତି ଦିଆଯାଉଥିବା ନୂଆଦିଲ୍ଲୀ କହିଛି। ବିଚ୍ଛିନ୍ନତାବାଦ, ଉଗ୍ରବାଦ ଓ ହିଂସାକୁ କାନାଡାରେ ରାଜନୈତିକ ସ୍ଥାନ ଦିଆଯାଉଥିବା ଏଥିରୁ ପୁଣିଥରେ ପ୍ରତିଫଳିତ ହୋଇଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୮ରେ କାନାଡାର ସୁରିସ୍ଥିତ ଏକ ଗୁରୁଦ୍ୱାରା ବାହାରେ ଖଲସ୍ତାନ ଟାଇଗର ଫୋର୍ସ ମୁଖ୍ୟ ହରଦୀପ୍ ସିଂ ନିଜ୍ଜାରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ନିଜ୍ଜାର ହତ୍ୟା ଘଟଣାରେ ଟ୍ରୁଡୋ ଗତବର୍ଷ ସେପ୍ଟେମ୍ବରରେ ଭାରତ ସରକାରଙ୍କୁ ଦାୟୀ କରିଥିଲେ। ଏହା ପରଠାରୁ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା।

# ପନ୍ନୁନଙ୍କୁ ହତ୍ୟା ପାଇଁ ହିଟ୍ ଟିମ୍‌କୁ ଲଗାଇଥିଲେ ର' ଅଫିସର

ନୂଆଦିଲ୍ଲୀ,୨୯।୪



ଗୁର୍‌ପତୱନ୍ତ ସିଂ ପନ୍ନୁନ

ଆମେରିକା ମାଟିରେ ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା କରିବା ପାଇଁ ଭାରତ ଯୋଜନା କରିଥିଲା ବୋଲି ଅଭିଯୋଗ ହୋଇଆସୁଛି। ଆମେରିକା ଗଣମାଧ୍ୟମରେ ନିକଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଅଫିସର ବିକ୍ରମ ଯାଦବ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରିବା ନିମନ୍ତେ ଏକ ହିଟ୍ ଟିମ୍‌କୁ ନିୟୋଜିତ କରିଥିଲେ। ବିଭିନ୍ନ ସରକାରୀ ସଂଗଠନରେ କାର୍ଯ୍ୟରତ ବିକ୍ରମ ପନ୍ନୁନଙ୍କ ନ୍ୟୁୟର୍କ ଠିକଣା ଓ ଅନ୍ୟାନ୍ୟ ତଥ୍ୟ ଉକ୍ତ ହିଟ୍ ଟିମ୍‌କୁ ଜଣାଇଥିଲେ। ପନ୍ନୁନଙ୍କୁ ଆମେରିକାରେ ହତ୍ୟା ଯୋଜନା ପଛରେ ନୂଆଦିଲ୍ଲୀ ସମ୍ପୃକ୍ତ ଥିବା ନେଇ ୨୦୨୨ ନଭେମ୍ବରରେ ସେଠାର ଏକ ଗଣମାଧ୍ୟରେ ରିପୋର୍ଟ ପ୍ରକାଶ ପାଇଥିଲା। ଆମେରିକା ଉକ୍ତ ଉଦ୍ୟମକୁ ବିଫଳ କରିବା ସହ ଭାରତ ସରକାରଙ୍କୁ ଚେତାବନୀ ଦେଇଥିଲା ବୋଲି ସେତେବେଳେ ଉକ୍ତ ରିପୋର୍ଟରେ ଉଲ୍ଲେଖ ଥିଲା। ତେବେ ଆମେରିକାର ଏଭଳି ଅଭିଯୋଗକୁ ଭାରତ ଖଣ୍ଡନ କରିଆସିଛି।

# ତଳକୋର୍ଟରେ ଜାମିନ ଆବେଦନ କରିନ କାହିଁକି

ନୂଆଦିଲ୍ଲୀ,୨୯।୪(ପି.ଟି.)

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତଳ କୋର୍ଟରେ ଜାମିନ ପାଇଁ ଆବେଦନ କରିନାହାନ୍ତି କ'ଣ ପାଇଁ ବୋଲି ସୁପ୍ରିମକୋର୍ଟ ସୋମବାର ପ୍ରଶ୍ନ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ପାଇଁ ତଳକୋର୍ଟରେ ଆବେଦନ କରାଯାଇଥିଲା କି ବୋଲି ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ତଳ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇ ନ ଥିବା କେଜ୍‌ରିୱାଲଙ୍କ ଓକିଲ ଅଭିଷେକ ସିଂଘ୍ଭି ଜଣାଇଥିଲେ। ଆପ୍ ନେତାଙ୍କୁ ବେଆଇନ ଭାବେ ଗିରଫ କରାଯିବା ସହ ବିଭିନ୍ନ କାରଣକୁ ନେଇ ତଳକୋର୍ଟରେ ଜାମିନ ଆବେଦନ ହୋଇ ନ ଥିବା ସିଂଘ୍ଭି କହିଥିଲେ। ସୂଚନାଯୋଗ୍ୟ, ଇଡି ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସେ ଏବେ ତିହାର ଜେଲରେ ରହିଛନ୍ତି। ତାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଗତ ୧୫ ତାରିଖରେ ଇଡିକୁ ଜବାବ ମାଗିଥିଲେ। ବର୍ତ୍ତମାନ ରଦ୍ଦ ହୋଇଥିବା ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତରେ ସାମିଲ ହେବା ପାଇଁ ଇଡି କେଜ୍‌ରିୱାଲଙ୍କୁ ବାରମ୍ବାର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲେ। ତେଣୁ ତାଙ୍କୁ ଗିରଫ କରିବା ବ୍ୟତୀତ ଇଡି ପାଖରେ ଅନ୍ୟ ବିକଳ୍ପ ନ ଥିଲା ବୋଲି ଗତ ୯ ତାରିଖରେ ଦିଲ୍ଲୀ ହାଇକୋର୍ଟ ତାଙ୍କ ରାୟରେ କହିଥିଲେ।

**କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



# କେଜ୍‌ରିୱାଲ, ଆତିଶୀଙ୍କ ନାଁରେ ମାନହାନି ମାମଲା

ନୂଆଦିଲ୍ଲୀ,୨୯।୪

ଭାଜପା ଓ ଏହାର ସଦସ୍ୟମାନଙ୍କୁ ଅପମାନିତ କରିଥିବା ଅଭିଯୋଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ମନ୍ତ୍ରୀ ଆତିଶୀଙ୍କ ବିରୋଧରେ ସୋମବାର ଦିଲ୍ଲୀର ଏକ ଅଦାଲତରେ ମାନହାନି ମାମଲା ଦାଏର ହୋଇଛି। ଭାଜପା ଦିଲ୍ଲୀ ଶାଖାର ଗଣମାଧ୍ୟମ ମୁଖ୍ୟ ପ୍ରବୀଣ ଶଙ୍କର କପୁର ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ତନ୍ୟା ବାମନିୟାଲଙ୍କ ନିକଟରେ ଅଭିଯୋଗ ଦାଏର କରିଛନ୍ତି। ମେ' ୪ରେ ଏହା ଉପରେ ତଥ୍ୟ ପ୍ରମାଣର ରେକର୍ଡ କରାଯିବ। ଅଭିଯୋଗ ଅନୁଯାୟୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୨ ନେତା ଭାଜପା ବିରୋଧରେ ମିଥ୍ୟା, ମନଗଢ଼ା ମନ୍ତବ୍ୟ ଦେଇଥିଲେ। ଦିଲ୍ଲୀ ସରକାରଙ୍କୁ ଭାଙ୍ଗିଦେବା ପାଇଁ ଭାଜପା କେତେଜଣ ଆପ୍ ନେତାଙ୍କୁ କିଣିବାକୁ ଉଦ୍ୟମ ଚଳାଇଥିବା କେଜ୍‌ରିୱାଲ ଏବଂ ଆତିଶୀ କହିଥିଲେ। ସର୍ବସାଧାରଣରେ ଭାଜପା ଏବଂ ଏହାର କର୍ମୀମାନଙ୍କ ମର୍ଯ୍ୟାଦା ହାନି କରିବା ପାଇଁ ଆପ୍ ନେତା ଏଭଳି ମନଗଢ଼ା ଅଭିଯୋଗ ଆଣିଥିବା ପ୍ରବୀଣ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

### ସଡ଼କ ଦୁର୍ଘଟଣାରେ ୮ ମୃତ, ୨୩ ଆହତ

ବେମେତାରା,୨୯।୪

ଛତିଶଗଡ଼ର ବେମେତାରାରେ ଏକ ମାଲ୍‌ବାହୀ ଗାଡ଼ି ଅନ୍ୟ ଏକ ମିନି ଟ୍ରକ୍‌କୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ୩ ଜଣ ପିଲା ରହିଛନ୍ତି। ସେମାନେ ଏକ ପାରିବାରିକ ଉତ୍ସବରେ ଯୋଗଦେଇ ଉକ୍ତ ମାଲ୍‌ବାହୀ ଗାଡ଼ିରେ ଫେରୁଥିବାବେଳେ ରବିବାର ରାତିରେ କଥିଆ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମିନି ଟ୍ରକ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବାବେଳେ ମାଲ୍‌ବାହୀ ଯାନଟି ଏହାକୁ ଧକ୍କା ଦେଇଥିଲା।

## ଫୁରସତ୍

# ୨୫୧ ଥର ଜେଲ ଯାଇଥିବା ପ୍ରାର୍ଥୀ

**ଲକ୍ଷ୍ନୌ:** ଲକ୍ଷ୍ନୌ ଲୋକ ସଭା ଆସନରୁ ସମାଜବାଦୀ ପାର୍ଟି(ଏସ୍‌ପି) ରବିଦାସ ମେହରୋତ୍ରାଙ୍କୁ ପ୍ରାର୍ଥୀ କରିଛି। ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବହୁ ପୁରାତନ ଛାତ୍ର ନେତାଙ୍କ ମଧ୍ୟରୁ ସେ ଅନ୍ୟତମ। ତେବେ ଏହି ବରିଷ୍ଠ ରାଜନେତାଙ୍କ ନାମରେ ଏକ ବିରଳ ରେକର୍ଡ ରହିଛି।

ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ରବିଦାସ ସମୁଦାୟ ୨୫୧ ଥର ଜେଲ ଯାଇ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ୬୬ ବର୍ଷୀୟ ରବିଦାସ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ନେତା ହୋଇଥିବାବେଳେ ସେ ନିଜର ୪୦ ବର୍ଷର ରାଜନୈତିକ କ୍ୟାରିୟରରେ ବହୁ ବାଧାବିଘ୍ନ ଦେଇ ଗତି କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ ଉତ୍ସାହର ସହ ସେ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଚାଲିଛନ୍ତି। ଏତେଥର ଜେଲ ଯାଇ ରେକର୍ଡ କରିବା ସମ୍ପର୍କରେ ସେ ନିଜ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅଧିକାଂଶ ମାମଲା ତାଙ୍କ ଛାତ୍ର ଜୀବନର ହୋଇଥିବା ସେ କହିଛନ୍ତି। ସେତେବେଳେ ସେ ବିଶ୍ୱବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କର ବିଭିନ୍ନ ସମସ୍ୟା ନେଇ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ରାଜନୀତିରେ ଯୋଗ ଦେବା ପରେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବର୍ଦ୍ଧିତ ବିଭିନ୍ନ ପ୍ରସଙ୍ଗରେ ସେ ଅନେକବାର ପ୍ରତିବାଦ, ବିକ୍ଷୋଭ ଓ ଧାରଣାରେ ସାମିଲ ହୋଇଥିବାରୁ ତାଙ୍କ ବିରୋଧରେ ଏତେସଂଖ୍ୟକ ମାମଲା ରୁଜୁ କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ସବୁବେଳେ ଲଢ଼େଇ ଜାରି ରଖିଥିବାରୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ତାଙ୍କୁ ବାରମ୍ବାର ଜେଲ୍ ପଠାଯାଇଥିବା ରବିଦାସ କହିଛନ୍ତି। ତେବେ ତାଙ୍କ ବିରୋଧରେ ଏତେସଂଖ୍ୟକ ମାମଲା ରୁଜୁ ହୋଇଥିଲେ ମଧ୍ୟ ସେଥିମଧ୍ୟରୁ ଗୋଟିଏ ବି ଆପରାଧିକ ମାମଲା ନଥିବା ସେ କହିଛନ୍ତି।

ସେ ଏମ୍‌ପି ଭାବେ ନିର୍ବାଚିତ ହେଲେ, ଜାତି, ସମ୍ପ୍ରଦାୟ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଜୀବନରେ ବିକାଶ ଆଣିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତାଙ୍କ ଦଳ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ବିଷୟରେ ସେ ନିଜ ଭୋଟରଙ୍କୁ ଅବଗତ କରାଉଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ଥିବା ଏବଂ ମହିଳା ଓ ଶିଶୁ ସୁରକ୍ଷିତ ନଥିବା କହି ଏଥର ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି ରବିଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚଳିତ ଥର ଲକ୍ଷ୍ନୌ ଲୋକ ସଭା ଆସନରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ତାଙ୍କର ମୁକାବିଲା ହେବ। ଆସନ୍ତା ମାସ ୨୦ରେ ଲକ୍ଷ୍ନୌ ଆସନରେ ଭୋଟିଂ ହେବ।



**ନାହିଁ କୌଣସି ଆପରାଧିକ ମାମଲା**

# ପୁଅ ଅଭ୍ୟାନଙ୍କ ସହ ୱାର୍କଆଉଟ୍ କଲେ ଦିୟା

ମୁମ୍ବାଇ

ବଲିଉଡ୍‌ର ଷ୍ଟାର୍ ଅଭିନେତ୍ରୀମାନଙ୍କ ମଧ୍ୟରୁ ଦିୟା ମିର୍ଜା ଅନ୍ୟତମ। ସେ ନିଜର ନିଖୁଣ ଅଭିନୟ ଦ୍ୱାରା ବହୁବାର ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସଫଳ ହୋଇଛନ୍ତି। ମିସ୍ ଏସିଆ ୨୦୦୦ ଟାଇଟଲ୍ ଜିତିଥିବା ଦିୟା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ରୁହନ୍ତି। ସୋମବାର ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଦିୟା ତାଙ୍କ ପୁଅ ଅଭ୍ୟାନଙ୍କ ସହ ୱାର୍କ୍‌ଆଉଟ୍ କରୁଛନ୍ତି।

ଅଭିନେତ୍ରୀ ଦିୟା ମିର୍ଜା କେବଳ ପରଦାରେ ନୁହେଁ ରିଅଲ ଲାଇଫରେ ମଧ୍ୟ ବହୁ ଫିଟ୍ ରୁହନ୍ତି। ସେ ନିଜ ଫିଟ୍‌ନେସ ପାଇଁ ପ୍ରତ୍ୟେକ ଦିନ ଅନେକ ବ୍ୟାୟାମ କରିଥାନ୍ତି। ସୋମବାର ଦିୟା ନିଜ ଇନ୍‌ଷ୍ଟାଗ୍ରାମରେ ଏକ ୱାର୍କଆଉଟ୍ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କ ପୁଅ ଅଭ୍ୟାନଙ୍କୁ କୋଳରେ ଧରି ବ୍ୟାୟାମ କରୁଛନ୍ତି। ସେ ନିଜ ଫିଟ୍‌ନେସ ସହ ପୁଅ ଅଭ୍ୟାନର ଫିଟ୍‌ନେସ ପ୍ରତି ମଧ୍ୟ ଭଲ ଭାବେ ଯତ୍ନ ନେଉଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ଦିଆ ଓ ଅଭ୍ୟାନଙ୍କ ୱାର୍କଆଉଟ ଭିଡିଓକୁ ଅନେକ ଇନଷ୍ଟାଗ୍ରାମ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଫେବୃଆରୀ ୧୫, ୨୦୨୧ରେ ଅଭିନେତ୍ରୀ ଦିୟା ବିଶିଷ୍ଟ ବ୍ୟବସାୟୀ ବୈଭବ ରେଖୀଙ୍କ ସହ ଦ୍ୱିତୀୟ ବିବାହ କରିଥିଲେ। ଦିୟାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ତାଙ୍କୁ ଶେଷ ଥର ପାଇଁ ଗତ ବର୍ଷ ରିଲିଜ୍ ହୋଇଥିବା ତରୁଣ ଦୁଦେଜାଙ୍କ ନିର୍ଦ୍ଦେଶିତ 'ଧକ୍ ଧକ୍' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ରତ୍ନା ପାଠକ ଶାହା, ଫତିମା ସାନା ଶେଖ୍‌ଙ୍କ ସହ ଦିୟା ମୁଖ୍ୟ ଭୂମିକାରେ ନଜର ଆସିଥିଲେ।



# ଗର୍ବ, ଉତ୍ସାହର ସହ ମତଦାନ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୪(ଅସମାପିକା ସାହୁ)

ନିର୍ବାଚନରେ ଗର୍ବ ଏବଂ ଉତ୍ସାହର ସହ ମତଦାନ କରିବାକୁ ରାଜ୍ୟପାଳ ରଘୁବର ଦାସ ସୋମବାର ଓଡ଼ିଶାବାସୀଙ୍କୁ ଆହ୍ୱାନ କରିଛନ୍ତି। ସାରା ଦେଶରେ ସର୍ବାଧିକ ମତଦାନ କରି ଆମ ରାଜ୍ୟ ଓଡ଼ିଶା ଇତିହାସ ସୃଷ୍ଟି କରୁ। ଆସନ୍ତୁ ଏକାଠି ହୋଇ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମତଦାନ କରିବା ବୋଲି ସେ କହିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି, ଏହି ନିର୍ବାଚନରେ ଆପଣ ଦେଶ ଓ ରାଜ୍ୟର ବିକାଶ, ସମୃଦ୍ଧି ପାଇଁ ସରକାର ଚୟନ କରିବାକୁ ମତଦାନ କରିବେ। ୪ଟି ପର୍ଯ୍ୟାୟରେ ଆପଣଙ୍କ ଲୋକସଭା/ବିଧାନସଭା ସହ ଜଡ଼ିତ ମତଦାନରେ ଭାଗ ନିଅନ୍ତୁ। ବିକାଶରେ ଆପଣଙ୍କର ଅଂଶ୍ରଗହଣ ସୁନିଶ୍ଚିତ କରନ୍ତୁ ଏବଂ ଦେଶରେ ରେକର୍ଡ ସଂଖ୍ୟକ ମତଦାନ କରିବାର ଗୌରବ ଓଡ଼ିଶା ପ୍ରାପ୍ତ କରୁ। ଏଥିସହିତ ଜଣେ ସଚେତନ ନାଗରିକ ଭାବେ ଭୋଟ ଦେବାକୁ ଆପଣଙ୍କ ଆଖପାଖର ଲୋକଙ୍କୁ ନିବେଦନ କରନ୍ତୁ। ସେହିଭଳି ପ୍ରଥମଥର ଭୋଟ ଦେଉଥିବା ଯୁବପିଢ଼ିଙ୍କୁ ମଧ୍ୟ ଏକ ବିକଶିତ ଓଡ଼ିଶା ଏବଂ ଭାରତ ଗଠନ ପାଇଁ ଗର୍ବ ଓ ଗୌରବ ସହିତ ଭୋଟ୍ ଦେବାକୁ ରାଜ୍ୟପାଳ ଅପିଲ କରିଛନ୍ତି।



ସରକାରୀ ନିର୍ଦ୍ଦେଶକୁ କିଏ ମାନୁଛି... ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୁବନେଶ୍ୱର ଡିସିପି ଅଫିସ୍ ପରିସରରେ ଏକ ନିର୍ମାଣାଧୀନ କୋଠାରେ ସୋମବାର ପୂର୍ବାହ୍ନ ୧୧ଟା ପରେ ଶ୍ରମିକମାନେ ବିପଜ୍ଜନକ କାମ କରୁଛନ୍ତି।

# ଟ୍ରେନରୁ ସନ୍ଦେହଜନକ ଭାବେ ୨୧ ନାବାଳକ ଉଦ୍ଧାର

**ବାଳାଶ୍ରମରେ ରଖି ଯାଞ୍ଚ କରୁଛି ସିଡବ୍ଲ୍ୟୁସି**

ବାଲେଶ୍ୱର, ୨୯।୪(ମାନସ ବିଶ୍ୱାଳ)

ହାୱଡ଼ାରୁ ଭୁବନେଶ୍ୱର ଆସୁଥିବା ଏକ ଟ୍ରେନରେ ସନ୍ଦେହଜନକ ଭାବେ ୨୧ ସଂଖ୍ୟାଲଘୁ ନାବାଳକଙ୍କୁ ରେଳବାଇ ପୋଲିସ ଉଦ୍ଧାର କରି ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ବାଳାଶ୍ରମକୁ ହସ୍ତାନ୍ତର କରିଛି। ଶିଶୁ ମଙ୍ଗଳ ବିଭାଗର ଅଧିକାରୀ ଏବଂ ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ ନାବାଳକଙ୍କ ପରିଚୟ ଖୋଜିବା ସହ ପିଲାମାନେ କେଉଁଠୁ କେଉଁଠିକୁ ଯାଉଥିଲେ, ତାଙ୍କୁ କିଏ ନେଇ ଯାଉଥିଲା, କାହିଁକି ନେଉଥିଲା ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ଭଳି ବିଭିନ୍ନ ଦିଗ ଉପରେ ତଦନ୍ତ ଜାରି ରଖିଛି।

ବିହାର ରାଜ୍ୟରୁ ୨୧ ସଂଖ୍ୟାଲଘୁ ନାବାଳକଙ୍କୁ ନେଇ ଜଣେ ଯୁବକ ହାୱଡ଼ାରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଟିକେଟ କାଟି ଗୋଟିଏ ବଗିରେ ବସିଥିଲେ। ଉକ୍ତ ବଗିର ଅନ୍ୟ ଯାତ୍ରୀମାନେ ନାବାଳକଙ୍କ ଆଚାର ବ୍ୟବହାରରେ ସନ୍ଦେହ ପ୍ରକାଶ କରି ଖଡ଼ଗପୁରଠାରେ ରେଳବାଇ ପୋଲିସ (ଆର୍‌ପିଏଫ୍)କୁ ଖବର ଦେଇଥିଲେ। ଖଡ଼ଗପୁର ରେଳ ଷ୍ଟେଶନର ପର ଷ୍ଟେଶନରେ ଆର୍‌ପିଏଫ୍ ପୋଲିସ ଉକ୍ତ ନାବାଳକଙ୍କୁ ଠାବ କରି ବାଲେଶ୍ୱର ରେଳଷ୍ଟେଶନରେ ଓହ୍ଲାଇ ବାଲେଶ୍ୱର ଆରପିଏଫ୍ ସହାୟତାରେ ରବିବାର ମଧ୍ୟରାତିରେ ବାଳାଶ୍ରମକୁ ହସ୍ତାନ୍ତର କରିଥିଲେ। ପରେ ସୋମବାର ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ ଦେବସ୍ମିତା ବାରିକ, ଜିଲା ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ୍ ଡ. ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟ ଡ. ଶତ୍ରୁଘ୍ନ ମଲ୍ଲିକ, ପ୍ରିୟରଞ୍ଜନ ମହାନ୍ତି, ଅନିତା କର ଉକ୍ତ ନାବାଳକଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ସେମାନେ ଯାଜପୁରର ବ୍ରହ୍ମବରଦାରେ ଏକ ମଦ୍ରାସା ଅନୁଷ୍ଠାନରେ ପଢୁଛନ୍ତି ବୋଲି ଯୁବକ ଜଣକ କହିଥିଲେ। ହେଲେ କେଉଁ ପରିସ୍ଥିତିରେ ସେ ୨୧ନାବାଳକଙ୍କୁ ବିହାରରୁ ଆଣୁଥିଲେ, ସେ ବାବଦରେ ଉତ୍ତରରେ ତାଳମେଳ ନ ଥିଲା। ନାବାଳକମାନଙ୍କୁ ଉଦ୍ଧାର ପରେ ବାଲେଶ୍ୱରର କିଛି ବ୍ୟକ୍ତି ଜିଲା ଶିଶୁ ମଙ୍ଗଳରେ ପହଞ୍ଚି ସେମାନଙ୍କୁ ଛାଡ଼ି ଦେବାପାଇଁ ଚାପ ପକାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବସ୍ମିତା ବାରିକ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ମଲ୍ଲିକ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ନାବାଳକଙ୍କୁ ଅସ୍ଥାୟୀ ଭାବେ ଅଟକ ରଖାଯାଇଛି। ଉକ୍ତ ନାବାଳକଙ୍କ ମଧ୍ୟରୁ ୩/୪ଜଣ ବିହାର ରାଜ୍ୟ ଆରିହା ଜିଲାର ସଂଖ୍ୟାଲଘୁ ନାବାଳକ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟମାନଙ୍କର ପରିଚୟ ମିଳିପାରି ନାହିଁ।

ଜିଲା ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ୍ ଡ. ମୃତ୍ୟୁଞ୍ଜୟ ପଣ୍ଡା କହନ୍ତି, ବିହାର ରାଜ୍ୟର ଆରିହା ଜିଲାର ଡିସିପିଓଙ୍କ ସହ ଯୋଗାଯୋଗ କରାଯାଇଛି। ସେମାନଙ୍କ ପରିଚୟ ମିଳିଲେ ଆଇନ୍ ଅନୁସାରେ ପରିବାରଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କୁ ଛାଡ଼ିଦିଆଯିବ।

# ୧୫ ଦିନ ଡରେଇଲାଣି ତାତି, ୪୫ ଡିଗ୍ରୀ ଟପିବ

ଭୁବନେଶ୍ୱର, ୨୯।୪ (ଅସମାପିକା ସାହୁ)

ରାଜ୍ୟରେ ଗତ ୧୫ ଦିନ ହେଲାଣି ପ୍ରବଳ ଖରାତାତି ସହ ଗୁଳୁଗୁଳି ଜାରି ରହିଛି। ଚଳିତବର୍ଷର ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମପ୍ରବାହ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୫ ଓ ୬ ତାରିଖ ଦୁଇଦିନ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ଏହାପରେ ୧୫ ତାରିଖରୁ ଆଜି ପର୍ଯ୍ୟନ୍ତ ଛଟପଟ ହେଉଛି ସାରା ରାଜ୍ୟ। ଗତବର୍ଷ ଏପ୍ରିଲରେ ସର୍ବାଧିକ ୫ଦିନ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏବେ ଆହୁରି ୪ଦିନ ଏପରିସ୍ଥିତି ଲାଗି ରହିବା ସମ୍ଭାବନା ଥିବାବେଳେ ଆସନ୍ତା ଦୁଇଦିନ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ବିଭିନ୍ନ ଜିଲାକୁ ଦୁଇଦିନ ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରର ତାତି ଆହୁରି ଭୟଙ୍କର ହେବ। ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ। ତେଣୁ କଟକ- ଭୁବନେଶ୍ୱର ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେଉଥିବାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଉଛି।

ସୋମବାର ମଧ୍ୟ ରାଜ୍ୟର ୩୨ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ବେଳେ ୪ ସହରରେ ୪୪ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ବାରିପଦା ୪୪.୮ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ଥିବାବେଳେ ଦେଶର ୪ର୍ଥ ସ୍ଥାନରେ ରହିଥିଲା। ସେହିପରି ଅନୁଗୋଳରେ ୪୪.୩, ବୌଦ୍ଧ ୪୪.୧, ତାଳଚେର ୪୪, ଟିଟିଲାଗଡ଼ ୪୩.୫, ଢେଙ୍କାନାଳ ୪୩.୨, ଭବାନୀପାଟଣା, ନୟାଗଡ଼, ମାଲକାନଗିରି, ବଲାଙ୍ଗୀର, କେନ୍ଦୁଝର ଓ ନୂଆପଡ଼ାରେ ୪୩, ଝାରସୁଗୁଡ଼ା ଓ ସମ୍ବଲପୁରରେ ୪୨.୯, କଟକ ଓ ଯାଜପୁରରେ ୪୨.୫, ରାଉରକେଲା ୪୨.୪, କେନ୍ଦ୍ରାପଡ଼ା ଓ ଭଦ୍ରକରେ ୪୨, ସୋନପୁର ଓ ହୀରାକୁଦରେ ୪୧.୯, ସୁନ୍ଦରଗଡ଼ ୪୧.୮, ପାରଳାଖେମୁଣ୍ଡି ୪୧.୭, ବାଲେଶ୍ୱର, ଫୁଲବାଣୀ ଓ ବରଗଡ଼ରେ ୪୧.୪, ଭୁବନେଶ୍ୱରରେ ୪୧.୩, ଖୋର୍ଦ୍ଧା ୪୧, ଛତ୍ରପୁର, ୪୦.୮, ଚାନ୍ଦବାଲି ୪୦.୭, ଜଗତ୍‌ସିଂହପୁର ୪୦.୬ ଓ ରାୟଗଡ଼ାରେ ୪୦ ଡିଗ୍ରୀ ତାପମତ୍ରା ରେକର୍ଡ କରାଯାଇଛି। ସେପଟେ ମଙ୍ଗଳବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ ଓ ଖୋର୍ଦ୍ଧା ଜିଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଥିବାବେଳେ ସମ୍ବଲପୁର, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ନୂଆପଡ଼ା, ସୁନ୍ଦରଗଡ଼, ରାୟଗଡ଼ା ଓ ଝାରସୁଗୁଡ଼ାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

## ଅଂଶୁଘାତରେ ଆଉ ଜଣେ ମୃତ

ଭୁବନେଶ୍ୱର, ୨୯।୪ (ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ମୃତ ବ୍ୟକ୍ତି ଜଣଙ୍କ ଢେଙ୍କାନାଳ ଜିଲାର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଅଂଶୁଘାତରେ ୨୫୭ଜଣ ଆକ୍ରାନ୍ତ ହୋଇଛନ୍ତି। ସୁନ୍ଦରଗଡ଼ରେ ସର୍ବାଧିକ ୬୦ଜଣ ଓ ମୟୂରଭଞ୍ଜରେ ୪୦ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡିଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ବାଲେଶ୍ୱର ଭୋଗରାଇରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିଲା। ଏ ନେଇ ଗତ ୧୯ ତାରିଖରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଥିଲେ। ତେବେ ଏହାବ୍ୟତୀତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଅଂଶୁଘାତଜନିତ ମୃତ୍ୟୁ ନେଇ ଅଭିଯୋଗ ଆସୁଥିଲେ ମଧ୍ୟ ଆବଶ୍ୟକ ପ୍ରମାଣ ନ ଥିବାରୁ ତାହା ସରକାରୀ ଭାବେ ଘୋଷଣା ହୋଇପାରି ନାହିଁ। ଅନେକ କ୍ଷେତ୍ରରେ ଲୋକେ ଘଟଣା ସମ୍ପର୍କରେ ଥାନା କିମ୍ବା ପ୍ରଶାସନକୁ ନ ଜଣାଇ ମୃତଦେହକୁ ସତ୍କାର କରିଦେଇଥିବା ଜଣାପଡିଛି।

# ୫ ଆନ୍ତଃ ରାଜ୍ୟ ଡକାୟତ ଗିରଫ, ମାରଣାସ୍ତ୍ର ଜବତ



ଗିରଫ ଡକାୟତ ଓ ଜବତ ମାରଣାସ୍ତ୍ର

ନୂଆପଡ଼ା, ୨୯।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ଶନିବାର ରାତ୍ରିରେ ପାଟ୍ରୋଲିଂ କରୁଥିବା ସମୟରେ ୫ ଆନ୍ତଃ ରାଜ୍ୟ ଡକାୟତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ବାଗବାହାର ଥାନା ପୋଟରପଡା ୱାର୍ଡ ନଂ.୧୪ର ବିରୁ ନାଗ (୨୮), ରବି କୁମାର ପାଣ୍ଡେ (୨୨), ଆସୁ ଦାସ (୧୯), ଓମ୍ ସାଗର (୧୯) ଓ ରୁପେଶ ତାଣ୍ଡି (୧୯)। ସେମାନଙ୍କଠାରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ମୋବାଇଲ, ୩ଟି ଛୁରି ଓ ଗୋଟିଏ କଟୁରି ଜବତ କରିଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡାକଡି କରୁଛି। ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ଓ ଏସ୍‌ଆଇ ସୀତାକାନ୍ତ ଖମାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଖରିଆର ରୋଡ ଓ ଛତିଶଗଡ ସୀମାନ୍ତ ଜୋଙ୍କ ନଦୀ କୂଳରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଆନ୍ତଃ ରାଜ୍ୟ ଡାକାୟତ ଦଳକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଏହି ଡକାୟତ ଦଳ ଜୋଙ୍କ ନଦୀ କୂଳ ଶାନ୍ତି ଉଦ୍ୟାନ ନିକଟରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ହାବୁଡରେ ପଡିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯୯/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ଅରବିନ୍ଦ ମେହେର ସୂଚନା ଦେଇଛନ୍ତି।

# ଏନ୍‌କାଉଣ୍ଟରରେ ଗ୍ୟାଙ୍ଗ ମୁଖ୍ୟ ଆହତ

ଢେଙ୍କାନାଳ, ୨୯।୪(ରତନ ନାୟାର)/ କାମାକ୍ଷାନଗର, (ସୁଧୀର ପରିଡ଼ା)

- ୧୮ ମାମଲାରେ ସମ୍ପୃକ୍ତି ଅଭିଯୋଗ
- ବନ୍ଧୁକ, ଗୁଳି, ବୋମା ସହ ଟଙ୍କା ଜବତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପୁରୁଣା ଆଳତୁମା ଖୁଣ୍ଟାପଶି ଗୁଣ୍ଡିଚାନାଳୀ ଜଙ୍ଗଲରେ ସୋମବାର ସକାଳ ୫ଟା ୩୫ରେ ପୋଲିସ ଏନ୍‌କାଉଣ୍ଟରରେ କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗର ମୁଖ୍ୟ ସୁବାସ ଖୁଣ୍ଟିଆ ଓରଫ୍ ବୁବୁନା ଆହତ ହୋଇଛନ୍ତି। ଏକ ବଡ଼ଧରଣର ଅପରାଧ ପାଇଁ ଗ୍ୟାଙ୍ଗର ସଦସ୍ୟମାନେ ପ୍ରସ୍ତୁତ ହେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ କାମାକ୍ଷାନଗର ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଗ୍ୟାଙ୍ଗର ସଦସ୍ୟମାନେ ପ୍ରଥମେ ଗୁଳି ଚଳାଇବା ସହ ବୋମା ପକାଇଥିଲେ। ପରେ ପୋଲିସ ପକ୍ଷରୁ ୨ ରାଉଣ୍ଡ୍ ଗୁଳିମାଡ଼ ହୋଇଥିଲା। ଏଥିରେ ଗ୍ୟାଙ୍ଗ ମୁଖ୍ୟ ସୁବାସ ଆହତ ହୋଇଥିଲେ। ତାଙ୍କ ଡାହାଣ ଗୋଡ ଆଣ୍ଠୁତଳ ଓ ପାଦରେ ଗୁଳି ବାଜିଥିଲା। ଗ୍ୟାଙ୍ଗର ୨ଜଣ ଖସିଯାଇଥିବା ବେଳେ ପୋଲିସ ସୁବାସଙ୍କୁ କାବୁ କରିନେଇଥିଲା। ତାଙ୍କୁ ପ୍ରଥମେ କାମାକ୍ଷାନଗର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ନଗଦ ୨ହଜାର ଟଙ୍କା, ଗୋଟିଏ ଅଫୁଟା ବୋମା ଜବତ କରିଛି। ଏହି ଘଟଣାରେ ଜଣେ ପୋଲିସ କନଷ୍ଟେବଳ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ପୋଲିସ କହିଛି, ସୁବାସଙ୍କ ନାମରେ ମୋଟ ୧୮ଟି ମାମଲା ଥିବାବେଳେ ସେଥିରୁ ୧୬ ମାମଲା କାମାକ୍ଷାଗର ଥାନାରେ ରହିଛି। ଗୋଟିଏ ମାମଲା ତୁମୁସିଙ୍ଗା ଥାନା ଏବଂ ଆଉ ଏକ ମାମଲା ପରଜଙ୍ଗ ଥାନାରେ ରୁଜୁ ହୋଇଛି। ବିଭିନ୍ନ ହତ୍ୟା, ହତ୍ୟା ଉଦ୍ୟମ, ରାହାଜାନି, ଲୁଣ୍ଠନ, ଦାଦାବଟି ଆଦାୟ ଆଦି ଅପରାଧରେ ସମ୍ପୃକ୍ତ ରାକେଶ ନାଥଙ୍କ ପ୍ରମୁଖ ସହଯୋଗୀ ହେଉଛନ୍ତି ସୁବାସ। ରାକେଶ ଏକ ହତ୍ୟା ମାମଲାରେ ଜେଲ ଭିତରେ ବିଚାରାଧୀନ କଏଦୀ ଭାବେ ରହିଥିବା ବେଳେ ସୁବାସ ଜାମିନରେ ଆସି ସହଯୋଗୀଙ୍କ ସହ ବିଭିନ୍ନ ସ୍ଥାନରେ ଅପରାଧ ଘଟାଇ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲେ। ସୁବାସଙ୍କୁ ଧରିବା ପାଇଁ ପ୍ରାୟ ଏକମାସ ହେବ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଧୀରେନ ବେହେରାଙ୍କ ନେତୃତ୍ୱରେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ପାତ୍ର, ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ଓ ଏସ୍‌ଆଇ ସୌମ୍ୟରଞ୍ଜନ ମହାନ୍ତି ଏହି ଚଢାଉରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ କହିଛନ୍ତି, ଏନକାଉଣ୍ଟର ହୋଇଥିବା ସୁବାସ ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ। ତାଙ୍କର ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଜାଗାରେ ଚଢଉ ଜାରି ରହିଛି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ।



ଏନ୍‌କାଉଣ୍ଟରରେ ଆହତ ହୋଇଥିବା କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗ ମୁଖ୍ୟ ସୁବାସ ଖୁଣ୍ଟିଆ।

# ମହୁମାଛି ଆକ୍ରମଣରେ ୧୨ ଶିକ୍ଷାର୍ଥୀ ଗୁରୁତର

କାମାକ୍ଷାନଗର, ୨୯।୪(ସୁଧୀର ପରିଡ଼ା)

କାମାକ୍ଷାନଗର ଥାନା ବାଲିଗୋରଡ଼ଠାରେ ଥିବା ସାପୁଆ ଡ୍ୟାମ ନିକଟରେ ସୋମବାର ମହୁମାଛିଆକ୍ରମଣରେ ୧୨ ଶିକ୍ଷାର୍ଥୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡିଛି, ରହଣିସ୍ଥିତ ସଂସ୍କାର ପବ୍ଲିକ ସ୍କୁଲର ପ୍ରାୟ ୯୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ସମର କ୍ୟାମ୍ପ ପାଇଁ ସାପୁଆ ଡ୍ୟାମ ଆସିଥିଲେ। ମାତ୍ର କ୍ୟାମ୍ପ ଆରମ୍ଭ ହେବା ମାତ୍ରେ ପାଖରେ ଥିବା ଆମ୍ବତୋଟାରୁ ମହୁମାଛି ଆସି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ୧୨ ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଥିବାବେଳେ ସ୍କୁଲର କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଆହତ ହୋଇଥିଲେ। ସମସ୍ତଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହେଉଥିବାବେଳେ ମ୍ୟାରୀ ଦେବୀ, ଆୟୁଷି ପ୍ରିୟଦର୍ଶିନୀ ଓ ଚିନ୍ମୟୀ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

# ମଧ୍ୟପ୍ରଦେଶରୁ ଜଣଙ୍କୁ ଧରିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୯।୪(ସତ୍ୟଜିତ୍ ରାଉତ)

**ନକଲି ଚେକ୍‌ରେ ଡିଏମ୍‌ଏଫ୍ ଆକାଉଣ୍ଟରୁ ୯.୬ କୋଟି ହଡ଼ପ ଘଟଣା**

- ମାଓବାଦୀପ୍ରବଣ ଅଞ୍ଚଳରେ ଲୁଚିଥିଲେ, ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଗଲା
- ୫ ରାଜ୍ୟରେ ଗ୍ୟାଙ୍ଗ ସକ୍ରିୟ, ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ତନାଘନା



ଗିରଫ ଅଭିଯୁକ୍ତ

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ ଥିବା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ର ଆକାଉଣ୍ଟରୁ ନକଲି ଚେକ୍ ଜରିଆରେ ୯.୬ କୋଟି ଟଙ୍କା ହଡ଼ପ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି ଇଓଡବ୍ଲ୍ୟୁ। ସେ ହେଲେ ମଧ୍ୟପ୍ରଦେଶ ବାଲଘାଟ ଜିଲା କିର୍ନାପୁର ଥାନା ଅନ୍ତର୍ଗତ ବଙ୍ଗାଲିଟୋଲାର ପୋମେଶ ଟେମ୍ବାରେ। ଶୁକ୍ରବାର ପୋମେଶଙ୍କୁ ଗିରଫ ପରେ ବାଲଘାଟ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ସୋମବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପୋମେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଧ୍ୟପ୍ରଦେଶର ଏକ ମାଓବାଦୀପ୍ରବଣ ଗ୍ରାମରେ ପୋମେଶ ମୋବାଇଲ ସୁଇଚ୍ ଅଫ୍ କରି ଲୁଚିଥିବାବେଳେ ସ୍ଥାନୀୟ ପୋଲିସ ଓ ସିଏପିଏଫ୍ ଯବାନଙ୍କ ସହାୟତାରେ ଇଓଡବ୍ଲ୍ୟୁ ତାଙ୍କୁ ଧରିବାରେ ସକ୍ଷମ ହୋଇଛି।

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଉକ୍ତ ଆକାଉଣ୍ଟରୁ ଟଙ୍କା ହଡ଼ପ ଜଣାପଡିବା ପରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ସୁଜାତା କାନୁନ୍‌ଗୋ ସ୍ଥାନୀୟ ଭଞ୍ଜପୁର ଥାନାରେ ଏତଲା ଦେଇଥିଲେ। ଏପ୍ରିଲ ୧୯ରେ ପୋଲିସ ମାମଲା (ନଂ.୯୫/୨୦୨୪) ରୁଜୁ କରିଥିଲା। ପରେ ଇଓଡବ୍ଲ୍ୟୁ ଏହାର ତଦନ୍ତ ଭାର ନେଇ ନିଜ ପକ୍ଷରୁ ଏକ ମାମଲା (ନଂ.୫/୨୦୨୪) ରୁଜୁ କରିଥିଲା। ଅଭିଯୁକ୍ତମାନେ ଗତ ଏପ୍ରିଲ ୧୦ରେ ୨ଟି ନକଲି ଚେକ୍ ଜରିଆରେ ପ୍ରଥମେ ଡିଏମ୍‌ଏଫ୍ ଜମାଖାତାରୁ ୪.୫୨ କୋଟି ଓ ୧୮ ତାରିଖରେ ଆଉ ୨ଟି ନକଲି ଚେକ୍ ଜରିଆରେ ୫.୦୪ କୋଟି ଟଙ୍କା ଉଠାଇ ନେଇଥିଲେ। ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟର ଓ ଏସ୍‌କେ ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିଲା। ତେବେ ଗିରଫ ପୋମେଶ୍ ଉକ୍ତ କମ୍ପାନୀର ମାଲିକ ବୋଲି ତଦନ୍ତବେଳେ ଜଣାପଡିଥିଲା। କିନ୍ତୁ ଉକ୍ତ ଆକାଉଣ୍ଟରୁ ଅନେକ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ହୋଇଛି। ଏହି ବେଆଇନ କାରବାର ହୋଇଥିବା ୩୩ ଆକାଉଣ୍ଟରେ ୫ କୋଟି ୪ ଲକ୍ଷ ୬ ହଜାର ୯୦୦ ଟଙ୍କା ବ୍ଲକ୍ କରାଯାଇଥିବାବେଳେ ୧୩ ଲକ୍ଷ ୫୬ ହଜାର ୯୪୮ ଟଙ୍କା ଫ୍ରିଜ୍ କରାଯାଇଛି। ପିଟି କନ୍‌ଷ୍ଟ୍ରକ୍ସନ୍ ରାୟପୁରରେ ପରିଚାଳନା ହେଉଥିବାବେଳେ ଏହାକୁ କେବଳ ଠକେଇ ପାଇଁ ଖୋଲାଯାଇଥିଲା। ପୋମେଶ ଏକ ବଡ଼ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ର୍‍ୟାକେଟ ସକ୍ରିୟ ରହିଛି। ତେବେ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

# ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିଆଁ

- ଧୂଆଁରେ ଅଣନିଃଶ୍ୱାସୀ ହୋଇ ୩ କର୍ମଚାରୀ ଅସୁସ୍ଥ
- ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ବାରିପଦା, ୨୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜୋନାଲ ଶାଖାର ଦ୍ୱିତୀୟ ମହଲାରେ ସୋମବାର ଅପରାହ୍ନରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ଯୋଗୁ ପ୍ରବଳ ଧୂଆଁରେ ୩ କର୍ମଚାରୀ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

ବ୍ୟାଙ୍କର ଦ୍ୱିତୀୟ ମହଲାରେ ଥିବା କ୍ୟାଣ୍ଟିନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଧୂଆଁ ଉଠିବା ପରେ କର୍ମଚାରୀମାନେ ଭୟଭୀତ ହୋଇ ତଳକୁ ଦୌଡ଼ିବାରେ ଲାଗିଥିଲେ। ଧୂଆଁ ବାହାରକୁ ବାହାରିବା ପରିବର୍ତ୍ତେ ସିଡି ଦେଇ ତଳକୁ ବାହାରିଥିଲା। ଫଳରେ କର୍ମଚାରୀମାନେ ବାହାରକୁ ବାହାରିବାରେ ଅସୁବିଧା ସୃଷ୍ଟି ହୋଇଥିଲା। କ୍ୟାଣ୍ଟିନରେ ଜଣେ ମହିଳା ଓ ୨ ପୁରୁଷ କର୍ମଚାରୀ ଫସି ରହି ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ୨ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡରେ ବ୍ୟାଙ୍କର କିଛି କ୍ଷତି ହୋଇ ନ ଥିବା ବେଳେ କ୍ୟାଣ୍ଟିନର ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିଥିବା କୁହାଯାଉଛି। ତଦନ୍ତ ପରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହେବ ବୋଲି ଅଗ୍ନିଶମ ବିଭାଗ କହିଛି। ତେବେ ବ୍ୟାଙ୍କରେ ଅଗ୍ନି ନିର୍ବାପକ ସିଲିଣ୍ଡର ରଖାଯାଇଥିଲେ ମଧ୍ୟ ବ୍ୟବହାର କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ବ୍ୟାଙ୍କରେ ଜରୁରୀକାଳୀନ ପ୍ରସ୍ଥାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବା ଓ ବିଭାଗୀୟ ଗାଇଡ୍ ଲାଇନକୁ ଅଣଦେଖା କରାଯାଇଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ କହିଛନ୍ତି, ବ୍ୟାଙ୍କକୁ ଯିବା ଆସିବା କରିବା ପାଇଁ କେବଳ ଗୋଟିଏ ମାତ୍ର ସିଡି ରହିଛି। ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ଭାବେ ହୋଇ ନ ଥିବା ବେଳେ ବିଭାଗୀୟ ଅନୁମୋଦନ ସମ୍ପର୍କରେ ତଦନ୍ତ ଜାରି ରହିଛି। ସେହିପରି ବ୍ୟାଙ୍କ ପକ୍ଷରୁ ବ୍ୟବସାୟ ନିମନ୍ତେ ମ୍ୟୁନସିପାଲିଟିରୁ କୌଣସି ଅନୁମତି ନିଆଯାଇ ନ ଥିବା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଏ ସଂକ୍ରାନ୍ତରେ ଜୋନାଲ ମ୍ୟାନେଜରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।




ନିଆଁ ଲାଗିବା ପରେ ବ୍ୟାଙ୍କ ପରିସରରେ ଲୋକେ ଭିଡ଼ ଜମାଇଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମାରାଥନ ଫର ଭୋଟର୍ସ ସଚେତନତା, ସ୍ଥାନ: ଇନଫୋସିଟି ଛକ, ସମୟ: ସକାଳ ୬ଟା।
- ବିଜେଡି ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ଶୋଭାଯାତ୍ରା, ସ୍ଥାନ: ମାଉସୀମା ଛକ, ସମୟ: ସକାଳ ୯ଟା ୩୦।
- ଲିଟିଲଷ୍ଟାର ଗ୍ରୁପର ୨୨ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର (ଉତ୍ତର) ସିପିଆଇ ପ୍ରାର୍ଥୀ ଶଙ୍କର୍ଷଣ ବାରିକଙ୍କ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଶୋଭାଯାତ୍ରା, ସ୍ଥାନ: କମ୍ୟୁନିଷ୍ଟ ପାର୍ଟି ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦିତା ଦାସଙ୍କ ସହ ଟକ୍ ଶୋ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା।
- ହାପିନେସ୍- ଟେନସନ୍ ବାଏବାଏ କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୫ଟା ୩୦।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୫ଟା ୩୦।
- ପୂର୍ବତନ ବିଧାୟକ ଡ. ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ଶ୍ରାଦ୍ଧ ବାର୍ଷିକ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଏକ ଦିବସୀୟ ଧର୍ମସତ୍ର 'ଆର୍ଯ୍ୟ ଆଷ୍ଟାଙ୍ଗିକ ମାର୍ଗ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ 'ଶ୍ରୀଜଗନ୍ନାଥାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ନିମାପଡ଼ା ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ଦାଶଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପ୍ରାକ୍ଟିସିଂ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଟ ବଜାର, ନିମାପଡ଼ା, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ନଗର କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ମା' ସପ୍ତମାତୃକା ବିଜେସ୍ଥଳୀ ପରିସର, ସର୍ବପଡ଼ା, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୮ନଂ. ୱାର୍ଡ଼, ତାରିଣୀ ମନ୍ଦିର ଛକ, ମଠସାହି, ବାଲେଶ୍ୱର, ସମୟ: ସକାଳ ୭ଟା ୩୦ ମିନିଟ୍।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୧୦ନଂ. ୱାର୍ଡ଼ ସିଦ୍ଧେଶ୍ୱର ମନ୍ଦିର ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦ ମିନିଟ୍।

- କଂଗ୍ରେସର ସଂକଳ୍ପ ସମାବେଶ, ସ୍ଥାନ: ଥାନା ଛକ, ଭୋଗରାଇ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଶ୍ରୀ ଶ୍ରୀ ହନୁମାନଙ୍କ ବାର୍ଷିକୋତ୍ସବ, ସ୍ଥାନ: ବଳିବିନ୍ଧା, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପାର ପଦଯାତ୍ରା, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଆନ୍ଦୋଳ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମପୁର, ବନ୍ତ, ସମୟ: ଅପରାହ୍ନ ୪ଟା।
- ମା' ସିଦ୍ଧବାସୁଳୀଙ୍କ ପୀଠରେ ଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବେଗନା, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମକୃଷ୍ଣପୁର, ବନ୍ତ, ସମୟ: ଅପରାହ୍ନ ୫ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଫ୍ଲଡ଼ଲାଇଟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଏ.ବି. ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମୌସୁଧା, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ରମ୍ଭିଲା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ରାତି ୮ଟା।

## କେନ୍ଦୁଝର

- ଏକ୍ସ ପ୍ଲୋରେକ୍ସ ୨୦୨୪, ସ୍ଥାନ: ଡିମ୍ପୋ ଦାନି ଗ୍ରୁପ ଅଫ ସଂସ୍ଥାନ ପରିସର, କେନ୍ଦୁଝର ସଦର, ସମୟ: ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଲୟର ଆସୋସିଏଶନର ଅଧିବେଶନ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ୩୦।

## ବ୍ରହ୍ମପୁର

- ଏବିଭିପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନେହେରୁ ନଗର ୯ମ ଲେନ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା, ସମୟ: ସକାଳ ୯ ଟା।
- ଭଞ୍ଜନଗର କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ଘଟ ପରିକ୍ରମା,ସ୍ଥାନ:ମାହାଡାଗାଣ୍ଡା,ସମୟ: ସନ୍ଧ୍ୟା ୬ ଟା।
- ଦେବ ସଭାର ଯାପନୀ,ସ୍ଥାନ:ଗବାଟବାଡ଼ି ଗ୍ରାମ,ସମୟ:ସକାଳ ୭ଟା।

## ସମ୍ବଲପୁର

- ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଏବଂ ରେଙ୍ଗାଲୀ ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ଭାଜପା ମିଶ୍ରଣ କାର୍ଯ୍ୟକ୍ରମ, ସ୍ଥାନ:ହାଉସିଂବୋର୍ଡ କଲୋନୀ, ସମୟ:ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସୀଚାଳନା ଏକାଦଶ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ଷଷ୍ଠ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଦ୍ୱାଦଶ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ଶ୍ରୀରାମ ଲୀଳା ନାଟକର ଚତୁର୍ଦ୍ଦଶ ଦିବସ, ସ୍ଥାନ: ବାଗବର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଦଯାତ୍ରା ଜରିଆରେ ବିଜେଡିର ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ଶକ୍ତିପ୍ରଦର୍ଶନ, ସ୍ଥାନ: ସୁବର୍ଣ୍ଣପୁର ସହର, ପୂର୍ବାହ୍ନ ୧୦ଟା।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ବିନିକା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଝୁଙ୍ଗୁରି ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ଦୁର୍ଗା ମନ୍ଦିରରେ ସନ୍ଧ୍ୟା ଆଳତୀ, ସ୍ଥାନ: ବିନିକା ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ଶ୍ରୀରାମ ଲୀଳା ନାଟକର ବିଭୀଷଣ ସରଣ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତ୍ରି ୧୧ଟା।
- ରାମଲୀଳା ନାଟକରେ ରାବଣ ବଧ ପରିବେଷଣ, ସ୍ଥାନ: ତିକୁଡା,ଉଲୁଣ୍ଡା ବ୍ଲକ, ସମୟ : ରାତ୍ରୀ ୧୧ଟା।
- ଶ୍ରୀରାମ ଲୀଳା ନାଟକ ରାମ ଅଭିଷେକ ପରିବେଷଣ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୧ଟା।

## ରାଉରକେଲା

- ହନୁମାନ ଟେମ୍ପଲ ଟ୍ରଷ୍ଟର ରୌପ୍ୟ ଜୟନ୍ତୀ ଦ୍ୱିତୀୟ ଦିବସ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ରାଉରକେଲା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ବିର୍ସାମୁଣ୍ଡା ଛକ, ସମୟ: ସକାଳ ସାଢ଼େ ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସଞ୍ଚାର ପଡ଼ିଆ ହାଟପଦା, ବରଗଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଶ୍ରୀରାମ ନବମୀ ପାରାୟଣ, ସ୍ଥାନ: କେସିଙ୍ଗା ବ୍ଲକ୍‌ର ବାଲସି ଗ୍ରାମସ୍ଥିତ ଘୋଡାବହାଲି, ସମୟ: ଅପରାହ୍ନ ୪ଟା।

- ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡକର ଛକ ନିକଟ ଶ୍ୟାମଜୀ ରାଇସମିଲ, ସମୟ: ସକାଳ ୬ଟା।
- ଭାଜପା ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ ଓ ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କ ମାରାଥନ ପ୍ରଚାର, ସ୍ଥାନ: କର୍ଲାପଡା, ଭବାନୀପାଟଣା ବ୍ଲକ, ସମୟ: ପୂର୍ବାହ୍ନ ୯ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖଡିଆଳ ବ୍ଲକ ଶରଧାପୁର ପଞ୍ଚାୟତ ଢକସର ଗ୍ରାମ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଚର୍ତୁଦଶ ସନ୍ଧ୍ୟାରେ ନାଟକ ମହୀରାବଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, କନ୍ଧମାଳ, ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଚତୁର୍ଦ୍ଦଶ ଦିବସ, ନାଟକ ରାବଣ ବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କନ୍ଧମାଳ, ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଚତୁର୍ଦ୍ଦଶ ଦିବସ ନାଟକ ରାବଣ ବଧ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତର ମଲିକୁଦର ରାମାୟଣ ନାଟକର ଚତୁର୍ଦ୍ଦଶ ଦିବସ ନାଟକ ଶ୍ରୀରାମଙ୍କ ରାଜ୍ୟାଭିଷେକ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସର ନାଟକ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା
- ବାଉଁଶୁଣୀ ଶ୍ରୀରାମଲୀଳା ମହୋତ୍ସବର ଚତୁର୍ଦ୍ଦଶ ଦିବସର ନାଟକ ମହୀରାବଣ ବଧ, ସ୍ଥାନ: ବାଉଁଶୁଣୀ ଛକ, ସମୟ: ରାତି ୧୦ଟା।

## ଦେବଗଡ଼

- ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ଶୀତଳା ଠାକୁରାଣୀଙ୍କ ସପ୍ତମୀ ପୂଜା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ରେଲୱେ କଲୋନୀ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଆମ୍ ଆଦମୀ ପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

## ଜଗତ୍‌ସିଂହପୁର

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ, ସାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ତିର୍ତ୍ତୋଲ ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଆନନ୍ଦ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ପୁରୁଷୋତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା ।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କଂସାର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଷଷ୍ଠ ବାର୍ଷିକ ସାଇ ଯଜ୍ଞର ଦ୍ୱିତୀୟ ଦିବସ,ସ୍ଥାନ: ବରୀ ବ୍ଲକ ବାଲିବିଲ ପଞ୍ଚାୟତ, ସମୟ: ସକାଳ ୬ଟା ।
- ବିଜେଡି କର୍ମୀ ସମାବେଶ, ସ୍ଥାନ: ଓଡିଶୋ ପଞ୍ଚାୟତ, ରସୁଲପୁର ବ୍ଲକ, ସମୟ:ସନ୍ଧ୍ୟା ୬ଟା।
- ଯାଜପୁର ଅନ୍ୱେଷଣ ଥିଏଟରର ଗ୍ରୁପ ପକ୍ଷରୁ ପଥଚାରୀମାନଙ୍କୁ ଜଳସେବା, ସ୍ଥାନ: ଯାଜପୁର ଟାଉନ୍ ଗାନ୍ଧୀ ଛକ, ସମୟ: ସକାଳ ୮ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ପୌରପରିଷଦର ୮ ନମ୍ବର ୱାର୍ଡ ହାରୋ ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ୭ଟା।
- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବାରକଣା ଖେଳ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: କମାଗଡ ମା' ହିଙ୍ଗୁଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ନୟାଗଡର ଉମାକାନ୍ତ ସାହୁଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ, ସ୍ଥାନ: ଯାଜପୁର ରୋଡ୍ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ରାତି ସାଢେ ୭ଟା।

## ନୟାଗଡ଼

- ଦଶପଲ୍ଲା କାଷ୍ଠ ମୁଖା ରାମଲୀଳା ଏକାଦଶ ଦିବସରେ ରାବଣ ବଧ, ସ୍ଥାନ: ଦଶପଲ୍ଲା ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଖଣ୍ଡପଡ଼ା ରାମଲୀଳାର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଗଡଭିତର ସାହି, ସମୟ: ରାତି ୯ଟା।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ପାଇଁ ନାମାଙ୍କନ ପତ୍ର ବିକ୍ରି, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ୭୮ତମ ବାଜି ରାଉତ ଛାତ୍ରାବାସ ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତି ମନ୍ଦିର ସମୟ: ପୂର୍ବାହ୍ନ ୯ଟା୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ରାୟଗଡ଼ା

- କାଶୀପୁର ବ୍ଲକ ବିଜେଡି ପକ୍ଷରୁ ମିନି ମାରାଥନ, ସ୍ଥାନ: ମାଇକଞ୍ଚ ଗ୍ରାମ, ସମୟ: ପୂର୍ବାହ୍ନ: ୧୧ଟା ୩୦।

## ନବରଙ୍ଗପୁର

- ମାଁ ଠାକୁରାଣୀଙ୍କ କଳସୀ ଯାତ୍ରା ଉଦଯାପନ, ସ୍ଥାନ: ଡାବୁଗାଁ କଳସୀ ମଣ୍ଡପ, ସମୟ: ଅପରାହ୍ନ ୪ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ସାଧାରଣ ସ୍ଥିତିରୁ ଅସାଧାରଣ ସ୍ଥିତିରେ ଉପନୀତ ହେବାର ସୁଯୋଗ ପ୍ରାପ୍ତ କରିବେ। ଏପରିକି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ର ମଧ୍ୟ ମନ୍ଦ ହେବନାହିଁ । ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଆପଣଙ୍କ ପାଇଁ ଦିନଟି ସବୁ ଦିଗରୁ ଭଲ, କିନ୍ତୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ବିରୁଦ୍ଧାଚରଣ କରିପାରନ୍ତି। ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** ଯିଏ ଯାହା କହୁନା କାହିଁକି ଆପଣ କାହା କଥା ନ ଶୁଣି ନିଜ କାମରେ ମନ ଦେଲେ ସବୁ କିଛି ଠିକ୍ ହୋଇଯିବ। ପରିସ୍ଥିତି ଓଲଟା ହେବା ଫଳରେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟରେ ସଫଳତା ମିଳିବ ଏବଂ ତଦନୁସାରେ ଖର୍ଚ୍ଚର ଦିଗ ମଧ୍ୟ ବ୍ୟାପକ ହୋଇପାରେ।

**କର୍କଟ** ଆଜି ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ସାମ୍ନାରେ କିଛି କହିବାକୁ ସାହସ କରିପାରିବେ ନାହିଁ। ସାମଗ୍ରିକ ଦିଗରୁ ପୂର୍ବଠାରୁ ବର୍ତ୍ତମାନର ସ୍ଥିତି ଆକାଶପାତାଳ ଫରକ ଅନୁଭବ କରିବେ। ଅର୍ଥଲାଭ, ଉଚ୍ଚପଦବୀ ପ୍ରାପ୍ତି ସହ କାର୍ଯ୍ୟସିଦ୍ଧିର ସ୍ୱାଦ ପାଇବେ। ପୁନର୍ବସୁ ନକ୍ଷତ୍ରର ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ** ଆଜି କଳାର ଚମତ୍କାରିତା ଓ କ୍ରୀଡ଼ାର କୌଶଳ ଏବଂ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ଅନ୍ୟମାନଙ୍କ ପ୍ରୀତିଭାଜନ ହେବେ। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇବେ। ମାଲିମକଦ୍ଦମାର ବିଚାର ବିଳମ୍ବ ହେବ। ପରିବାରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ନୀଚଜନଙ୍କ ବିରୋଧାଭାସ, ଭୁଲ୍ ବିଚାରଧାରା ଏବଂ ଅନ୍ୟମାନଙ୍କ କାନକୁହା କଥା ସଫଳତାରେ ଅନ୍ତରାୟ ସୃଷ୍ଟି କରିପାରେ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧାର ଅଭାବ ଅନୁଭବ କରିପାରନ୍ତି। ଘର ଲୋକଙ୍କୁ ଉପେକ୍ଷାକଲେ ଅନୁତାପ କରିବାକୁ ପଡ଼ିପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ଭଲମନ୍ଦର ଦୋଛକିରେ ଦୈହିକ ଓ ମାନସିକ ସ୍ଥିତିର ସନ୍ତୁଳନ ରକ୍ଷାରେ ସମର୍ଥ ହେବେ। ବ୍ୟବସାୟ ଭଲରେ ଚାଲିବ ଓ ପାରିବାରିକ ଜୀବନ ମଧ୍ୟମ ପ୍ରକାର ରହିବ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ପ୍ରଶାସନିକ ସ୍ତରରେ କାର୍ଯ୍ୟଭାର ବୃଦ୍ଧି ଜନିତ ଆଜି ବ୍ୟସ୍ତତାର ସମୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ସମୟ ଅତିବାହିତ ହୋଇପାରେ। କିନ୍ତୁ କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ।

**ଧନୁ** ଆଜି ଯେମିତି ଭାବୁଛନ୍ତି ସେମିତି କାର୍ଯ୍ୟ ସମ୍ପନ୍ନରେ କୌଣସି ବ୍ୟତିକ୍ରମ ରହିବ ନାହିଁ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ରାଜନୀତିରେ ପ୍ରଶଂସିତ ହେବେ ଏବଂ ମାଲିମକଦ୍ଦମାର ସମାଧାନ ଘଟିବ।

**ମକର** ଆଜି କୌଣସି ରକ୍ଷଭାଷା ଓ ଅର୍ଥ ସମ୍ପର୍କିତ ବିବାଦ ଦୁଶ୍ଚିନ୍ତାର କାରଣ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। କେତେକ କ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ ହୋଇପାରନ୍ତି ।

**କୁମ୍ଭ** ମନରେ ବିକ୍ଷିପ୍ତ ଭାବନା ଜାଗ୍ରତ ହେଲେ ମଧ୍ୟ କାର୍ଯ୍ୟ ହାସଲ ପାଇଁ ପ୍ରତିବନ୍ଧକ ସାଜିବ ନାହିଁ। ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ।

**ମୀନ** ନିଜର ଲୋକପ୍ରିୟତା ଓ ବାକ୍‌ବିଳାସ ମାଧ୍ୟମରେ ପ୍ରତ୍ୟେକ କାମ ହାସଲ କରିବେ। ମାତ୍ର ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଏପ୍ରିଲ ୩୦ ତାରିଖ, ବୈଶାଖ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୦।୩୫ ଗତେ ମକରଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୨ ଗତେ, ୧୦।୨୭ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୪ ଗତେ, ଘ.୦୪।୩୦ ମଧ୍ୟେ ରାହୁକାଳ ।

**ପ୍ରଥମ ପୃଷ୍ଠାରୁ...**

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ...

ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ସଂରକ୍ଷଣ କୋଟାକୁ ହ୍ରାସ କରାଯାଇ ଧର୍ମ ଆଧାରରେ ମୁସଲମାନଙ୍କୁ ଦିଆଯାଇଥିବା ଅସାମ୍ବିଧାନିକ ସଂରକ୍ଷଣ ହଟାଇବା ସମ୍ପର୍କରେ ଶାହା କହିଥିଲେ। ଏହାକୁ ଏଡିଟ୍ କରାଯାଇଥିବା ଭାଜପା ମୁଖପାତ୍ର ଅମିତ୍ ମାଲବ୍ୟ ଅଭିଯୋଗ କରିଛନ୍ତି। କଂଗ୍ରେସର ଅନେକ ମୁଖପାତ୍ର ଉକ୍ତ ଫେକ୍ ଭିଡିଓକୁ ପୋଷ୍ଟ କରିଛନ୍ତି। ସେମାନେ ଆଇନଗତ ପରିଣାମ ପାଇଁ ପ୍ରସ୍ତୁତ ରହିବାକୁ ହେବ ବୋଲି ମାଲବ୍ୟ କହିଛନ୍ତି।

## ଆରମ୍ଭ ହେଲା...

ସମସ୍ତ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ୍ ଗ୍ରହଣ ହେବ। ତେବେ ସମ୍ବଲପୁର ଲୋକ ସଭା କ୍ଷେତ୍ରର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ କିଛିଟା ସମୟ ପରିବର୍ତ୍ତନ କରାଯାଇଛି। କୁଚିଣ୍ଡା, ରେଢାଖୋଲରେ ସକାଳ ୭ଟାରୁ ୪ଟା ମଧ୍ୟରେ ଭୋଟ୍ ଗ୍ରହଣ ସମୟ ନିର୍ଦ୍ଧାରଣ କରାଯାଇଛି। ସେହିପରି ଦେବଗଡ଼ରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଭୋଟ୍ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ରେଙ୍ଗାଲି, ସମ୍ବଲପୁର, ଛେଣ୍ଡିପଦା ଓ ଆଠମଲ୍ଲିକରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ମତଦାନ ଚାଲିବ। ଏହି ପର୍ଯ୍ୟାୟରେ ସମସ୍ତ ସିଟ୍‌ରେ ସବୁ ଦଳର ହେଭିୱେଟ୍ ନିର୍ବାଚନ ଲଢୁଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ମେ' ୧୩ରେ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ମେ' ୨୦ରେ ଓଡ଼ିଶାରେ ଭୋଟ ଗ୍ରହଣ ହେବ।

## ପ୍ରଥମ ଦିନରେ...

ଆଠଗଡ଼ରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଲାଙ୍ଗୀରରୁ ସଙ୍ଗୀତା ସିଂଦେଓ, ବ୍ରଜରାଜ ନଗରରୁ କିଶୋର ପଟେଲ, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା ଓ କେନ୍ଦୁଝରରୁ ଧନୁର୍ଜୟ ସିଦ୍ଧୁ। ପ୍ରବଳ ଖରା ସତ୍ତ୍ୱେ ପ୍ରାର୍ଥୀମାନେ ଦଳ ବଳ ନେଇ ବିରାଟ ପଟୁଆରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସୋମବାର ଆଠଗଡ଼ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ନାମାଙ୍କନ ଦାଖଲ କରିଛନ୍ତି।

ସେହିପରି ରାଉରକେଲା ବିଧାନସଭାରୁ ଭାଜପା ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବହୁ ସଂଖ୍ୟାରେ ସମର୍ଥକଙ୍କୁ ସାଙ୍ଗରେ ନେଇ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରଘୁନାଥପାଲି ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ, ବୀରମିତ୍ରପୁର ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ସେହିପରି ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଓ ପିପିଲି ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ସମର୍ଥକଙ୍କ ସହ ବିଶାଳ ରାଲିରେ ଆସି ନାମାଙ୍କନ ଦାଖଲ କରିଛନ୍ତି। ସମ୍ବିତ ପାତ୍ର ପୁରୀ ଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଆଶ୍ରିତ ପଟ୍ଟନାୟକ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି ମଧ୍ୟ ସମର୍ଥକଙ୍କୁ ନେଇ ବିଶାଳ ଶୋଭାଯାତ୍ରା କରିବା ସହ ନାମାଙ୍କନ ଭରିଛନ୍ତି। ଅନ୍ୟପକ୍ଷରେ ସତ୍ୟବାଦୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଓ ସ୍ୱାଧୀନ ପ୍ରାର୍ଥୀ ହରେକୃଷ୍ଣ ସିଂହାରୀ ମଧ୍ୟ ନାମାଙ୍କନ ଭରିଛନ୍ତି।

ଅନ୍ୟପକ୍ଷରେ ବଲାଙ୍ଗୀର ସଂସଦୀୟ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇଥିବା ସଂଗୀତା ସିଂଦେଓ ବିଶାଳ ପଟୁଆରରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ, ନବୀନ ଜୈନ, ଗୋପାଳଜୀ ପାଣିଗ୍ରାହୀ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହିତ ବ୍ରଜରାଜନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶୋର ପଟେଲ ପ୍ରବଳ ଖରା ସତ୍ତ୍ୱେ ବିଶାଳ ରାଲିରେ ଆସି ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି।

ସେହିପରି କେନ୍ଦୁଝର ଲୋକ ସଭା ବିଜେଡି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଆଦିବାସୀ ନୃତ୍ୟ, ମାଦଳ, ଢୋଲ ବଜାଇ ନାଚ ଗୀତ ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼, ତେଲକୋଇ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାୟକ, କେନ୍ଦୁଝର ବିଧାନସଭା ପ୍ରାର୍ଥୀ ମୀନା ମାଝୀ, କରଞ୍ଜିଆ ବିଧାୟକ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ, ଜିଲା ବିଜେଡି ସଭାପତି କୁଶ ଆପଟ, ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟ ଶଙ୍କର ଚକ୍ରଙ୍କ ସହିତ ହଜାର ହଜାର ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଆଗାମୀ ଦିନରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଆହୁରି ଜୋର ଧରିବ।

## ଆଜି ହିଞ୍ଜିଳିରୁ ନାମାଙ୍କନ...

ହିଞ୍ଜିଳି ଅଭିମୁଖେ ଯାତ୍ରା କରିବେ। ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ତାରାତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ମାଆଙ୍କ ଆଶୀର୍ବାଦ ନେଇ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନ ୧୨ଟା ୩୫ରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟ ସ୍ଥାନୀୟ ନେତା ଉପସ୍ଥିତ ରହିବେ। ୨୦୦୦ରୁ ନବୀନ ହିଞ୍ଜିଳିରୁ ବିଧାୟକ ରହି ଆସିଛନ୍ତି। ଚଳିତ ନିର୍ବାଚନରେ ସେ ହିଞ୍ଜିଳି ସହିତ କଣ୍ଟାବାଞ୍ଜିରୁ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। ହିଞ୍ଜିଳିରୁ ତାଙ୍କ ବିପକ୍ଷରେ ଭାଜପାରୁ ଶିଶିର ମିଶ୍ର ଓ କଂଗ୍ରେସରୁ ରଞ୍ଜିକାନ୍ତ ପାଢ଼ୀ ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ମେ ୨୦ରେ ହିଞ୍ଜିଳିରେ ମତଦାନ ହେବ।

## ସିବିଆଇ ତଦନ୍ତ ଉପରେ...

ସ୍କୁଲ୍‌ଗୁଡ଼ିକରେ ନିଯୁକ୍ତ ସମସ୍ତ ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତିକୁ ଗତ ସପ୍ତାହରେ କାଲ୍‌କାଟା ହାଇକୋର୍ଟ ରଦ୍ଦ କରିଦେଇଥିଲେ। ସମ୍ପୃକ୍ତ ଶିକ୍ଷକମାନେ ନେଇଥିବା ବେତନକୁ ୧୨ ପ୍ରତିଶତ ସୁଧ ସହ ଫେରାଇବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସାନି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ପଶ୍ଚିମବଙ୍ଗ ସ୍କୁଲ୍ ସେବା କମିଶନ (ଡବ୍ଲ୍ୟୁବିଏସ୍ଏସ୍‌ସି)କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିକ୍ଷକ ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଖାଲି ପଦବୀ ତୁଳନାରେ ଅଧିକ ପଦବୀ ସୃଷ୍ଟି କରିବା ପଛର ମାଷ୍ଟରମାଇଣ୍ଡଙ୍କୁ ସିବିଆଇ ହାଜତକୁ ନେଇ ଜେରା କରିପାରିବ ବୋଲି ଅଦାଲତ କହିଥିଲେ। ସିବିଆଇ ତଦନ୍ତ ହୋଇଥିଲେ ବହୁ ମନ୍ତ୍ରୀ ଗିରଫ ହୋଇଥାନ୍ତେ ବୋଲି ଆଶଙ୍କା କରାଯାଉଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଝିଅକୁ ବଞ୍ଚାଇବାକୁ ଯାଇ ନଦୀରେ ବୁଡ଼ି ବାପା ମୃତ

**ରାହାମା,୨୯।୪(ଶ୍ରୀକାନ୍ତ ଦାସ)**

ଝିଅକୁ ବଞ୍ଚାଇବାକୁ ଯାଇ କୁଜଙ୍ଗ ଥାନା ଅନ୍ତର୍ଗତ ବାଣସରା-ତିତିରିସ୍ଥିତ ପାଇକା ନଦୀରେ ବାପା ବୁଡ଼ିଗଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରିଡି ବ୍ଲକ ଅଡଙ୍ଗ ଗ୍ରାମର ମାଧବାନନ୍ଦ ମହାପାତ୍ର (୪୦)। ସେ କୁଜଙ୍ଗ ଥାନା ଅଧୀନ କାଠକୋଟ ପଞ୍ଚାୟତ ଅନ୍ତର୍ଗତ ବାଣସରା ଗ୍ରାମରେ ଭଡ଼ାରେ ରହୁଥିବାବେଳେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଅପରାହ୍ନ ସମୟରେ କାମରୁ ଫେରିଥିଲେ। ଅତ୍ୟଧିକ ଗରମ ଅନୁଭୂତ ହେବାରୁ ୧୨ ବର୍ଷର ଝିଅକୁ ନେଇ ମାଧବାନନ୍ଦ ପାଇକା ନଦୀରେ ନିର୍ମାଣାଧୀନ ପୋଲ ପାଖକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଝିଅର ଗୋଡ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ମାଧବାନନ୍ଦ ନିଜେ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ତିର୍ତ୍ତୋଲ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ଖୋଜାଖୋଜି କରି ମାଧବାନନ୍ଦଙ୍କ ମୃତଦେହ ପାଇଥିଲେ। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବର୍ଷାଙ୍କ ଭୋଟ ପ୍ରଚାର ଆରମ୍ଭ

**ଚଣ୍ଡିଖୋଲ,୨୯।୪(ପ୍ରଦୀପ୍ତ କୁମାର ପୃଷ୍ଟି)**



ଯାଜପୁର ଜିଲା ବଡ଼ଚଣା ବିଧାନ ସଭା କ୍ଷେତ୍ର ପାଇଁ ବିଜୁ ଜନତା ଦଳ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଘୋଷଣା ପରେ ସୋମବାର ପ୍ରଥମ କରି ଦର୍ପଣ ପଞ୍ଚାୟତ ଗସ୍ତ କରି ପ୍ରଚାର ଆରମ୍ଭ କରିଛନ୍ତି। ସେ ପ୍ରଥମେ ପଞ୍ଚାୟତର ପ୍ରତ୍ୟେକ୍ଷ ଦେବୀ ମା କୋଟ୍ରାକ୍ଷୀଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଏହାପରେ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଦର୍ପଣ ପଞ୍ଚାୟତରେ ଥିବା ମୁସଲିମ ବସ୍ତି ବାସିନ୍ଦାଙ୍କ ସହ ଯାଇ ମସ୍‌ଜିଦକୁ ଯାଇଥିଲେ। ଗ୍ରାମକୁ ଗସ୍ତ କରି ବିଭିନ୍ନ ଲୋକଙ୍କୁ ସାକ୍ଷାତ କରିବା ସହ ଭୋଟ ଭିକ୍ଷା କରିଥିଲେ। ମହିଳା ମିଶନ ଶକ୍ତିର ମାଆ ମାନେ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବର୍ଷାଙ୍କ ସହ ଜିଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ,ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ବ୍ଲକ ସଭାପତି ଅରବିନ୍ଦ ସାମଲ, ରାଜ୍ୟ ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ସରପଞ୍ଚ ଯଯାତୀ କେଶରୀ ରାଉତ ଓ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ରାସ୍ତାପାର୍ଶ୍ୱକୁ ଓଲଟିଲା ବରଯାତ୍ରୀ ବସ୍: ୫୦ ଆହତ, ୧୬ ଗୁରୁତର

ବାଲିକୁଦା,୨୯।୪(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ତିହୁଡ଼ି-ନହରଣା ରାସ୍ତାର ଶୋଭାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଏକ ବରଯାତ୍ରୀ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରୁ ବିଲକୁ ଓଲଟି ପଡିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଆହତ ହୋଇଥିବା ବେଳେ ୧୬ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ୮ରୁ ୧୦ ଜଣ ନାବାଳକ ରହିଛନ୍ତି। ଖବରପାଇ ୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗୁରୁତରମାନଙ୍କ




ମଧ୍ୟରୁ ମାନସ କାଣ୍ଡି(୪୨), ସୁଷମା କାଣ୍ଡି(୬୦), ରଥ କାଣ୍ଡି (୬୫), ଦିଲୀପ କାଣ୍ଡି, ବୁଲିକାଣ୍ଡି (୫୪), ଜନିଆ କାଣ୍ଡି (୪୫), ମାଳତୀ କାଣ୍ଡି (୪୦), ଉଲ୍ଲାସ ବହିରା (୪୫), ନାଗା କାଣ୍ଡି(୨୮)ଙ୍କ ବ୍ୟତୀତ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି।

ମିଳିଥିବା ସୂଚନା ମୁତାବକ, ବାଲିକୁଦା ବ୍ଲକ ବନ୍ଦର ମେରାଇନ୍ ଥାନା ଅନ୍ତର୍ଗତ ଧନୁହରବେଲାରୀ ଗାଁର ଗୋବିନ୍ଦ କାଣ୍ଡିଙ୍କ ପୁଅ ମଳୟରଞ୍ଜନ କାଣ୍ଡିଙ୍କର ବାହାଘର ଗୋପାଳପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ଉତ୍ସବରେ ବରଯାତ୍ରୀଙ୍କୁ ନେବା ପାଇଁ ବାବା ମଣି ( ଓଡି-୦୨-ସିଏଫ୍-୫୨୬୪ ନମ୍ବର) ନାମକ ଏକ ଘରୋଇ ବସ୍ ଆସିଥିଲା। ବରଯାତ୍ରୀମାନେ ବିବାହ ଉତ୍ସବରେ ଯୋଗଦେଇ ଭୋଜି ଖାଇ ଉକ୍ତ ବସ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉକ୍ତ ରାସ୍ତାରେ ବସ୍ ଆସୁଥିବାବେଳେ ଚାଳକଙ୍କ ଆଖି ଲାଗିଯିବାରୁ ବାମ ପଟକୁ ମାଡ଼ିଯାଇ ୮ରୁ ୧୦ ଫୁଟ ତଳେ ଥିବା ବିଲକୁ ଓଲଟି ପଡ଼ିଥିଲା।

## ପ୍ରସାଦ ଖାଇ ୨୫ରୁ ଊର୍ଦ୍ଧ୍ୱ ଅସୁସ୍ଥ

ବେତନଟୀ,୨୯।୪ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମରେ ମନ୍ଦିର ପ୍ରସାଦ ଖାଇ ଛୋଟ ପିଲାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସମସ୍ତେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଏହି ଗ୍ରାମର ଟଙ୍କଧର ରାଉତଙ୍କ ଶ୍ରାଦ୍ଧ ଦିବସ ଥିଲା। ତାଙ୍କ ଭାଇ ଦିଲୀପ ରାଉତ ବେତନଟୀ ନିକଟସ୍ଥ ହନୁମାନ ମନ୍ଦିରରୁ ପ୍ରସାଦ ମଗାଇଥିଲେ। ଶ୍ରାଦ୍ଧ ଦିବସ ଭୋଜିରେ ବନ୍ଧୁ ବାନ୍ଧବ, ପଡ଼ୋଶୀ ଓ ପରିବାର ଲୋକେ ଖାଇବା ପରେ କିଛି ପ୍ରସାଦ ବଳକା ରହିଯାଇଥିଲା। ଏହି ବଳକା ପ୍ରସାଦକୁ ନିକଟସ୍ଥ ବେଣାଗଇଆ ସାହିର ଛୋଟ ପିଲାଙ୍କ ସମେତ ବଡ଼ ଲୋକଙ୍କୁ ମଧ୍ୟ ସନ୍ଧ୍ୟାରେ ଖାଇବାକୁ ଦିଆଯାଇଥିଲା। ଉକ୍ତ ପ୍ରସାଦ ଖାଇଥିବା ସମସ୍ତଙ୍କର ସୋମବାର ଝାଡ଼ା, ବାନ୍ତି ଆରମ୍ଭ ହୋଇଯାଇଥିଲା। ଅସୁସ୍ଥମାନଙ୍କୁ ବାଇକ୍ ଓ ଆମ୍ବୁଲାନ୍ସ ଯୋଗେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅସୁସ୍ଥ ଭୂମି ମାଝୀ, ଊର୍ମିଳା ଜେନା, କଳ୍ପନା ବାରିକ, ପ୍ରିୟଙ୍କା ସୋରେନ, ତପନ ହାଁସଦା, ନାକୁଲା ମୁର୍ମୁ, ଶିବରାମ ମାଝୀ, ଝୁଲୁ ସୋରେନ, ରଣଜିତ ମୁର୍ମୁ,


ଡାକ୍ତରଖାନାରେ ଚିକିତ୍ସାଧୀନ ଅସୁସ୍ଥମାନେ।

ମାମାଲି ମାରାଣ୍ଡି, ଦେବୀ ହାଁସଦା, ଇଲିସା ସୋରେନ, ବୈଦ୍ୟନାଥ ମାରାଣ୍ଡି, ପୁରୁଷୋତ୍ତମ ମୁର୍ମୁ, ସାବିତ୍ରୀ ମାଝୀ, ଧରିତ୍ରୀ ମାଝୀ, ପୁଟୀ ମାଝୀ ପ୍ରମୁଖ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥଙ୍କ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ବାସି ଖାଦ୍ୟ ଖାଇ ଲୋକେ ଏଭଳି ଅସୁସ୍ଥ ହୋଇପଡ଼ିଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ବଡ଼ସାହି ବିଧାୟକ ସନାତନ ବିଜୁଳି, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ସାମାଜିକ କର୍ମୀ ଉଜ୍ଜ୍ୱଳ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, ଯୁବନେତା ସୁଧାକର ପଣ୍ଡା ପ୍ରମୁଖ ଡାକ୍ତରଖାନା ଯାଇ ଅସୁସ୍ଥମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଯବାନଙ୍କ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି,୨୯।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ଜିଲାରେ ସୋମବାର ଡିଆର୍‌ଜି ଯବାନଙ୍କ ସହ ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକେ ଆହତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସୋମବାର ସକାଳେ ଡିଆର୍‌ଜି ଯବାନମାନେ ସୁକ୍‌ମା ଜିଲା ସଲାତୋଗ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଲାଗି ବାହାରିଥିଲେ। ଉକ୍ତ ଅଞ୍ଚଳରେ ପହଞ୍ଚିଲା ପରେ ମାଓବାଦୀମାନେ ଯବାନମାନଙ୍କୁ ଦେଖି ପ୍ରଥମେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳିଚାଳନା କରିଥିବା ସୂଚନା ମିଳିଛି। ତେବେ ଏହି ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଯବାନ ଏଥିରେ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ତେବେ ରିପୋର୍ଟ ଲେଖିବା ସୁଦ୍ଧା ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି।

# ମାଓବାଦୀ ଗତିବିଧି, ନିର୍ବାଚନ ସମୀକ୍ଷା କଲେ ଡିଜିପି

ନୂଆପଡ଼ା,୨୯।୪ (ମକାରୁ ବେମାଲ)

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ କୁମାର ଷଡଙ୍ଗୀ ସୋମବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ମାଓବାଦୀ ଗତିବିଧି ଓ ସାଧାରଣ ନିର୍ବାଚନ ଉପରେ ସମୀକ୍ଷା କରିଛନ୍ତି। ପ୍ରଥମେ ସେ ମାଓବାଦୀ ପ୍ରବଣ ସୁନାବେଡ଼ା ଅଭୟାରଣ୍ୟର ଧରମବନ୍ଧା ଅଞ୍ଚଳକୁ ଯାଇ ମାଓବାଦୀ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଉଚ୍ଚ ପଦାଧିକାରୀଙ୍କ ସହିତ ଜିଲାରେ ମାଓବାଦୀ ଗତିବିଧି, ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବରେ କରିବା ପାଇଁ ଆଲୋଚନା କରିଥିଲେ।

ଏଠାରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଷଡ଼ଙ୍ଗୀ ସୂଚନା ଦେଇ କହିଥିଲେ, ଗତ ଜାନୁଆରୀ ପ୍ରଥମ ସପ୍ତାହରେ ନିର୍ବାଚନ ସମ୍ବନ୍ଧୀୟ ସବୁପ୍ରକାର ପଦକ୍ଷେପ ନିଆଯାଇଥିଲା। ରାୟଗଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲାରେ ଏ ନେଇ ସମୀକ୍ଷା କରିଥିଲୁ। ନୂଆପଡ଼ା ଓ କଳାହାଣ୍ଡି ଜିଲା ବାକି ରହିଯାଇଥିଲା। ଏହି ଦୁଇ ଜିଲାରେ ମାଓବାଦୀମାନଙ୍କ ଗତିବିଧି ରହିଛି। ବିଶେଷ କରି ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ ଅଞ୍ଚଳରେ ମାଓବାଦୀ ସକ୍ରିୟ ରହିଛନ୍ତି। ଏହି ଦୁଇଟି ସୀମାନ୍ତ ଜିଲାରେ ୧୩ଟି ଆନ୍ତଃ ରାଜ୍ୟ ସୀମା ରହିଛି। ସୀମାନ୍ତ ଅଞ୍ଚଳରେ କଡାକଡି ଭାବରେ ଯାଞ୍ଚ ଚାଲିଛି। ଜିଲାରେ ୧୦ ସେକ୍ସନ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମହଜୁଦ ଅଛନ୍ତି। ଆହୁରି ସୁରକ୍ଷା ବାହିନୀ ଆସିବା ଯୋଜନା ରହିଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାକ୍ ପ୍ରସ୍ତୁତି, ସୀମା ସୁରକ୍ଷା ପୋଷ୍ଟ ନିର୍ମାଣ, ବେଆଇନ ଚୋରାମଦ କାରବାର, ମାଦକ ଦ୍ରବ୍ୟ, ଫ୍ଲାଇଂ ସ୍କ୍ୱାଡ୍ ଗଠନ, ଯାଞ୍ଚ, ଫ୍ଲାଗ୍‌ମାର୍ଚ୍ଚ ଆଦି ଉପରେ ଡିଜିପି ସମୀକ୍ଷା କରିଛନ୍ତି। ତାଙ୍କ ସହିତ ଏଡିଜିପି କଟକ ସଞ୍ଜୟ କୁମାର, ଏଡିଜି ପୋଲିସ ଅପରେଶନ ଭୁବନେଶ୍ୱର ଏସ୍ ଦେବଦତ୍ତ ସିଂ, ଡିଆଇଜି ଭୁବନେଶ୍ୱର ଡ. କନୱର ବିଶାଲ ସିଂ, ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କୋରାପୁଟ ଚରଣ ସିଂ ମୀନା, ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ସୂଚନା ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କ୍ଷେତକୁ ସୁନ୍ଦର ବାର ଫସଲ**
**ଦେହକୁ ସୁନ୍ଦର ବୁଦ୍ଧି ଅକଲ।**

ସାଧାରଣତଃ କ୍ଷେତଟି ଫସଲରେ ପରିପୂର୍ଣ୍ଣ ଥିବାବେଳେ ଏହା ଆଖିକୁ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଠିକ୍ ସେହିପରି ବୁଦ୍ଧି ଓ ବିବେକ ମଣିଷର ବ୍ୟକ୍ତିତ୍ୱକୁ ପ୍ରକାଶ କରୁଥିବାବେଳେ ସମାଜରେ ଏଭଳି ବ୍ୟକ୍ତିଙ୍କୁ ଯଶ ଓ ସମ୍ମାନ ମିଳିଥାଏ। ରୂପ କେବଳ ବାହ୍ୟ ସୌନ୍ଦର୍ଯ୍ୟକୁ ପ୍ରକାଶ କରିଥାଏ, ଯେତେବେଳେ କି ବୁଦ୍ଧି ଓ ବିବେକ ମଣିଷର ଅନ୍ତର୍ନିହିତ ଗୁଣକୁ ମଧ୍ୟ ଦର୍ଶାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କ୍ଷମା ଗୁଣେ ନର ଭୂଷିତ ହୋଇଲେ**
**ମିଳିଥାଏ ବଡ଼ ପଣ**
**ଅସାଧ ସାଧନ କରିପାରେ ଜନ**
**ଥିଲେ ଏହି ଦିବ୍ୟ ଗୁଣ।**

କ୍ଷମା ହିଁ ସର୍ବଶ୍ରେଷ୍ଠ ଗୁଣ ବୋଲି କୁହାଯାଇଥାଏ। ଏଭଳି ଗୁଣ ବହିଥିବା ବ୍ୟକ୍ତି ସମସ୍ତଙ୍କ ପ୍ରିୟଭାଜନ ହେବା ସହ ମାନ ସମ୍ମାନ ଲାଭ କରୁଥିବାର ଦେଖିବାକୁ ମିଳିଥାଏ। କେବଳ କ୍ଷମା ହିଁ ଅସାଧକୁ ସାଧନ କରିପାରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## 'ରାଜନୈତିକ ଦଳର ରାଲି, ସଭାରେ ପ୍ରଚୁର ପାଣି ଓ ଓଆର୍‌ଏସ୍ ରଖାଯିବା ଆବଶ୍ୟକ'

**ଖରାକୁ ନେଇ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୯।୪(ସୁନିତ୍ ମିଶ୍ର)

ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଓ ଉତ୍ତାପକୁ ଦେଖି ଆସନ୍ତା ସପ୍ତାହ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ରାଲି ଓ ସଭାର ଆୟୋଜନ କରୁଛନ୍ତି। ଏହିସବୁ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍ ରଖାଯିବା ଆବଶ୍ୟକ, ଯାହା ଫଳରେ ଜନସାଧାରଣ ଗ୍ରୀଷ୍ମ ପ୍ରବାହରୁ ଅନେକାଂଶରେ ରକ୍ଷା ପାଇପାରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଲୋକସେବା ଭବନ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ନିର୍ବାଚନ ସମ୍ପର୍କିତ ରାଲି ଓ ସଭାଗୁଡ଼ିକରେ ରାଜନୈତିକ ଦଳଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଏବଂ ଓଆର୍‌ଏସ୍ ସୁବନ୍ଦୋବସ୍ତକୁ ଜିଲାପାଳମାନେ ସୁନିଶ୍ଚିତ କରିବେ। ପାନୀୟ ଜଳ ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ଅବ୍ୟାହତ ରଖିବା ପାଇଁ ଜିଲାପାଳମାନେ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କ ସହ ନିୟମିତ ଆଲୋଚନା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଜଳଛତ୍ରକୁ ଅଧିକ ବ୍ୟାପକ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଗଣମାଧ୍ୟମ ମାଧ୍ୟମରେ ଅଂଶୁଘାତ ଓ ଅଦିନିଆ ବଜ୍ରପାତ ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ ଏବଂ ସଚେତନ କରିବା ପାଇଁ ସେ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରକାର ବିପର୍ଯ୍ୟୟର ସୁପରିଚାଳନା ପାଇଁ ଜିଲା ତଥା ଉପଖଣ୍ଡ ପ୍ରଶାସନମାନେ ଓଡ଼ିଶା ଡିଜାଷ୍ଟର ରିସୋର୍ସ ନେଟୱର୍କ (ଓଡିଆରଏନ୍) ପୋର୍ଟାଲର ସାହାଯ୍ୟ ନେବା ପାଇଁ ସେ କହିଛନ୍ତି। ବୈଠକରେ ଜଙ୍ଗଲରେ ନିଆଁ ଲାଗୁଥିବା ସ୍ଥାନ ଓ ତାହାର ପ୍ରଶମନ ପାଇଁ ନିଆଯାଉଥିବା ପଦକ୍ଷେପ, ପ୍ରତ୍ୟେକ ବୁଥ କାନ୍ଥରେ ଗ୍ରୀଷ୍ମ ପ୍ରବାହ ଓ ବଜ୍ରପାତ ସମ୍ପର୍କିତ ସଚେତନତା ବାର୍ତ୍ତା ଲଗାଇବା, ଡାକ୍ତରଖାନାଗୁଡ଼ିକର ଆଇସିୟୁର ସୁବ୍ୟବସ୍ଥା ଆଦି ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ଏହି ଅବସରରେ ଲୋକସେବା ଭବନର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ପ୍ରଥମ ପର୍ଯ୍ୟାୟ ଭୋଟ: ୪ ଲୋକ ସଭା ଆସନରେ ୩୭ ପ୍ରାର୍ଥୀ


ଭୁବନେଶ୍ୱର,୨୯।୪(ଅନିଲ ଦାସ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକ ସଭା କ୍ଷେତ୍ର ଏବଂ ଏହା ଅଧୀନ ୨୮ ବିଧାନସଭା କ୍ଷେତ୍ର ପାଇଁ ମେ' ୧୩ରେ ଭୋଟ ଗ୍ରହଣ ହେବ। ଉକ୍ତ ୪ ଲୋକ ସଭା କ୍ଷେତ୍ର ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଏ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ପାଇଁ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ହୋଇଛି। ଏପ୍ରିଲ ୨୬ ତାରିଖ ଯାଞ୍ଚ ପରେ ୩୮ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ବୈଧ ରହିଥିଲା। କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଏହି ୪ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୩୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରେ ୭ଜଣ ମହିଳା ଅଛନ୍ତି। କଳାହାଣ୍ଡି ଲୋକ ସଭା କ୍ଷେତ୍ର ପାଇଁ ୧୧ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ସେହିପରି ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ୪ ଜଣ ପୁରୁଷ, ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ମହିଳା ଏବଂ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ମହିଳା ପ୍ରାର୍ଥୀ ଅଛନ୍ତି।

## ଗାଡ଼ିରୁ ୩ ଲକ୍ଷ ୨୭ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଫ୍ଲାଇଂ ସ୍କ୍ୱାଡ ସୋମବାର ଗୋଟିଏ ଗାଡ଼ିରୁ ୩ଲକ୍ଷ ୨୭ ହଜାର ଟଙ୍କା ଜବତ କରିଛି। ଉକ୍ତ ଟଙ୍କାକୁ ଏବେ ଜିଲା କୋଷାଗାରରେ ଜମା କରାଯାଇଛି। ସୂଚନାନୁଯାୟୀ, ନବରଙ୍ଗପୁରରୁ ସିକଡ଼ାଗୁଡ଼ା ଯାଉଥିବା ଗୋଟିଏ ଗାଡ଼ି (ଓଡି-୧୦ୱାଇ-୧୬୭୨)କୁ ଫ୍ଲାଇଂ ସ୍କ୍ୱାଡ୍ କର୍ଚ୍ଚମାଳ ପଞ୍ଚାୟତ ନିକଟ ରିଙ୍ଗିଗୁଡ଼ା ଛକଠାରେ ଅଟକାଇଥିଲେ। ଫ୍ଲାଇଂ ସ୍କ୍ୱାଡ୍ କୋଡ଼ିଙ୍ଗା ତହସିଲଦାର ତଥା ମାଜିଷ୍ଟ୍ରେଟ ସୁବ୍ରତ ବେହେରାଙ୍କ ଉପସ୍ଥିତିରେ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ଏକ ବ୍ୟାଗରୁ ୩ ଲକ୍ଷ ୨୭ ହଜାର ଟଙ୍କା ବାହାରିଥିଲା। ଡ୍ରାଇଭର ସୁକଦେବ ଭତ୍ରା, କୋଦଭାଟା ଗାଁର ଧନସାଇ ଭତ୍ରା, ପଣ୍ଡୁଗୁଡା ଗାଁର ଜନାର୍ଦ୍ଦନ ଭତ୍ରା ଉକ୍ତ ଗାଡ଼ିରେ ଥିଲେ। ଜବତ ଟଙ୍କା ଜଣେ ବ୍ୟବସାୟୀଙ୍କର ବୋଲି ସେମାନେ କହିଥିଲେ। କିନ୍ତୁ ଏ ସମ୍ବନ୍ଧିତ କୌଣସି କାଗଜପତ୍ର ଦେଖାଇ ନ ପାରିବା ସହ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତହସିଲଦାର ବେହେରା ଜିଲାପାଳ କମଳଲୋଚନ ମିଶ୍ର, ଜିଲା ଅଧିକାରୀ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ଣ୍ଣବ ମୁଖାର୍ଜୀଙ୍କ ସହ ଆଲୋଚନା କରିଥିବା ସହ ଜବତ ଟଙ୍କା ଜିଲା କୋଷାଗାରରେ ଜମା କରାଯାଇଛି।


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୨ ଦୁର୍ଘଟଣାରେ ୪ ବାଇକ୍ ଆରୋହୀ ମୃତ

**ବଡ଼ଚଣାରେ ୨, ସମ୍ବଲପୁରରେ ୨**

ଚଣ୍ଡିଖୋଲ/ବଡ଼ଚଣା/ ପଡିଆବାହାଲ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି/ ରାଧାମୋହନ ଷଡଙ୍ଗୀ), ୨୯।୪

ଯାଜପୁର ଓ ସମ୍ବଲପୁର ଜିଲାରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣା ଘଟି ୪ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ୧୬ ନଂ. ଜାତୀୟ ରାଜପଥରେ ପୂର୍ବାହ୍ନରେ ଯାଜପୁର ଜିଲା ବଡ଼ଚଣା ଓଭରବ୍ରିଜ୍‌ରେ ଏକ ଗାଡ଼ି ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ଫତେପୁର ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଶତ୍ରୁଘ୍ନ ପଣ୍ଡା (୪୪) ଏବଂ ପଦ୍ମାବତୀପୁର ଗ୍ରାମର କେଶବ ଚନ୍ଦ୍ର ବେହେରା (୩୨)। ଦୁହେଁ ଏକ ବାଇକ୍ (ନଂ.ଓଡି ୦୨ କେ ୩୮୯୫)ରେ ନୟାଗଡ଼ରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ କୌଣସି ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରନ୍ତି। କମ୍ପାନୀ କାର୍ଯ୍ୟରେ ଚଣ୍ଡିଖୋଲ ଯିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ମୃତକଙ୍କ ସମ୍ପର୍କୀୟ ପ୍ରହ୍ଲାଦ ପଣ୍ଡାଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୨୦/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ ଯୁବକ ଦ୍ୱୟ ଏକ ଟ୍ରକ୍‌କୁ ଓଭରଟେକ୍ କରିଥିଲେ। ଏହି ସମୟରେ ଟ୍ରକଟି ସାଇଡ୍ ମାରିଥିଲା। ଫଳରେ ବାଇକ୍ ଆରୋହୀ ରାସ୍ତାର ଅପରପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଚଣ୍ଡିଖୋଲ ଆଡୁ ଦ୍ରୁତ ଗତିରେ କଟକ ଅଭିମୁଖେ ଯାଉଥିବା ଏକ ହାଇୱା ସେମାନଙ୍କ ଉପରେ ଚଢ଼ି ଯାଇଥିଲା।

ଅନ୍ୟପକ୍ଷରେ ସମ୍ବଲପୁର ସଦର ଥାନା ୫୩ ନଂ. ଜାତୀୟ ରାଜପଥର କେନଘାଟି ପେଟ୍ରୋଲ ପମ୍ପ ସାମନାରେ ସୋମବାର କଣ୍ଟେନର ଧକ୍କାରେ ୨ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୋଇପାଲିର ଜୟନାରାୟଣ ବାଗ(୨୭) ଓ ବିଜ୍ଞାନ ମରେଇ(୩୨)। ଧକ୍କା ଦେଇ ପଳାଇ ଯାଉଥିବା କଣ୍ଟେନର(ଏଚଆର୩୮-ଏଡି-୪୯୧୭)କୁ ନୀଳଡୁଙ୍ଗୁରି ଟୋଲପ୍ଲାଜାଠାରେ ପୋଲିସ ଅଟକ ରଖିଛି। ବାଇକ(ନଂ.ଓଆର୦୪ପି ୪୬୩୩)ରେ ଜୟନାରାୟଣ ଓ ବିଜ୍ଞାନ ଯାଉଥିବା ବେଳେ ସମ୍ବଲପୁର ପଟକୁ ଯାଉଥିବା କଣ୍ଟେନର ସେମାନଙ୍କୁ ଧକ୍କା ଦେଇଥିଲା। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(୧୦୬/୨୪) ରୁଜୁହୋଇଛି।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ଡଙ୍ଗା ଯାଉଛି କୁଆଡ଼େ

ଗୁଜରାଟ ପୋରବନ୍ଦର ଉପକୂଳରେ ତଟ ସୁରକ୍ଷା ବାହିନୀ, ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ମିଳିତ ଅଭିଯାନରେ ୮୬ କେ.ଜି. ଡ୍ରଗ୍ସ ବା ନିଶାଦ୍ରବ୍ୟ ଏପ୍ରିଲ ୨୮ରେ ଜବତ କରାଯାଇଛି। ଏହି ଘଟଣାରେ ପାକିସ୍ତାନୀ ନାଗରିକ କୁହାଯାଉଥିବା ୧୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ଡ୍ରଗ୍ସର ମୂଲ୍ୟ ପାଖାପାଖି ୬୦୦ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାର ଦିନକ ପରେ ଅର୍ଥାତ୍ ୨୯ ଏପ୍ରିଲରେ ପୁନର୍ବାର ଏକ ଭାରତୀୟ ମାଛଧରା ଡଙ୍ଗାରୁ ୧୭୩ କେଜି ଡ୍ରଗ୍ସ ଜବତ କରାଯିବା ସହ ୨ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଗତ ମାସରେ ମଧ୍ୟ ପୋରବନ୍ଦର ଉପକୂଳରୁ ୪୦୦ କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ (ଏକପ୍ରକାର ଅତି ଉତ୍ତେଜକ ନିଶାଦ୍ରବ୍ୟ) ଜବତ ହେବା ସହ ୬ ଜଣ ପାକିସ୍ତାନୀ ନାବିକଙ୍କୁ ଗିରଫ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏଭଳି ନିଶାଦ୍ରବ୍ୟ ଗୁଜରାଟ ଉପକୂଳରୁ ପ୍ରତିବର୍ଷ ବାରମ୍ବାର ଜବତ କରାଯାଉଛି। ସେପ୍ଟେମ୍ବର ୨୦୨୧ରେ ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ ଜବତ କରାଯିବା ଏକ ସର୍ବକାଳୀନ ରେକର୍ଡ ଭାବେ ରହିଛି। ଏହି ବନ୍ଦର ଏବେ ଗୌତମ ଆଦାନୀଙ୍କ କମ୍ପାନୀ ହାତରେ ରହିଛି। ସୂଚନାଯୋଗ୍ୟ, ଭାରତର ବିଶେଷ ଧନୀ ତାଲିକାରେ ଆଦାନୀ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଏବେ ଶେୟାର ବଜାରରେ ଆଦାନୀ ଗ୍ରୁପର ଦର କମିବା ଆରମ୍ଭ ହୋଇଗଲାଣି। ଆଦାନୀଙ୍କ କମ୍ପାନୀ ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରେ ୧୨ଟି ଛୋଟବଡ଼ ବନ୍ଦରର ପରିଚାଳନା ଦାୟିତ୍ୱ ନେଇଛି। ତେବେ ୨୦୨୧ରେ ମୁନ୍ଦ୍ରା ବନ୍ଦରରୁ ଜବତ ହୋଇଥିବା ଡ୍ରଗ୍ସରୁ ନିଶାଦ୍ରବ୍ୟ କାରବାରର ବଡ଼ ସୂଚନା ମିଳିଥିଲେ ମଧ୍ୟ ସମୟାନ୍ତରରେ ଗୁଜରାଟ ଉପକୂଳରୁ ବିପୁଳ ପରିମାଣର କୋକେନ, ହେରୋଇନ ଏପରି କି ଇ-ସିଗାରେଟ ଆଦି ନିଶାଦ୍ରବ୍ୟ ବରମ୍ବାର ଜବତ ହେବା ଘଟଣା ଚିନ୍ତାର ବିଷୟ । ଗୋଟିଏ ପଟେ ଦେଖିବାକୁ ଗଲେ ଗୁଜରାଟରେ ମଦ ବନ୍ଦ ଓ ଏହା 'ଡ୍ରାଏ ଷ୍ଟେଟ' ଭାବେ ପରିଚିତ। ଅନ୍ୟପଟେ ଗୁଜରାଟ ବର୍ତ୍ତମାନ ନିଶାଦ୍ରବ୍ୟ କାରବାରର କେନ୍ଦ୍ର ପାଲଟିଛି ବୋଲି ଏହିସବୁ ଘଟଣା ସ୍ପଷ୍ଟ କରୁଛି ।

> **ଯେଉଁ ସ୍ଥାନରୁ ଡ୍ରଗ୍ସ ଆସୁଛି ସେହି ସାମଗ୍ରୀ ନେଇ ଅନେକ ଡଙ୍ଗା ଆସୁଥାଇପାରେ। ଅଧିକା ଭାରତକୁ ଆସୁଥିବେ ଏବଂ ହୁଏତ ତା'ଠାରୁ ଊଣା ପାକିସ୍ତାନ ମଧ୍ୟ ଯାଉଥିବେ। ସମ୍ଭବତଃ ପାକିସ୍ତାନ ଉଦ୍ଦେଶ୍ୟରେ ଯାଉଥିବା ଜାହାଜ ଭାରତୀୟ ସଂସ୍ଥା ଦ୍ୱାରା ଧରାପଡୁଥିବାବେଳେ ଭାରତ ପାଇଁ ଉଦ୍ଦିଷ୍ଟ ଅନେକ ଜାହାଜ ଖସିଯାଉ ଥାଇପାରେ। ଏଭଳି ପ୍ରଚ୍ଛଦପଟରେ ସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର ।**

କୌତୂହଳର ବିଷୟ ହେଉଛି ଯେ, ଭାରତର ଅନେକ ଚତୁର ବ୍ୟକ୍ତି ଚିନ୍ତା କରନ୍ତି ଗୁଜରାଟକୁ ଆସୁଥିବା ସବୁ ନିଶାଦ୍ରବ୍ୟ ପାକିସ୍ତାନ ପଠାଉଛି। ଡ୍ରଗ୍ସ କାରବାର ପୃଥିବୀର ଅନ୍ୟତମ ବୃହତ୍ ଲାଭଦାୟକ ବ୍ୟବସାୟ ବୋଲି ସମସ୍ତେ ଜାଣନ୍ତି। କ୍ରମାଗତ ଭାବେ ଏହି ବ୍ୟବସାୟ ବୃଦ୍ଧି ପାଇଆସୁଥିବା ଇଙ୍ଗିତ କରୁଛି ଯେ, ସେହି ସବୁ ଡ୍ରଗ୍ସ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପାକିସ୍ତାନ ଏକ ମୁସଲମାନ ଦେଶ ହୋଇଥିବା ହେତୁ, ଗୁଜରାଟ ଭଳି ସେଠାରେ ମଧ୍ୟ ମଦ ନିଷିଦ୍ଧ। ଅନୁରୂପ ଭାବେ, ଗୁଜରାଟ ଭଳି ପାକିସ୍ତାନରେ ଯାହାକୁ ଯେତେ ମଦ ମିଳିବାର ସୂତ୍ର ରହିଛି। ଅର୍ଥାତ୍ ଗୁଜରାଟ ଡ୍ରାଏ ଷ୍ଟେଟ ନୁହେଁ କିମ୍ବା ପାକିସ୍ତାନ ମଦବିହୀନ ନୁହେଁ। ଅନ୍ୟପଟେ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଭାରତ ଭଳି ପାକିସ୍ତାନରେ ଡ୍ରଗ୍ସ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସମୁଦ୍ର ବାଟ ଦେଇ ଆସୁଥିବା ଡ୍ରଗ୍ସ ପାକିସ୍ତାନରୁ ଆସୁଥାଇପାରେ। ଅନ୍ୟପଟେ ସେଗୁଡ଼ିକ ପାକିସ୍ତାନକୁ ଯାଉଥାଇପାରେ ମଧ୍ୟ। ଭାରତରେ ଆଜିର ରାଜନୈତିକ ସ୍ଥିତିରେ ପାକିସ୍ତାନ ଶବ୍ଦ ଉଚ୍ଚାରଣ କରିଦେଲେ ସବୁ ତ୍ରୁଟିକୁ ଜନସାଧାରଣ କ୍ଷମା କରିଦେଉଛନ୍ତି। ସେଥିପାଇଁ ହୁଏତ ୧୪ଜଣ ପାକିସ୍ତାନୀ ଗିରଫ ହେଲେ ବୋଲି ପ୍ରଚାର କରାଯାଉଥିବାବେଳେ ବାସ୍ତବ ସ୍ଥିତି ଜାଣିବା ସମ୍ଭବପର ନୁହେଁ। ଯେଉଁ ସ୍ଥାନରୁ ଡ୍ରଗ୍ସ ଆସୁଛି ସେହି ସାମଗ୍ରୀ ନେଇ ଅନେକ ଡଙ୍ଗା ଆସୁଥାଇପାରେ। ଅଧିକା ଭାରତକୁ ଆସୁଥିବେ ଏବଂ ହୁଏତ ତା'ଠାରୁ ଊଣା ପାକିସ୍ତାନ ମଧ୍ୟ ଯାଉଥିବେ। ସମ୍ଭବତଃ ପାକିସ୍ତାନ ଉଦ୍ଦେଶ୍ୟରେ ଯାଉଥିବା ଜାହାଜ ଭାରତୀୟ ସଂସ୍ଥା ଦ୍ୱାରା ଧରାପଡୁଥିବାବେଳେ ଭାରତ ପାଇଁ ଉଦ୍ଦିଷ୍ଟ ଅନେକ ଜାହାଜ ଖସିଯାଉ ଥାଇପାରେ। ଏଭଳି ପ୍ରଚ୍ଛଦପଟରେ ସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର।

# ଓଡ଼ିଆ ଭାଷା ସାହିତ୍ୟରେ 'ବର୍ଣ୍ଣବୋଧ'



ବିପିନ ବିହାରୀ ରାଉତ

'ଚକା ଚକା ଭଉଁରି, ମାମୁ ଘର ଚଉଁରି', 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ', 'ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି', 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' – ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତିଗୁଡ଼ିକର ଧାଡ଼ି ଅଗଣିତ ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ। ସମସ୍ତଙ୍କୁ ଏହା ଜଣା ଯେ, ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତ୍ତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି 'ବର୍ଣ୍ଣବୋଧ'। ଇତିମଧ୍ୟରେ ଏହାର ପୁନଃପ୍ରକାଶ ହେବାକୁ ଯାଉଛି। ପାଖାପାଖି ୧୧୦ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି। ୧୯୦୧ ରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ। ଓଡ଼ିଆ ବର୍ଣ୍ଣବୋଧ ଆମର କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନ ପଢ଼ିଥିବେ ବରଂ ଏହାକୁ ବୁଝି ନ ଥିବେ। ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗିକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୂର ହୋଇଛି ଏହି ଭକ୍ତକବିଙ୍କ ମଧୁ ବର୍ଣ୍ଣବୋଧ।

ଦେଢ଼ଶହ ବର୍ଷ ଧରି ଅନେକ କୋଟି ଓଡ଼ିଆଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି। ଅନେକେ ହୁଏତ ଜାଣି ନ ଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ 'ବର୍ଣ୍ଣ ପରିଚୟ' ପୁସ୍ତକଟି ଲେଖିଥିଲେ। ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ; ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ। ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ୍ୟ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା। ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି। ଆପଣ ଯେ କୌଣସି ଛୋଟବଡ଼ ବହି ଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା ବହି ଶପ୍‌ରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ ନିଶ୍ଚିତ ପାଇବେ। ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟିବହିଟି ପ୍ରତି ଆବେଗ ଓ ଆକର୍ଷଣର ଡୋରି। ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ୍ୟ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ତତ୍କାଳୀନ ଓଡ଼ିଆ ଭାଷା ଓ ତଜ୍ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେଗୁଡ଼ିକ ହେଉଛି 'ବର୍ଣ୍ଣଶିକ୍ଷା', 'ବର୍ଣ୍ଣବୋଧକ', 'ବର୍ଣ୍ଣ ନିୟମ', 'ବର୍ଣ୍ଣ ପରିଚୟ', 'ଶିକ୍ଷା ମଞ୍ଜରୀ', 'ବାଳବୋଧିନୀ', 'ପ୍ରଥମ ପାଠ', 'ବର୍ଣ୍ଣ ବିଜ୍ଞାନ' ପ୍ରମୁଖ। ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା। କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା। ଏସବୁ ପରିପୃଷ୍ଟ ହୋଇଥିଲା ବର୍ଣ୍ଣବୋଧରେ।




ଭକ୍ତକବି ଭାବେ ମଧୁସୂଦନ ରାଓ ଓଡ଼ିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ। ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ୍। ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା। ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହା କି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା। ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ।' ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି। ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏ ଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି। ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ହେଉ ବା ଅମୃତ ନିର୍ଝର। ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି, ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇ ନ ପାରେ। ନିତିଦିନିଆ ଜୀବନରେ ମାମୁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ – 'ଚକା ଚକା ଭଉଁରି, ମାମୁଘର ଚଉଁରି'। କାଲ ରାତି ପାହିବା ପରେ ଜଣକ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ। ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି – 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ'। ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ୍ ସୁସ୍ପଷ୍ଟ ହୋଇଛି – 'ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା'। ଜୀବନ ଯାତ୍ରା ପଥରେ ଆମମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି – 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ'। କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷାଦେଇ ଭକ୍ତକବି ଏଥିରେ ଲେଖିଛନ୍ତି – 'କୁବାକ୍ୟ କେବେ ନ କହିବ, ଆଳସ୍ୟ କେବେ ନ କରିବ। ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ'। ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧ୍ୟାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି – 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ'।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ। ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ୍ ହେବନାହିଁ। ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ। ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତି ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ। ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଈମା'ର ଭୂମିକା ନେଇଥିବା ଭକ୍ତକବିଙ୍କ 'ବର୍ଣ୍ଣବୋଧ' ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ।

**ଶ୍ରୀବିହାର କଲୋନୀ, କଟକ**
**ମୋ: ୯୪୩୭୬୬୬୪୫୩**

# ବିଭାଗର ନାମ ଭିଜିଲାନ୍ସ



ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଯେଉଁ ପ୍ରବକ୍ତାମାନେ ରାଜ୍ୟ ଦୁର୍ନୀତିମୁକ୍ତ ବୋଲି ପ୍ରଚାର ସର୍ବସ୍ୱ ଡିଣ୍ଡିମ ପିଟୁଛନ୍ତି ସେମାନେ ନିଶ୍ଚିତ ଦୁର୍ନୀତିକୁ ରାଜ୍ୟର ନୀତି ଭାବେ ସ୍ୱୀକାର କରୁଛନ୍ତି। ରାଜ୍ୟ ସାମଗ୍ରିକ ଭାବେ ଦୁର୍ନୀତି ପଙ୍କରେ ଉବୁଟୁବୁ ହେଉଥିବା ବେଳେ ସ୍ୱଚ୍ଛତା ବା ଶୂନ୍ୟ ସହନଶୀଳତାର ଆତ୍ମ ଡିଣ୍ଡିମ ଯାଦୁ ଆକ୍ରାନ୍ତ ବ୍ୟକ୍ତି ଯାଦୁ ମଲମ ବିକ୍ରି କରିବା ଭଳି ମନେହୁଏ। ଆମ ରାଜ୍ୟରେ ଦୁର୍ନୀତି ନିବାରଣ ପାଇଁ ଯେଉଁ ସଂସ୍ଥା ରହିଛି ତାହା ଭିଜିଲାନ୍ସ ଭାବେ ନାମିତ। ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ପଦବୀ ବା କ୍ୟାଡର କିଛି ନାହିଁ। ପୋଲିସ ବିଭାଗର ମୂଳ କର୍ମଚାରୀ ସେଠାରେ କାର୍ଯ୍ୟ କରନ୍ତି । ସେହି ବିଭାଗ ସାଧାରଣତଃ ଲାଞ୍ଚ ଗ୍ରହଣ ମାମଲା ପାଇଁ ଯେତେ ଗୁରୁତ୍ୱ ଦିଏ, ଖଣି, ପାଣି, ବାଲି, ଡାଲି, କୋଇଲା ବା ଚିଟ୍‌ଫଣ୍ଡ ପରି ବହୁଚର୍ଚ୍ଚିତ ଏବଂ ହଜାର ଶହ କୋଟିର ଦୁର୍ନୀତି ପାଇଁ ତା' ହାତର ଲମ୍ବ ନିଅଣ୍ଟ ହୁଏ। ସେଥିପାଇଁ ସେହି ବିଭାଗ, ଦୁର୍ନୀତି ମାମଲାରେ ତଳ ସ୍ତରୀୟ କର୍ମଚାରୀ ବା ଅଧିକାରୀଙ୍କୁ ହିଁ ନିଶାନା କରେ। ଅପରପକ୍ଷରେ ପ୍ରଥମ ଶ୍ରେଣୀ ଓ ତଦୂର୍ଦ୍ଧ୍ୱ ପଦବୀରେ କାର୍ଯ୍ୟରତ ଅଧିକାରୀମାନଙ୍କ ନାମରେ ଭିଜିଲାନ୍ସ ମାମଲା ପାଇଁ ସରକାରଙ୍କଠାରୁ ପୂର୍ବାନୁମତି ନେବାକୁ ବିଧି ରହିଛି। ଆଜିର ତାରିଖରେ ସେପରି ପଦବୀରେ ଥିବା ଅଧିକାରୀଙ୍କ ବିରୋଧରେ ମାମଲା ପାଇଁ ଭିଜିଲାନ୍ସ ବିଭାଗର ଶତାଧିକ ଆବେଦନ ମଞ୍ଜୁରୀ ଅପେକ୍ଷାରେ ରହିଛି। ଏହା ସତ୍ତ୍ୱେ ସରକାର ନୀରବ ରହିବା ଯେତିକି ସନ୍ଦେହଜନକ ସମ୍ପୃକ୍ତ ଅଧିକାରୀମାନେ ନିଶରେ ହାତମାରି ବେଧଡ଼କ ନିଜ ଅଭ୍ୟାସ ଜାରି ରଖିବା ସରକାରୀ ସ୍ୱଚ୍ଛତା ପ୍ରଚାର ପ୍ରତି ତତୋଽଧିକ ତାଚ୍ଛଲ୍ୟକର। ଆମ ରାଜ୍ୟର ରାଜସ୍ୱ, ଅବକାରୀ, ଯୋଗାଣ, ବ୍ଲକ, ପୋଲିସ, ପରିବହନ, ଜଙ୍ଗଲ, ଜଳସେଚନ, ପୂର୍ତ୍ତ ବିଭାଗକୁ ତାରକାଚିହ୍ନିତ ଦୁର୍ନୀତି ବିଭାଗ ଭାବେ ବିବେଚନା ହେଉଥିଲା। ଏହି ବିଭାଗରେ ଚାକିରି ପାଇଁ ଅର୍ଥ ଲଗାଣ ହେଉଥିବା ସମସ୍ତ ଅନୁଭବୀ ଜାଣନ୍ତି। ଏବେ କିନ୍ତୁ ରାଜ୍ୟରେ ଦୁର୍ନୀତି ନ ଥିବା ବିଭାଗ। କାର୍ଯ୍ୟାଳୟ ଶୂନ ହୋଇସାରିଛି ଏପରି କି ବିଗତ ଶତାବ୍ଦୀର ଅଶୀ ଦଶକ ପର୍ଯ୍ୟନ୍ତ ଆଦୌ ଦୁର୍ନୀତି ନ ଥିବା ଶିକ୍ଷା ବିଭାଗ ଏବେ ଅଧିକ ଦୁର୍ନୀତିଗ୍ରସ୍ତ ହୋଇସାରିଛି।

ଦୁର୍ନୀତି ଅଭିଯୋଗରେ ସରକାର ଯେଉଁ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ ବା ତାଙ୍କର ପେନ୍‌ସନ ବନ୍ଦ କରୁଛନ୍ତି ତାହା ଆଇନତଃ ବାଧ୍ୟବାଧକତା ସତ୍ତ୍ୱେ ଏହା ସରକାରଙ୍କ ଶୂନ୍ୟ ସହନଶୀଳତା ବୋଲି ଅତିରଞ୍ଜିତ ପ୍ରଚାର ହେଉଛି । ଅଦାଲତରେ ଦୋଷୀ ସାବ୍ୟସ୍ତ ଅଧିକାରୀ ବା କର୍ମଚାରୀଙ୍କୁ ବରଖାସ୍ତ ପାଇଁ ରାଜ୍ୟ ସେବା ସଂହିତାରେ ସ୍ପଷ୍ଟ ଲିଖିତ ଅଛି, ଯାହା କି ସରକାର ପାଳନ କରିବାକୁ ବାଧ୍ୟ। ଦୁର୍ନୀତିରେ କେବଳ ସରକାରୀ ଅଧିକାରୀ ବା କର୍ମଚାରୀ ସଂଶ୍ଳିଷ୍ଟ ବୋଲି ସାଧାରଣରେ ଧାରଣା ସୃଷ୍ଟି କରାଯାଉଛି। ମାତ୍ର ଜଣେ ରାଜନେତା ନିର୍ବାଚିତ ହେବାପରେ ନିଜ ଆୟର ବହୁ ହଜାର ଗୁଣ ସମ୍ପତ୍ତିର ମାଲିକ



ହୋଇପାରନ୍ତି, ଯାହା ସର୍ବଜନବିଦିତ। କିନ୍ତୁ ତାହା ଏହି ବିଭାଗର ଦୃଷ୍ଟି ଆକର୍ଷଣ କରେନାହିଁ। କେବଳ ସ୍ଥଳବିଶେଷରେ ଶାସନ ମୁଖ୍ୟଙ୍କ ପାନରୁ ଚୂନ ଖସିଗଲେ କିଛି ରାଜନେତା ବା ଉଚ୍ଚ ପଦାଧିକାରୀ ସେହି ବିଭାଗର ବଳୟ ମଧ୍ୟକୁ ଆସିଥାନ୍ତି। ଅନ୍ୟପକ୍ଷରେ ଲାଞ୍ଚ ନେବା ବା ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଗିରଫ ଅଧିକାରୀ ବା କର୍ମଚାରୀ କିଛିଦିନ ଜେଲରେ ରହିବା ଯୋଗୁ କାର୍ଯ୍ୟରୁ ନିଲମ୍ବିତ ହୁଅନ୍ତି। ଜାମିନରେ ଆସିବା ପରେ ପୁନଶ୍ଚ ସେହି ବିଭାଗ ସୁପାରିସରେ ସରକାର ତାଙ୍କୁ ଚାକିରିରେ ପୁନଃ ସ୍ଥାପିତ କରନ୍ତି। ଫଳତଃ ସେମାନଙ୍କୁ ପ୍ରମାଣ ନଷ୍ଟ ଏବଂ ପୁନଃ ଦୁର୍ନୀତି କରିବାପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିଥାଏ। ଏହାଦ୍ୱାରା ଜଣେ ଅଧିକାରୀ ଏକାଧିକ ଦୁର୍ନୀତି ମାମଲାରେ ସମ୍ପୃକ୍ତ ହେଉଥିବାର ବହୁତ ଦୃଷ୍ଟାନ୍ତ ରହିଛି। ଅପରପକ୍ଷରେ ସେହି ବିଭାଗ ଦ୍ୱାରା ଦାଏର ମାମଲାରେ ୯୧ ଶତାଂଶ ଅଭିଯୁକ୍ତ ଖଲାସ ହେଉଥିବାର ତଥ୍ୟ ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ହୋଇଛି। ଏତଦ୍‌ବ୍ୟତୀତ ଗମ୍ଭୀର କଥା ହେଉଛି ଯେ ଏଭଳି ମାମଲାର ତଦନ୍ତ ଓ ବିଚାର ଶେଷ ପାଇଁ ଅନ୍ୟୂନ ୫ବର୍ଷ ଏବଂ ସ୍ଥଳ ବିଶେଷରେ ୨୦ ବର୍ଷରୁ ଅଧିକ ସମୟ ଲାଗୁଛି। ଯଦି ମାମଲାରେ ଦଣ୍ଡବିଧାନ କରାଯାଏ ତା'ପରେ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଅପିଲ ସୁଯୋଗ ଯୋଗୁ ସମୟକ୍ରମେ ମାମଲା ଭିନ୍ନ ମୋଡ଼ ନେଇଥାଏ।

ଅନେକ କ୍ଷେତ୍ରରେ ଅଭିଯୁକ୍ତ ଚାକିରିରୁ ଅବସର ନେବାର ଦୀର୍ଘଦିନ ପରେ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପ୍ରକାଶ ପାଇଥାଏ। ଏହା ମଧ୍ୟରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଭିଜିଲାନ୍ସ ମାମଲା କୌଣସି କର୍ମଚାରୀ ବା ଅଧିକାରୀଙ୍କ ପଦୋନ୍ନତି ପାଇଁ ବାଧକ ହେବନାହିଁ ବୋଲି ନିର୍ଦ୍ଦେଶ ଦେବାରେ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ତାହା ଆଶୀର୍ବାଦ ହୋଇଥିଲା। ଅବଶ୍ୟ ପରେ ତାହା ସଂଶୋଧିତ ହୋଇଛି। ଏହା ସତ୍ୟ ଯେ ଜାଗା ବା ଜମି କିଣାରେ କଳାଧନ ପରିମାଣ ଲୁଚାଇବାକୁ ପର୍ଯ୍ୟାପ୍ତ ସୁଯୋଗ ମିଳିଥାଏ। ବଜାର ଦରରେ କିଣାଯାଇଥିବା ଜମିର ସରକାରୀ ଦର ପ୍ରାୟ ୭୦ ଶତାଂଶ କମ୍ ରହିଥାଏ। କିନ୍ତୁ ଭିଜିଲାନ୍ସ ବିଭାଗ ଆୟ ବହିର୍ଭୂତ ସମ୍ପତ୍ତି ତଦନ୍ତ ବେଳେ ଜମିର ବା ଘରର ବଜାର ଦର ବା ବିକ୍ରେତାଙ୍କ ସମ୍ପର୍କରେ କୌଣସି ତଦନ୍ତ ହୁଏ ନାହିଁ । ତାହା କରାଗଲେ ଜମି ବିକ୍ରେତାଙ୍କୁ ମଧ୍ୟ ଦୁର୍ନୀତିରେ ସମ୍ପୃକ୍ତ ହେବା ନିଶ୍ଚିତ ହୋଇପାରନ୍ତା। ଏଭଳି ମାମଲାର ତ୍ୱରିତ ବିଚାର ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସହ ବିଚାର ଶେଷ ପର୍ଯ୍ୟନ୍ତ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କୁ କୌଣସି ଦାୟିତ୍ୱ ଦେବା ଅନୁଚିତ। ସର୍ବୋପରି ଭିଜିଲାନ୍ସ ମାମଲା ପାଇଁ ସରକାରୀ ପୂର୍ବାନୁମୋଦନ ବ୍ୟବସ୍ଥାର ଉଚ୍ଛେଦ ଜରୁରୀ ମନେହୁଏ। ଏତଦ୍‌ବ୍ୟତୀତ କୌଣସି ମାମଲାରେ ଅପରାଧୀ ଖଲାସ ହେଲେ ବିଭାଗକୁ ଉତ୍ତରଦାୟୀ କରାଯିବା ସହ ସାକ୍ଷୀମାନେ ବୟାନ ବଦଳାଇଲେ ସେମାନଙ୍କୁ ମଧ୍ୟ ସହ ଅଭିଯୁକ୍ତ ଭାବେ ବିବେଚନା କରାଯିବା ଉଚିତ। ସରକାର ଯେଉଁ ଶୂନ୍ୟ ସହନଶୀଳତାର ନାରା ଦେଉଛନ୍ତି ତାହାକୁ ସାକାର କରିବାକୁ ହେଲେ ଶାସନର ଶୀର୍ଷରୁ ତାହାର ପରିଚାଳନା ଓ ପ୍ରୟୋଗ ଜରୁରୀ ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ଜିଆଖତରୁ ବର୍ଷକୁ ୧.୫ କୋଟି ଟଙ୍କା ରୋଜଗାର କରୁଛନ୍ତି କଶ୍ମୀରର ଅବଦୁଲ ଅହାଦ ଲୋନ୍। ସେ ତାଙ୍କର ୫ ଏକର ପରିମିତ ଆପଲ ଓ ୱାଲନଟ୍ ଫାର୍ମରେ ଏହି ଖତ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। ଏହି ଫାର୍ମ ସେ ୧୯୯୬ରେ ଆରମ୍ଭ କରିଥିଲେ। ସେ ବର୍ତ୍ତମାନ ୧୦୦୦ ବେଡ୍‌ରୁ ୫ ଟନ୍ ଖତ ପ୍ରସ୍ତୁତ କରିପାରୁଛନ୍ତି। ଏଥିରୁ ସେ ପ୍ରତିଦିନ ୫୦,୦୦୦ ଟଙ୍କା ପାଉଛନ୍ତି। ଜିଆଖତ ତିଆରି ସମ୍ପର୍କରେ ଅବଦୁଲ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେବାପରେ ୨୦୦୨ରେ ଏହାର ଉତ୍ପାଦନ ଆରମ୍ଭ କରିଥିଲେ। ଏବେ ସେ ବର୍ଷକୁ ୫୦ କେଜି ବିଶିଷ୍ଟ ୩୬,୦୦୦ ପ୍ୟାକେଟ ଖତ ଉତ୍ପାଦନ କରୁଛନ୍ତି। କେବଳ ଏତିକି ନୁହେଁ ଅବଦୁଲ ସାରା କଶ୍ମୀରର ୧୫୦ ଜଣଙ୍କର ପଥ ପ୍ରଦର୍ଶକ ପାଲଟିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଗୃହିଣୀ ରହିଛନ୍ତି। ଅବଦୁଲଙ୍କ ପ୍ରୋତ୍ସାହନରେ ଏବେ ସେମାନେ ଖତ ତିଆରି କରି ବେଶ୍ ଲାଭବାନ୍ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୭୫

- ଇଣ୍ଡିଆନ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ ପରେ ଛଅଟି ଜାତୀୟକରଣ ବ୍ୟାଙ୍କରେ ମାନେଜିଂ ଡିରେକ୍ଟର ନିଯୁକ୍ତି।
- ସିକିମର ପୂର୍ବତନ ଅଡିଟର ଜେନେରାଲ ତଥା ସମ୍ବାଦ ଓ ପ୍ରଚାର ବିଭାଗର ସେକ୍ରେଟେରୀ ଏମ୍.ଏମ୍. ରସଇଲିଙ୍କୁ ସିକିମ ସରକାର ଚାକିରିରୁ ବରଖାସ୍ତ କରିଛନ୍ତି।

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଯିବା ଅକ୍ଷୟ ସେ କୀରତି ଭୁବନେ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 8 | | | | |
| 6 | | | | | | | 5 | 3 |
| | 2 | | | | | | 9 | 7 |
| | 5 | | | 3 | 9 | | | |
| | | 2 | | | 8 | 9 | | |
| | | 3 | | | | 6 | | |
| | | | | | | | | |
| 5 | | 9 | | 4 | | | 2 | |
| 1 | 7 | | | 6 | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 2 | 5 | 6 | 9 | 3 | 8 |
| 6 | 5 | 3 | 8 | 7 | 9 | 4 | 1 | 2 |
| 8 | 9 | 2 | 3 | 4 | 1 | 7 | 5 | 6 |
| 9 | 6 | 7 | 5 | 2 | 3 | 8 | 4 | 1 |
| 1 | 4 | 8 | 6 | 9 | 7 | 5 | 2 | 3 |
| 2 | 3 | 5 | 1 | 8 | 4 | 6 | 7 | 9 |
| 5 | 2 | 4 | 9 | 1 | 8 | 3 | 6 | 7 |
| 7 | 8 | 6 | 4 | 3 | 2 | 1 | 9 | 5 |
| 3 | 1 | 9 | 7 | 6 | 5 | 2 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଚାରରେ କଟକଣା ରହୁ

ମହାଶୟ,

ଦିନକୁ ଦିନ ନିଆଁ ବର୍ଷୁଛି। ଗ୍ରୀଷ୍ମ ପ୍ରବାହରେ ଅସହ୍ୟ ଗୁଳୁଗୁଳି ଲାଗି ରହିଥିବାରୁ ଅନେକ ସ୍ଥାନରେ ରାଜନୈତିକ ସଭା ସମିତି, ପ୍ରଚାର, ଶୋଭାଯାତ୍ରା ବା ପ୍ରଦର୍ଶନୀ ସମ୍ଭବ ହୋଇପାରୁନି। ଦିନକୁ ଦିନ ଖରା ବଢୁଥିବାରୁ ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟର ନିର୍ଦ୍ଦିଷ୍ଟ ସମୟ ସୀମା ରଖିବା ସହ ବିଭିନ୍ନ ଦପ୍ତର ମଧ୍ୟ ସକାଳୁଆ ଆରମ୍ଭ ହୋଇଛି। ତେବେ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଉପରେ କମିଶନ କିଛି କଟକଣା ଲଗାଇବା ପାଇଁ ଦାବି ହେବା ସ୍ୱାଭାବିକ। ପୂର୍ବରୁ ଓଡ଼ିଶାରେ ଅଂଶୁଘାତଜନିତ ମୃତ୍ୟୁରୁ ଅନେକଙ୍କର ଜୀବନ ଯାଇଛି। ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦିନ ଦଶଟା ପରେ ତାପମାତ୍ରା ୪୦ ଡିଗ୍ରୀ ଟପି ଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ମଧ୍ୟାହ୍ନରେ ପ୍ରାୟତଃ ପ୍ରଚାର କାର୍ଯ୍ୟକ୍ରମରୁ ବିରତ ରହିବା ପାଇଁ ଏକ ପ୍ରକାର ବାଧ ହେଉଛନ୍ତି। ତେବେ ଏପରି ପ୍ରଚଣ୍ଡ ଖରାରେ କୌଣସି ନିର୍ବାଚନ କାର୍ଯ୍ୟକ୍ରମ, ସଭା ସମିତି, ଶୋଭାଯାତ୍ରା ବା ପ୍ରଚାର କାର୍ଯ୍ୟକ୍ରମରେ ଅଘଟଣରେ ଅକାଳରେ ମୃତ୍ୟୁ ଘଟିଲେ ସେମାନଙ୍କ ପାଇଁ ସମ୍ପୃକ୍ତ ଦଳ ଓ ପ୍ରାର୍ଥୀମାନଙ୍କୁ ଦାୟୀ କରାଯିବା ପାଇଁ ମଧ୍ୟ ଦାବି ଉଠୁଛି। କାରଣ ପ୍ରଚଣ୍ଡ ଖରାରେ ବିଭିନ୍ନ ସହର ତଥା ରାଜଧାନୀରେ ନିର୍ବାଚନ ସମାବେଶ, ମିଶ୍ରଣ ପର୍ବ, କର୍ମୀ ସମ୍ମିଳନୀ ଓ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହେଉଛି। ପଦଯାତ୍ରାରେ ଓ ସାଇକେଲରେ କିମ୍ବା ବାଇକ ରାଲି ମଧ୍ୟ ଅନୁଷ୍ଠିତ ହେଉଛି। ଅନେକ ସ୍ଥାନରେ ଲୋକମାନେ ହେଲମେଟ ପିନ୍ଧୁ ନାହାନ୍ତି। ନିଜେ ଅସୁରକ୍ଷିତ ରହିବା ସହ ଅଂଶୁଘାତଜନିତ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛନ୍ତି। ତେବେ କେତେକ କ୍ଷେତ୍ରରେ ନିଶା ସେବନଜନିତ କାରଣରୁ ଅଂଶୁଘାତ ସମସ୍ୟା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରୀଷ୍ମ ପ୍ରଭାବ ସତ୍ତ୍ୱେ ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ସ୍ୱାସ୍ଥ୍ୟଗତ ବିପଦ ଦେଖା ଦେଉଥିବାରୁ ନିର୍ବାଚନ କମିଶନ ଏହା ଉପରେ ତୁରନ୍ତ କଟକଣା ଲଗାନ୍ତୁ।

–ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଡ଼ଘାଟିରେ ଓଲଟିଲା ମାଲ ବୋଝେଇ ଟ୍ରକ୍ ବର୍ତ୍ତିଲେ ଡ୍ରାଇଭର, ହେଲ୍‌ପର

ଖଲ୍ଲିକୋଟ,୨୯।୪(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଘାଟିରେ ଭାରସାମ୍ୟ ହରାଇ ଏକ ମାଲ ବୋଝେଇ ଟ୍ରକ୍ ୫୦ ଫୁଟ ତଳକୁ ଓଲଟି ପଡ଼ିଛି। ପେପର ରୋଲ ବୋଝେଇ କରି ଆସୁଥିବା ଟ୍ରକ (ନଂ. ଟିଏସ ୨୯ଟି୧୪୧୮)ର ବ୍ରେକ୍ ଫେଲ ହୋଇଯିବାରୁ ତାହା ଓଲଟି ତଳକୁ ଖସି ପଡ଼ିଥିଲେ ମଧ୍ୟ ସୌଭାଗ୍ୟବଶତଃ ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ଟି ତେଲଙ୍ଗାନାରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଖବର ପାଇ ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି ଖଲ୍ଲିକୋଟ ଥାନା ପୋଲିସକୁ ଖବର ଦେଇଥିଲା। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଖଜୁରିପଡ଼ା,୨୯।୪(ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ବାରିହାଗୁଡ଼ା ଗ୍ରାମରେ ସୋମବାର ଜଣେ ଯୁବକ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜେନ୍ଦ୍ର ବାଘ। ରାଜେନ୍ଦ୍ର ବିଭିନ୍ନ ସରକାରୀ ବେସରକାରୀ ଏବଂ ହାତ ଉଧାରି ହୋଇ ଆର୍ଥିକ ଋଣ ଗ୍ରସ୍ତ ହୋଇ କିଛି ଦିନ ହେବ ମାନସିକ ଚାପ ଗ୍ରସ୍ତ ହୋଇ ରହୁଥିଲେ। ଏ ନେଇ ଘରେ ପାରିବାରିକ କଳହ ଲାଗି ରହୁଥିଲା। କିଛି ଦିନ ହେବ ସ୍ତ୍ରୀ ଏବଂ ଭାଇମାନଙ୍କ ସହିତ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ତେଣୁ ସ୍ତ୍ରୀ ଏବଂ ପିଲା ଛୁଆ ମଧ୍ୟ ପାଖରେ ରହୁ ନ ଥିଲେ। ଫଳରେ ରାଜେନ୍ଦ୍ର ମାନସିକ ଚାପ ଗ୍ରସ୍ତ ହୋଇ ଘରେ କିଏ ନ ଥିବାର ସୁଯୋଗ ନେଇ ବେକରେ ରସି ଲଗେଇ ଆତ୍ମହତ୍ୟା କରିଥିଲେ। ଖଜୁରିପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ.୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୨୦ କୁଇଣ୍ଟାଲ ମହୁଲ ଫୁଲ ଜବତ, ୨ ଗିରଫ

ପାରଳାଖେମୁଣ୍ଡି,୨୯।୪(ଗିରିଧାରୀପରିଚ୍ଛା)– ଅବକାରୀ ନିରୀକ୍ଷକ ଦୟାନିଧି ବାରିକ ଏବଂ ଅବକାରୀ ଏଏସ୍‌ଆଇ ଲକ୍ଷ୍ମୀଦେବୀଙ୍କ ନେତୃତ୍ୱରେ ରାୟଗଡ଼ ବ୍ଲକ ଅନ୍ତର୍ଗତ ପରିସଲ ଗ୍ରାମାଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ୨ ଜଣ ମହୁଲ ଫୁଲ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୂଆଗଡ ଅଞ୍ଚଳର ସାଗର ପାଇକ (୨୬) ଏବଂ ଖଗେଶ୍ୱର ପାଇକ (୨୧)। ନୂଆଗଡ଼ରୁ ରାୟଗଡ ଅଭିମୁଖେ ଆସୁଥିବା ଏକ ମ୍ୟାକ୍ସ ପିକଅପ ଭ୍ୟାନକୁ ଅବକାରୀ ପାଟ୍ରୋଲିଂ ଟିମ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ପ୍ରାୟ ୫୦ବସ୍ତା ମହୁଲ ଫୁଲ ଦେଖିବାକୁ ପାଇଥିଲେ। ଏହାପରେ ଓଜନ କରିବାରୁ ୨୦ କୁଇଣ୍ଟାଲ ମହୁଲଫୁଲ ଥିବାର ଜଣାପଡ଼ିଛି।

### ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଖୋଲିଲା

ବୁଗୁଡା,୨୯।୪(କାଳିଚରଣ ଦାଶ)

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ବଡ଼ଶଙ୍ଖ ନିକଟରେ ସୋମବାର ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ସ୍ଥାନୀୟ ବିଧାୟକ ତଥା ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବୁଗୁଡ଼ା ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା ଓ ବ୍ଲକ ସଭାପତି ଇ. ମଦନ ଗୋପାଳ ଦୋରା, ଯୁବ ବିଜେଡି ସଭାପତି କେଶବ ସାହୁ ଓ ଛାତ୍ର ବିଜେଡି ସଭାପତି ଦୀପକ କୁମାର ମିଶ୍ର ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ସମ୍ପାଦକ ରବୀନ୍ଦ୍ର ନାଥ ପଣ୍ଡା ଓ ମନୋରଞ୍ଜନ ଦାଶ, ରମଣ ନାହାକ, ବିଚିତ୍ର କୁମାର ପାଣିଗ୍ରାହୀ, ପୂର୍ବତନ କାଉନ୍‌ସିଲର ସୂର୍ଯ୍ୟ ନାରାୟଣ ମହାନ୍ତି ଓ ବ୍ରଜ ବିହାରୀ ପ୍ରଧାନ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ମନମୋହିଲା ଘୋଡ଼ାନାଚ, ଦୁଲ୍‌ଦୁଲି, ନବ କାଳୀବେଶ ନୃତ୍ୟ

ଦାରିଙ୍ଗବାଡି, ୨୯।୪ (ଅରୁଣ ସାହୁ)

- ଠାକୁରାଣୀ ଯାତ୍ରାର ସପ୍ତମ ସନ୍ଧ୍ୟା
- ଶିବମନ୍ଦିର ସାହିରୁ ବିରାଟ ଶୋଭାଯାତ୍ରା

ଦାରିଙ୍ଗବାଡିଠାରେ ଚାଲିଥିବା ମା'ଠାକୁରାଣୀଙ୍କ ଯାତ୍ରା ସୋମବାର ସପ୍ତମଦିନରେ ପହଞ୍ଚିଛି। ପ୍ରତିଦିନ ଭଳି ସୋମବାର ମା'ଙ୍କ ବାପଘର ତଥା ଅସ୍ଥାୟୀ ମନ୍ଦିରରେ ଦିନ ତମାମ ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟା ଆଳତି କରାଯାଇଥିଲା। ଶିବମନ୍ଦିର ସାହି ବାସିନ୍ଦା ବିରାଟ ପଟୁଆରରେ ନିଜ ସାହିରୁ ବାହାରି ତିନି ଛକ, ଚାରିଛକ, ଲକ୍ଷ୍ମୀବଜାର ଦେଇ ଅସ୍ଥାୟୀ ମନ୍ଦିରରେ ପହଞ୍ଚି ମା'ଠାକୁରାଣୀଙ୍କୁ ନିଜ ସାହିକୁ ଯିବାକୁ ନିମନ୍ତ୍ରଣ କରିଥିଲେ। ହାତରେ ଗଜା ମୁହାଁ ଓ ପଣାହାଣ୍ଡି ନେଇ ମନ୍ଦିରରେ ମା'ଙ୍କୁ ପୂଜାର୍ଚ୍ଚନାକରି ନିମନ୍ତ୍ରଣ କରିବା ପରେ ମା'ଠାକୁରାଣୀଙ୍କ ସମେତ ପାଟଖଣ୍ଡା ଓ ଅନ୍ୟ ଦେବୀମାନଙ୍କ ଘଟ ଶିବମନ୍ଦିର ଅଭିମୁଖେ ବିରାଟ ପଟୁଆରରେ ବାହାରି ଶିବ ମନ୍ଦିର ସାହିର ଅସ୍ଥାୟୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା'ଙ୍କ ହୋମଯଜ୍ଞ ସହ ପୂଜାର୍ଚ୍ଚନା ପରେ ପୁଣି ଠାକୁରାଣୀ ବାପାଙ୍କ ଘରକୁ ଫେରିଥିଲେ। ବିରାଟ ପଟୁଆରରେ ଦର୍ଶକଙ୍କୁ ଆକର୍ଷିତ କରିଥିଲା ଦିଗପହଣ୍ଡିରୁ ଆସିଥିବା ଘୋଡ଼ାନାଚ, ସମ୍ବଲପୁରରୁ ଆସିଥିବା ଦୁଲ୍‌ଦୁଲି ସିଂଘ ବାଦ୍ୟ, ଘଣ୍ଟ, ଢୋଲ ଓ ସେହିପରି ଆକର୍ଷଣୀୟ ରହିଥିଲା ନବ ଦୁର୍ଗା ବେଶଙ୍କ ନୃତ୍ୟ ପରିବେଷଣ, ଆସିକା ନଳବଣ୍ଠାର ଆକର୍ଷଣୀୟ ବାଣ ପରିବେଷଣ ସମସ୍ତଙ୍କ ମନୋରଞ୍ଜନ କରିଥିଲା। ସେହିପରି ସୋମବାରଠାରୁ 'ଜନମ ନେଇଛି କାନ୍ଦିବା ପାଇଁ' ନାଟକ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଛି। କାର୍ଯ୍ୟକ୍ରମକୁ ମା' ଠାକୁରାଣୀ ପୂଜା କମିଟି ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ସଭାପତି ଲଡ୍ଡୁ କିଶୋର ସାହୁ, ସାଧାରଣ ସମ୍ପାଦକ ଭଗବାନ ସାହୁ, ରଞ୍ଜିତ ସେନାପତିଙ୍କ ସମେତ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ସେହିପରି ଶିବମନ୍ଦିର ସାହି ପକ୍ଷରୁ ଅନି ବିଶ୍ୱାଳଙ୍କ ସମେତ ବାଦଲ କୁମାର ସାହୁ, ବିଭୁପ୍ରସାଦ ସାହୁ,ସନ୍ତୋଷ ସୁବୁଦ୍ଧି, ଅବିନାଶ ସାହୁ, ବାବୁନା ସିଂ, ହ୍ରିତିକ ସାହୁ, ମହେଶ୍ୱର ସାହୁ, ସୁଶାନ୍ତ କୁମାର ସାହୁ, ମୀନକେତନ ପ୍ରଧାନ, ଅନୁଭବ ସାହୁ, ମାନସ ସାହୁ ପ୍ରମୁଖ ନିଜ ସାହି କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ।



ବିରାଟ ଶୋଭାଯାତ୍ରାରେ ବାହାରିଛନ୍ତି।

# ବିଜେଡିରୁ ଚକ୍ରମଣିଙ୍କ ପ୍ରାର୍ଥିପତ୍ର ଦାଖଲ



ବିଜେଡି ପ୍ରାର୍ଥୀ ଚକ୍ରମଣି କହଁରଙ୍କ ନାମାଙ୍କନ ପତ୍ର ଦାଖଲ

ବାଲିଗୁଡା,୨୯।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଚକ୍ରମଣି କହଁର ସୋମବାର ହଜାର ହଜାର ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଡ. ରିନା ପ୍ରଧାନଙ୍କ ନିକଟରେ ସେ ୨ ସେଟ ପ୍ରାର୍ଥିପତ୍ର ନାମାଙ୍କନ ଦାଖଲ କରିଥିଲେ। ସେଠାରେ କନ୍ଧମାଳ ଏମ୍‌ପି ଡ଼.ଅଚ୍ୟୁତ ସାମନ୍ତ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ସଂଯୋଜକ ଗୁନା ଦାସ, ଅଜୟ ମହାରଣା, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଉପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ଦେଇଥିବାରୁ ଧନ୍ୟବାଦ ପ୍ରଦାନ କରିବା ସହ ୪ଟି ବ୍ଲକ ଓ ବାଲିଗୁଡା ଏନ୍‌ଏସିର ଜନସାଧାରଣ ତାଙ୍କ ଉପରେ ଭରସା କରି ନାମାଙ୍କନ ଦାଖଲ ବେଳେ ଆସିଥିବାରୁ ସମସ୍ତଙ୍କୁ ଚକ୍ରମଣି ଧନ୍ୟବାଦ ପ୍ରଦାନ କରିଛନ୍ତି। ବାଲିଗୁଡା ବିଧାନସଭା ମଣ୍ଡଳୀର ସମସ୍ତ ଜନସାଧାରଣ ଚକ୍ରମଣି କହଁରଙ୍କୁ ପୁଣି ଥରେ ଆଶୀର୍ବାଦ ପ୍ରଦାନ କରି ବିଜୟୀ କରାନ୍ତୁ ବୋଲି ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଅପିଲ କରିଥିଲେ।

# ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କ ପ୍ରାର୍ଥିପତ୍ର ଦାଖଲ

ଫୁଲବାଣୀ, ୨୯।୪(ରାକେଶ କୁମାର ରାଉତ)

ଫୁଲବାଣୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ସୋମବାର ନିଜ ସମର୍ଥକଙ୍କ ସହ ଆସି ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥର ସେ ସମାଜବାଦୀ ପାର୍ଟି ତରଫରୁ ନିର୍ବାଚନ ଲଢୁଛନ୍ତି। ବିଜେଡି ତାଙ୍କୁ ଟିକେଟ ନ ଦେବାରୁ ସିଧା ସଳଖ ନିର୍ବାଚନକୁ ଓହ୍ଲାଇ ବିଜେଡିକୁ ଟକର ଦେବେ ବୋଲି ତାଙ୍କ ସମର୍ଥକ କହିଛନ୍ତି। ଗତ କିଛି ଦିନ ହେବ ଦେବେନ୍ଦ୍ର ମଧ୍ୟ ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ସକ୍ରିୟ ହୋଇ ଉଠିଛନ୍ତି। ଦେବେନ୍ଦ୍ର ନିଶ୍ଚିତ ଭାବେ ବିଜେଡି ପାଇଁ ବାଧକ ସାଜିବେ ବୋଲି ସବୁଠି ଆଲୋଚନା ଜୋର ଧରିଛି। ଦେବେନ୍ଦ୍ର ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡି ବିଧାୟକ ଥିଲେ। ସେହିପରି ଆମ ବିକାଶ ଦଳ ପକ୍ଷରୁ ହିମାଂଶୁ କହଁର ପାର୍ଥିପତ୍ର ଦାଖଲ କରିଛନ୍ତି।



ସମର୍ଥକମାନଙ୍କ ସହ ଦେବେନ୍ଦ୍ର କହଁର।

# ବଜ୍ରପାତରେ ଜଣେ ମୃତ, ୩ ଆହତ

ପାତ୍ରପୁର,୨୯।୪(ଉମା ଚରଣ ନେପାକ):

ପାତ୍ରପୁର ଗ୍ରାମରେ ସୋମବାର ବର୍ଷା ସହ ବଜ୍ରପାତ ହେବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ସୀମାଞ୍ଚଳ ସାହୁ। ଆହତମାନଙ୍କ ମଧ୍ୟରେ ପଦ୍ମା ବେହେରା, ବୈଜୟନ୍ତୀ ବେହେରାଙ୍କ ସହ ମୃତକଙ୍କ ଏକମାତ୍ର ପୁଅ ଶିବଶଙ୍କର ସାହୁ ଅଛନ୍ତି। ଗ୍ରାମର ଗୋପାଳ ପୋଖରୀ ସ୍ଥିତ କେନାଲ ନିକଟରେ ସୀମାଞ୍ଚଳ ନିଜ ରାଶି ଜମିକୁ କେତେଜଣ ମହିଳା ଶ୍ରମିକଙ୍କ ସହ ନିଜର ପୁଅଙ୍କୁ ନେଇ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହେବା ସହ ଅନ୍ୟମାନେ ଆହତ ହୋଇଥିଲେ। ଆଖ ପାଖରେ କାମ କରୁଥିବା ଚାଷୀ ଓ ଶ୍ରମିକମାନଙ୍କ ସହାୟତାରେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା। ସେଠାରେ ଡାକ୍ତର ସୀମାଞ୍ଚଳଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ଅନ୍ୟମାନଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

# ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ରଙ୍କ ନାମାଙ୍କନ ଦାଖଲ

ଖଲ୍ଲିକୋଟ,୨୯।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୋମବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସକାଳେ ସେ ଖଲ୍ଲିକୋଟର ପ୍ରତ୍ୟକ୍ଷ ଠାକୁରାଣୀ ମା' ବାହୁତୀ ଦେବୀଙ୍କ ନିକଟରେ ଦୀପଦାନ କରି ଦଳୀୟ କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ଛତ୍ରପୁରସ୍ଥିତ ଜିଲା କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ନାମାଙ୍କନ ଦାଖଲ ସମୟରେ ଦଳର ଜିଲା ଏବଂ ସ୍ଥାନୀୟ ନେତା ଉପସ୍ଥିତ ଥିଲେ।

# ନାମାଙ୍କନ ଦାଖଲ କଲେ ଶ୍ରମିକ ନେତା

ଭଞ୍ଜନଗର/ଆସିକା,୨୯।୪(ବାବୁଲା ପ୍ରଧାନ/ ସୁରେନ୍ଦ୍ର ନାଥ ସାହୁ)):

ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭଞ୍ଜନଗର ଏବଂ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୋମବାର ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭଞ୍ଜନଗରରୁ ସିପିଆଇ(ଏମ୍‌ଏଲ୍) ରେଡଷ୍ଟାରରୁ ପ୍ରାର୍ଥୀ ହୋଇଥିବା ଶ୍ରମିକ ଟୁନା ମଲ୍ଲିକ ଏବଂ ଆସିକା ବିଧାନସଭା ଆସନ ପାଇଁ ସିପିଆଇ(ଏମ୍‌ଏଲ୍) ରେଡଷ୍ଟାରରୁ ଶ୍ରମିକ ନେତା ରାଜମିସ୍ତ୍ରି ରାମଚନ୍ଦ୍ର ବାଡତ୍ୟା ଶୋଭାଯାତ୍ରାରେ ଆସି ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶ୍ରମିକଙ୍କ ହକପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ରାମଚନ୍ଦ୍ର କହିଛନ୍ତି। ସିପିଆଇ(ଏମ୍‌ଏଲ୍) ରେଡଷ୍ଟାର ଜିଲା ସମ୍ପାଦକ ଶଙ୍କର ଇନକିଲାବ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରକାଶ ବାରିକ, ସନ୍ଧ୍ୟାରାଣୀ ପ୍ରଧାନ, ବୁଲୁ ପ୍ରଧାନ, ବିପ୍ର ଚରଣ ନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ପଞ୍ଚାୟତରେ ସୁବାସଙ୍କ ଭୋଟ ଭିକ୍ଷା



କର୍ମୀମାନଙ୍କ ସହ ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ପ୍ରଚାର କରୁଛନ୍ତି।

ଛତ୍ରପୁର,୨୯।୪(ଦିଲୀପ ସାମଲ)

ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ସୋମବାର ଛତ୍ରପୁର ବ୍ଲକର କଣମଣା, ଆର୍ଯ୍ୟପଲ୍ଲୀ ଓ କାଳିପଲ୍ଲୀ ପଞ୍ଚାୟତରେ ପ୍ରଚାର କରିଛନ୍ତି । ସେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ପର୍ଯ୍ୟବେକ୍ଷକ ନାରାୟଣ ପ୍ରସାଦ ଜେନା, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡ୍ଡୀ, ଯୁବନେତା ଜ୍ୟୋତିରଞ୍ଜନ ସାହୁ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍.ଚକ୍ରପାଣି ରେଡ୍ଡୀ, ଛତ୍ରପୁର ପୌରପରିଷଦର ଉପାଧ୍ୟକ୍ଷ ଜି.ପାପା ରାଓ, ବିଜେଡି ଜିଲା ଉପସଭାପତି ଶଙ୍କର ପ୍ରସାଦ ଦାଶ, ଜିଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ, ଯୁବ ବିଜେଡି ଜିଲା ସାଧାରଣ ସଂପାଦକ ବିମଳ କୁମାର ପଣ୍ଡା, ଯୁବ ବିଜେଡି ଛତ୍ରପୁର ସଭାପତି ଟି.ଚନ୍ଦ୍ରଶେଖର ରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, କଣମଣା ସରପଞ୍ଚ ପି.ଦମୟନ୍ତୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, କାଳିପଲ୍ଲୀ ସରପଞ୍ଚ ବି.ଲକ୍ଷ୍ମୀ ପାତ୍ରଙ୍କ ସମେତ ବହୁ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

# ବିଜେଡି ପ୍ରାର୍ଥୀଙ୍କ ଗାଁକୁ ଗାଁ ବୁଲି ପ୍ରଚାର



ପଥପ୍ରାନ୍ତ ସଭାରେ କର୍ମୀଙ୍କ ଗହଣରେ ବିଧାୟିକା।

ଆସିକା,୨୯।୪(ସୁରେନ୍ଦ୍ର ନାଥ ସାହୁ)


ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ବିଜେଡି ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଗାଁକୁ ଗାଁ ବୁଲି ପ୍ରଚାର ଅଭିଯାନ ଜାରି ରହିଛି । ସୋମବାର ଅପରାହ୍ନରେ ପ୍ରାର୍ଥୀ ସ୍ୱାଇଁ ଦଳୀୟ କର୍ମୀଙ୍କ ସମର୍ଥକଙ୍କ ଗହଣରେ ଆସିକା ବ୍ଲକର କେନ୍ଦୁପଦର ପଞ୍ଚାୟତର ରାମନାପଲ୍ଲୀ, ହନୁମନ୍ତିଆପଲ୍ଲୀ, ରାଙ୍କୁଡା, ବେଣାପାଟ ପଞ୍ଚାୟତର କେଶପୁର, ବେଣାପାଟ, ନୂଆଁପଲ୍ଲୀ ଓ ବାଙ୍ଗରଡା ପଞ୍ଚାୟତର ନାହାଡା, ଆମ୍ବପୁଆ, ବାଙ୍ଗରଡା, ପଣସପଲ୍ଲୀ ଆଦି ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ବିଭିନ୍ନ ପଥପ୍ରାନ୍ତ ସଭାରେ ବିଜେଡିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରି ନବୀନ ବାବୁଙ୍କୁ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିସଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଜୋନଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ସରପଞ୍ଚ ଭବାନୀ ମଳିକ, ରାଜେଶ ପଟ୍ଟନାୟକ, ଜିଲା ପରିସଦ ସଦସ୍ୟ ମନୋଜ ଦୋରା, ତନ୍ମୟୀ ନାହାକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କବିସୂର୍ଯ୍ୟନଗର,୨୯।୪ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରସ୍ଥିତ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ନୋଡାଲ ଅଫିସର ସନ୍ତୋଷିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖଙ୍କ ଉପସ୍ଥିତିରେ ଶିବିର ଉଦ୍‌ଘାଟନ ହୋଇଥିଲା। ଗତ ମାର୍ଚ୍ଚ ୨୮ ତାରିଖରୁ ଚାଲିଥିବା ଏହି ଶିବିର ଶନିବାର ଉଦ୍‌ଯାପିତ ହୋଇଥିଲା । ଶିବାନୀ ମହାରଣା ଓ ସହଯୋଗୀ ସଂଗୀତା ନାହାକ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ଅଧ୍ୟକ୍ଷ କେ. ପୁରୁଷୋତ୍ତମ, ଅଧ୍ୟାପକ ତନୁଜ କୁମାର ବିଷୋୟୀ, ଡ. ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପିକା ଆଭାରାଣୀ ପଟ୍ଟନାୟକ, ଜାନକୀ ପାଢ଼ୀ ପ୍ରମୁଖ ଯୋଗଦେଇ ତାଲିମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲ।

# ସାନଖେମୁଣ୍ଡି ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ଛତ୍ରପୁର,୨୯।୪(ଦିଲୀପ ସାମଲ):

ଗଞ୍ଜାମ ଜିଲାର ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ସୋମବାର ଭାଜପା ପ୍ରାର୍ଥୀ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ଛତ୍ରପୁର ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବହୁ ସଂଖ୍ୟକ ସମର୍ଥକମାନଙ୍କ ସହ ସେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଏବଂ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ କାର୍ଯ୍ୟ କରିବି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଥିଲେ।

# ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ

ବୁଗୁଡା,୨୯।୪(କାଳିଚରଣ ଦାଶ)

ବୁଗୁଡା ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ନିଉ ଏରା ପବ୍ଲିକ ସ୍କୁଲ ପରିସରରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ଘନଶ୍ୟାମ ମିଶ୍ର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଶୋକ ନନ୍ଦ, ମୁଖ୍ୟବକ୍ତା ଭାବେ ବୃଷକେତୁ ଦାଶ, ସମ୍ମାନିତ ଅତିଥି ଭାବେ ଅନନ୍ତ କର, ଗଞ୍ଜାମ ଜିଲା ଯୁଜେଓ ସଭାପତି ଅନିଲ ପଟ୍ଟନାୟକ, କବି ପ୍ରଶାନ୍ତ ନନ୍ଦ ଯୋଗଦେଇ ନିଜ ଅଞ୍ଚଳର ସାହିତ୍ୟକୁ ବିଶ୍ୱ ସ୍ତରରେ ପହଞ୍ଚାଇବାର ଉଦ୍ୟମ କଲେ ସାହିତ୍ୟ ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ରଚିତ ଦୁଇଟି ପୁସ୍ତକ ସଂକ୍ଷିପ୍ତ ରାମାୟଣ ଓ ଧର୍ମ ଭକ୍ତିର ଅମୃତ ଧାରା ଉନ୍ମୋଚିତ ହୋଇଥିଲା। ଏଥିସହ ପଣ୍ଡିତ ମିଶ୍ରଙ୍କୁ ବିକ୍ଷିପ୍ତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ରଞ୍ଜିତା ନନ୍ଦ, ଗୋମତୀ ଦାଶ, ଚିତ୍ତରଞ୍ଜନ ଦାସ, ଲୋକନାଥ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଅରୁଣାଞ୍ଚଳ ପତି ପ୍ରମୁଖଙ୍କୁ ବିକ୍ଷିପ୍ତା ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଗୌରୀପତି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରମୋଦ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଶତାଧିକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ହର ପ୍ରସାଦ ସାହୁ ଏବଂ ଚିତ୍ରଶିଳ୍ପୀ ସ୍ଥିତଧି ରଥଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।


**MCL | ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5205



**IN THE DEBTS RECOVERY TRIBUNAL: CUTTACK**
**C/71, SECTOR-7, CDA, CUTTACK-753014**
**O. A. No. 575/2023**

State Bank of India ...Applicant
Vs
ABASS ALLI KHAN ... Defendants

1. **Abass Alli Khan,** aged about 35 yrs, S/o.: Hamza Alli Khan, residing at Plot No.: 523/6150, Canal Road, Near Om Gurukul Public School, Badagada, Bhubaneswar-751018

**Summons by paper publication for showing cause as to Why reliefs prayed for should not be granted**

Take notice that the applicant has instituted **OA No. 575/2023** in the Debts Recovery Tribunal, Cuttack for recovery of **Rs. 41,61,963.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on **24.06.2024 at 10.30 A.M.** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this tribunal on this 22nd day of month April 2024.

By order of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal



**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 61 / 2023**

State Bank of India .... Applicant
Vs.
Smt. Rajeswari Satpathy & Ors. .... Defendants
To,

1. **Smt. Rajeswari Satpathy,** aged about 46 yrs, W/o- Sarojkanta Satpathy,
2. **Sri Sarojkanta Satpathy,** aged about 51 yrs, S/o- Muralidhar Satpathy,
Both residing at Plot No. 1576/3110, Sasan Padia, Bhubaneswar-751002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 61/23** in the Debts Recovery Tribunal, Cuttack for recovery of **Rs.48,56,928.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **05.06.2024 at 10.30 AM** positively as to why the reliefs prayed for should not be granted.

Take notice that in case of default the original application shall be heard and disposed off exparte in your absence.

Given under hand and seal of this Tribunal on this **23rd day of Month April, 2024.**

By orders of this Tribunal
Sd/- (Nikhila Ranjan Pati)
Registrar
Debts Recovery Tribunal

## ସଂକ୍ଷେପରେ

### ଅବକାରୀ ଚଢ଼ାଉବେଳେ ମହିଳା କର୍ମଚାରୀଙ୍କୁ ଆକ୍ରମଣ ଥାନାରେ ମାମଲା

ଡାବୁଗାଁ, ୨୯।୪
(ପ୍ରଜ୍ଞାରଞ୍ଜନ ପରିଡ଼ା)



ଅବକାରୀ ଚଢ଼ାଉ ବେଳେ ଜଣେ ମହିଳା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି। ଏ ନେଇ ସୋମବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୋମବାର ଡାବୁଗାଁ ଅବକାରୀ ବିଭାଗ, ପୋଲିସ ଓ ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଥିଲା। ପୂର୍ବାହ୍ନ ୯.୩୦ ସମୟରେ ଫୁଲଭଟ୍ଟା ଗ୍ରାମର ବନବାସୀ ବିଷୋୟୀ (୪୪)ଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ସମୟରେ ବନବାସୀ ମହିଳା ଅବକାରୀ କର୍ମଚାରୀ ସୁରେଖା ଭତ୍ରାଙ୍କ ବେକକୁ ଚାପିଧରି ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ଡାହାଣ ହାତକୁ ଆକ୍ରମଣ କରିଥିଲେ। ଏଥିରେ ମହିଳା କର୍ମଚାରୀ ଜଣଙ୍କ ଆହତ ହୋଇଥିଲେ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ ଭାରପ୍ରାପ୍ତ ଅଧିକାରୀ ତଥା ଅବକାରୀ ଉପନିରୀକ୍ଷକ ବୁଲୁ ପାତ୍ର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା ଆଧାରରେ ଥାନା କେସ୍ ନଂ.୧୧୩/୨୪ରେ ଏକ ମାମଲା ରୁଜୁ କରାଯାଇଛି। ନବରଙ୍ଗପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମୁଖ୍ୟାଳୟ ଡିଏସ୍‌ପି ଉଲ୍ଲାସ ମାଝି ଘଟଣାର ତଦନ୍ତ କରୁଛନ୍ତି। ବନବାସୀଙ୍କୁ ଗିରଫ ପରେ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ୟୁପିଏ ନିରୀକ୍ଷକ ବୁଲୁ ପାତ୍ର, ସହ ଉପନିରୀକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, କର୍ମଚାରୀ ନାରାୟଣ ମୁଦୁଲି, ଶ୍ରୀକାନ୍ତ ବିଷୋୟୀ, ପୋଲିସ କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ଏନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ.୧୯/୨୦୨୪-୨୫ରେ ଏକ ମାମଲା ରୁଜୁ କରାଯାଇଛି।

### ସାଧାରଣ ପର୍ଯ୍ୟବେକ୍ଷକଙ୍କ ରାଇଘର ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନ

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଲୋକ ସଭା ସାଧାରଣ ପର୍ଯ୍ୟବେକ୍ଷକ ପଲ୍ଲବ ଗୋପାଳ ଝା ସୋମବାର ରାଇଘର ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ସେ ବୁଥ୍‌ଗୁଡ଼ିକରେ ବିଦ୍ୟୁତ୍, ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି କି ନାହିଁ ତାହାର ତଦାରଖ କରିଥିଲେ। ବିଡିଓ ଓ ବ୍ଲକ କର୍ମଚାରୀଙ୍କୁ ନେଇ ସମୀକ୍ଷା କରି ଫେରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ସମୟରେ ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝି, ଓର୍‌ମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଉମା ମହେଶ, ରାଇଘର ଥାନାଧିକାରୀ ରଘୁନାଥ ମାଝି, କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ମଇଦାନରେ ୩୧

## ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ

ବ୍ରହ୍ମପୁର,୨୯।୪(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଗତ ୨୫ ତାରିଖରେ ଶେଷ ହୋଇଥିଲା। ୨୬ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ରହିଥିଲା। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଭାବେ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି।

ଗୋପାଳପୁର ବିଧାନସଭା ଆସନରୁ କେବଳ ଜଣେମାତ୍ର ସ୍ୱାଧୀନ ପ୍ରାର୍ଥୀ ଉମାଚରଣ ନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଏହି ଆସନରୁ ଆମ ଆଦମୀ ପାର୍ଟି ପକ୍ଷରୁ ପି. ନୀଳକଣ୍ଠ ରେଡ଼ି, ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ଭାଜପା ପ୍ରାର୍ଥୀ ବିଭୂତି ଭୂଷଣ ଜେନା, କଂଗ୍ରେସ ପ୍ରାର୍ଥୀ ଶ୍ୟାମ ସୁନ୍ଦର ସାହୁ, ବହୁଜନ ସମାଜବାଦୀ ପାର୍ଟି ପ୍ରାର୍ଥୀ ସନ୍ତୋଷ କୁମାର ଦାଶ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ଏସ କୁମାରୀ ମମତା, ଭାରତୀୟ ବିକାଶ ପରିଷଦ ପ୍ରାର୍ଥୀ ପି ତୁଳସେୟା ରେଡ଼ି, ଏସୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ଶୁଭସ୍ମିତା ପାଣିଗ୍ରାହୀ, ସ୍ୱାଧୀନ ପ୍ରାର୍ଥୀ ଡ ଟି ପଦ୍ମାବତୀ ଓ ସ୍ୱାଧୀନ ପ୍ରାର୍ଥୀ ମନୋରଞ୍ଜନ ସାହୁ ପ୍ରମୁଖ ଦଳୀୟ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରିବେ ବୋଲି ସୂଚନା ମିଳିଛି। ସେହିଭଳି ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ନିମନ୍ତେ ନାମାଙ୍କନ ଦାଖଲ କରିଥିବା କୌଣସି ବି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନାହାନ୍ତି। ଦିଗପହଣ୍ଡି ବିଧାନସଭା ଆସନ ପ୍ରାର୍ଥୀଙ୍କ ମଧ୍ୟରେ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ନୀଳମାଧବ ମିଶ୍ର, ଆମ ଆଦମୀ ପାର୍ଟି ପ୍ରାର୍ଥୀ ପି ମନୋଜ କୁମାର, ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ର, କଂଗ୍ରେସ ପ୍ରାର୍ଥୀ ସାକା ସୁଜିତ କୁମାର, ଭାଜପା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ପିଣ୍ଟୁ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ କାହ୍ନୁ ଚରଣ ପାତ୍ର, ସ୍ୱାଧୀନ ପ୍ରାର୍ଥୀ କୁନା ଦାସ, ସ୍ୱାଧୀନ ପ୍ରାର୍ଥୀ ଜୟରାମ ରାଉତ, ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ଖଟେଇ, ସ୍ୱାଧୀନ ପ୍ରାର୍ଥୀ ଯମୁନା ବେହେରା, ସ୍ୱାଧୀନ ପ୍ରାର୍ଥୀ ଶିମାଚଂଳ ଡାକୁଆ ଓ ସ୍ୱାଧୀନ ପ୍ରାର୍ଥୀ ସୁକାନ୍ତ କିଶୋର ପଣ୍ଡା ପ୍ରତିଦ୍ୱନ୍ଦିତାରେ ରହିଛନ୍ତି। ସେହିଭଳି ଚିକିଟି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆମ ଆଦମୀ ପାର୍ଟି ପ୍ରାର୍ଥୀ ଡି ଶ୍ରୀନିବାସ ରେଡ଼ି, ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା, କଂଗ୍ରେସ ପ୍ରାର୍ଥୀ ରବିନ୍ଦ୍ରନାଥ ଦ୍ୟାନ ସାମନ୍ତରା, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ବିଭୁଧେନ୍ଦ୍ର ପାଢ଼ି, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ସାଲିନା ଉମାଶଙ୍କର, ସ୍ୱାଧୀନ ପ୍ରାର୍ଥୀ ଏସ ରେଣୁକେଶ୍ୱର ରାଓ ଓ ସ୍ୱାଧୀନ ପ୍ରାର୍ଥୀ ସୁରେନ୍ଦ୍ର ମଣ୍ଡଳ ନିର୍ବାଚନ ମଇଦାନରେ ରହିଛନ୍ତି। ତେବେ ବିଜେଡି, ଭାଜପା, କଂଗ୍ରେସ ଭଳି ଅନ୍ୟାନ୍ୟ ଦଳୀୟ ପ୍ରାର୍ଥୀଙ୍କ ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀଙ୍କୁ ସେମାନଙ୍କ ଦଳୀୟ ଚିହ୍ନ ପ୍ରଦାନ କରାଯାଇଛି।

# ଓଭରବ୍ରିଜ, ଅଣ୍ଡର ପାସ୍ କାର୍ଯ୍ୟ ଆରମ୍ଭ ହେଉନି



ବିଜେଡି ପକ୍ଷରୁ ପ୍ରତିବାଦ।

## ବିଜେଡି ପକ୍ଷରୁ ପ୍ରତିବାଦ

ଗୋପାଳପୁର,୨୯।୪(ନବୀନ ରାଜ ଆଚାରୀ)

୧୬ ନଂ ଜାତୀୟ ରାଜପଥର ଦୀର୍ଘମାସ ହେଲା ଜଗନ୍ନାଥପୁର-ସୋରଳ ଛକରେ ଦୁର୍ଘଟଣା ଘଟି ଅନେକ ଜୀବନ ହାନୀ ହେଉଛି। ସୋମବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଓଭରବ୍ରିଜ ନିର୍ମାଣ ଦାବିରେ ବିକ୍ଷୋଭ ସହ ପ୍ରତିବାଦ କରାଯାଇଥିଲା। ଏହି ରାସ୍ତାରେ ବିଭିନ୍ନ ଛକମାନଙ୍କରେ ପ୍ରତିମାସରେ ୧୫ରୁ ଅଧିକ ମୃତ୍ୟୁ ଘଟୁଛି। ଉକ୍ତ ରାସ୍ତାରେ ବିଭିନ୍ନ ଛକରେ ଦୁଇଟି ଓଭର ବ୍ରିଜ ଓ ଅଣ୍ଡର ପାସ ନିର୍ମାଣ ପାଇଁ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଯଦ୍ୱାରା ଦୁର୍ଘଟଣାରେ ଅକାଳରେ ଲୋକଙ୍କ ଜୀବନ ଯାଉଛି। ସୋମବାର ସନ୍ଧ୍ୟାରେ ରଣ୍ଡା ଛକ ନିକଟରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ନେତୃତ୍ୱରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଓଭର ବ୍ରିଜ ନିର୍ମାଣ ହୋଇପାରୁନଥିବା ଯୋଗୁଁ ଦୁର୍ଘଟଣା ବଢ଼ିବା ସହ ମୃତ୍ୟୁ ସଂଖ୍ୟା ବଢୁଛି ବୋଲି ପ୍ରତିବାଦ କରିଥିଲେ। ଲୋକଙ୍କ କଥା ନେଇ ବହୁବାର ପାର୍ଲାମେଣ୍ଟରେ ଦାବି ଉପସ୍ଥାପନା କରିଥିଲି। ପୁଇଁତଳା ଠାରୁ ସୋରଳ ଛକ ପର୍ଯ୍ୟନ୍ତ ଓଭରବ୍ରିଜ ଓ ଅଣ୍ଡର ପାସ ପାଇଁ ଅନୁମୋଦନ ହୋଇସାରିଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ବର୍ତ୍ତମାନ ସୁଦ୍ଧା ଟେଣ୍ଡର ହୋଇପାରୁନାହିଁ ବୋଲି ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁ ସୂଚନା ଦେଇଥିଲେ। ଭାଜପା ରାଜନୀତି କରି ହୋ ହାଲ୍ଲା କରି ଉଦ୍ଦେଶ୍ୟ ରଖି କୋଣସି କାର୍ଯ୍ୟ କରୁନାହାନ୍ତି ବୋଲି ବିଧାୟକ ପଣ୍ଡା କହିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଜିଲା ପରିଷଦ ଉପସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ଡେପୁଟି ମେୟର ବିବେକ ରେଡି, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତୋଅପୋଇ ଦାସ, ଦିଲେଶ୍ୱର ରେଡି, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ସୁଭାଶିଷ ସାହୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଚାକିରିରୁ ବିଦାହେଲେ ସିଆର୍‌ସି

ପାରଳାଖେମୁଣ୍ଡି,୨୯।୪(ଗିରିଧାରୀ ପରିଛା):



## ପ୍ରଚାରରେ ସାମିଲ ହେବା ମହଙ୍ଗା ପଡ଼ିଲା

କଂଗ୍ରେସର ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ଗୁମ୍ମା ବ୍ଲକ ବଡକଳାକୋଟ ଗ୍ରାମପଞ୍ଚାୟତର ସିଆର୍‌ସି ଗୀତାଞ୍ଜଳୀ ଭୂୟାଁ ଚାକିରିରୁ ତଡ଼ାଖାଇଛନ୍ତି। ସୋମବାର ଏ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବିଧିବଧ ଭାବେ କାର୍ଯ୍ୟାଳୟ ଆଦେଶ ପ୍ରକାରେ ଚିଠା କରିଛନ୍ତି। ପ୍ରକାଶ ଯେ, ଭୂୟାଁ ବଡକଳାକୋଟ ଜିପିଏଲଏଫରେ ସିଆର୍‌ପି ଭାବେ କାର୍ଯ୍ୟରତ ଥିଲେ। ତେବେ କଂଗ୍ରେସର ରାଲିରେ ଭାଗନେଇ କଂଗ୍ରେସ ପତାକା ଧରିବା ସହ କଂଗ୍ରେସ ଚିହ୍ନର ଶାଢ଼ି ପରିଧାନ କରିଥିବାର ଦେଖିବାକୁ ପାଇଥିଲେ ସର୍ଭିଲାନ୍ସ ଟିମ । ଯାହାକି ନିର୍ବାଚନୀ ଅଦର୍ଶ ଆଚରଣ ବିଧି ଉଲଂଘନ ହେଇଥିବାର ଜଣାପଡିଛି । ଯାହାକୁ ଭିତ୍ତି କରି ଏପରି ପଦକ୍ଷେପ ନିଆଯାଇଛି।

### ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

କୋଡ଼ିଙ୍ଗା, ୨୯।୪
(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ବରଗାଁ ଗ୍ରାମର ଚନ୍ଦନ କୁମାର। ଅଭିଯୁକ୍ତଙ୍କଠାରୁ ୯ କେଜି ଗଞ୍ଜେଇ ସହ ଗୋଟିଏ ବାଇକ ଜବତ କରାଯାଇଛି। ଘଟଣାରୁ ପ୍ରକାଶ ଯେ କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରବିବାର ସନ୍ଧ୍ୟା ୭ ଟାରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ବିଏମ୍ ସେମଳା ଛକ ନିକଟରେ କୋଷାଗୁମୁଡା ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ସିଜି-୨୭ ଏମ୍-୬୨୦୫)ଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ିରୁ ଗଞ୍ଜେଇ ବସ୍ତା ଜବତ କରାଯାଇଥିଲା। ପୋଲିସ ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇ ଉମରକୋଟ ଚାଲାଣ କରାଯାଉଥିବା କୋଡ଼ିଙ୍ଗା ଥାନାରୁ ସୂଚନା ମିଳିଛି। ପୋଲିସ କେସ୍ ନଂ. ୯୯/୨୪ରେ ମାମଲା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ହମିତନ ମାଝି ଘଟଣାର ଅଧିକ ତଦନ୍ତ କରୁଛନ୍ତି। ଏହି ଚଢ଼ାଉରେ ଥାନାଧିକାରୀ ଯୁଗଳ ଶବର, ଏସ୍‌ଆଇ ବିକ୍ରମ କେଶରୀ ସାହୁ, ଏଏସ୍‌ଆଇ ପ୍ରଦୀପ କୁମାର ବାଘ, ଏଏସ୍‌ଆଇ ସୁକୁଦେବ ଛତ୍ରିଆ, ଧୀରେନ କୁମାର ନାୟକ, ପ୍ରଶାନ୍ତ ଦୋରା ଓ ତୁଲୁସିଦାସ ମାଝି ସାମିଲ ଥିଲେ।





# ଉଡ଼ିଲା ଟାଲିଛପର, ରାସ୍ତାରେ ପଡ଼ିଲା ଗଛ

## ମୋହନାରେ କାଳବୈଶାଖୀ

ମୋହନା,୨୯।୪(ମନ୍ମଥ ମିଶ୍ର)

ସାରା ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଛି। ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଛି। ଗଜପତି ଜିଲା ମୋହନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପବନରେ ମୋହନା ବ୍ଲକର ଅଡବା ଓ ପଦାଗାଁ ଗ୍ରାମ ନିକଟରେ ୧୦ରୁ ଊର୍ଦ୍ଧ୍ୱ ଘରର ଟିଣ ଛପର ଉଡେଇ ନେଇଥିବା ବେଳେ ଅନେକ ବିରାଟକାୟ ଗଛ ଓ ବିଦ୍ୟୁତ ଖୁଣ୍ଟ ରାସ୍ତାରେ ପଡ଼ିଛି । ଘରର ମାଟି ଅତଡ଼ା ଖସି ସୁରଜ୍ ବେହେରାଙ୍କ ୭ ବର୍ଷର ପୁଅ ଆହତ ହୋଇଛନ୍ତି। ଜାତୀୟ ରାଜପଥ ୩୨୬ ରାସ୍ତା ଉପରେ ଗଛ ପଡ଼ି ରହିଥିବାରୁ ଯାନବାହାନ ଚଳାଚଳ ବନ୍ଦ ରହିଛି। ଘଟଣା ସ୍ଥଳରେ ମୋହନା ଅଗ୍ନିଶମ ବିଭାଗର କର୍ମଚାରୀ ଓ ଅଡବା ପୋଲିସ୍ ମିଳିତ ଉଦ୍ୟମରେ ରାସ୍ତାରୁ କଟର ମେଶିନ୍ ସାହାର୍ଯ୍ୟରେ ଗଛକୁ କାଟି ସଫା କରାଯାଇଛି।

# ୨ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

ପାରଳାଖେମୁଣ୍ଡି,୨୯।୪(ଗିରିଧାରୀ ପରିଛା)

ଗଜପତି ଜିଲାର ୨ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ପାରଳାଖେମୁଣ୍ଡିରୁ ଜଣେ ଏବଂ ମୋହନାରୁ ଜଣେ ପ୍ରାର୍ଥୀ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କ୍ଷେତ୍ରରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ। ସେହିପରି ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ଜଣ ପ୍ରତିଦ୍ୱନ୍ଦିତା କରିବେ। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ମାତ୍ର ମହିଳା ପ୍ରାର୍ଥୀଙ୍କ ସମେତ ୧୧ ଜଣ ବିଧାୟକ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ। ଏହି ୧୧ ଜଣଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀ ନାମାଙ୍କନ ଭରିଥିବା ପ୍ରାର୍ଥିନୀ ପ୍ରିତିଲତା ପଟ୍ଟନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିଭଳି ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୮ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଏଥିରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କେ ଦାଖଲ କରିଥିବା ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ମୋହନା ବିଧାନସଭା ଆସନରେ ମୋଟ ୭ଜଣ ବିଧାୟକ ପ୍ରାର୍ଥୀ ଲାଗି ପ୍ରତିଦ୍ୱନ୍ଦିତା କରିବେ। ସେମାନେ ହେଲେ ବିଜେଡିରୁ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଭାଜପାରୁ ପ୍ରଶାନ୍ତ କୁମାର ମଲ୍ଲିକ, କଂଗ୍ରେସରୁ ଦାଶରଥି ଗମାଙ୍ଗ, ମାନସ ଲୋକଶକ୍ତି ଦଳର ଯୋହନ ମଲିକ ନିଜ ନିଜ ଦଳ ପକ୍ଷରୁ ଲଢିବେ। ସେହିପରି ସ୍ୱାଧୀନ ପ୍ରାର୍ଥି ଭାବେ ଦଣ୍ଡାସି ଖଣ୍ଡୁଆଳ, ମଜେଶ ଦଳବେହେରା ଓ ରୁବେନ ମଣ୍ଡଳ ନିର୍ବାଚନ ମଇଦାନରେ ରହିଛନ୍ତି। ପାରଳାଖେମୁଣ୍ଡି ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ବିଜେଡିର ଇଂ. ରୂପେଶ କୁମାର ପାଣିଗ୍ରାହୀ, ଭାଜପାରୁ କେ.ନାରାୟଣ ରାଓ, କଂଗ୍ରେସରୁ ବିଜୟ କୁମାର ପଟ୍ଟନାୟକ, ଆପରୁ ମୋନଜ କୁମାର ବଡନାୟକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ପାଇଲା ମୂରଲୀ କ୍ରିଷ୍ଣା, ମାନସ ଲୋକଶକ୍ତି ଦଳରୁ ପ୍ରବିନ୍ଦର ସିଂ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଆମୋଦ କୁମାର ବର୍ଦ୍ଧନ ଓ ବିକାଶ ଚନ୍ଦ୍ର ସିଂ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ରହିଛନ୍ତି। ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ ଜଣ ଏବଂ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛି।

# ନିର୍ବାଚନ ସମ୍ବନ୍ଧୀୟ ମୁଖ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ପାରଳାଖେମୁଣ୍ଡି,୨୯।୪(ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ସଦରମହକୁମା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବ୍ରହ୍ମପୁର ସଂସଦୀୟ ମୁଖ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଜିଲା ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଥିଲା। ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ସୌରବ ଦୁବେ, ଆଇଆର୍‌ଏସ୍, ମୁଖ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏବଂ ମୋହନା ଓ ପାରଳାଖେମୁଣ୍ଡିର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଚନ୍ଦ୍ରାଣିକା ଗର୍ଗ, ଆଇଆର୍‌ଏଏସ୍, ଯୋଗଦେଇ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ଉପରେ ସମୀକ୍ଷା କରିଥିଲେ।

ସୋମବାର ଅନୁଷ୍ଠିତ ବୈଠକରେ ଦୁଇଟି ନିର୍ବାଚନ ମଣ୍ଡଳୀ ଓ ଗୋଟିଏ ଲୋକସଭା ଆସନ ପାଇଁ ସମସ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଆୟକର ବିଭାଗ, ସିଟିଜିଏସ୍‌ଟି ବିଭାଗ, ଅବକାରୀ ବିଭାଗ, ପରିବହନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ, ଗଜପତି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରରେ ରବୀନ୍ଦ୍ର କହଁର,ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, ଛେଳିଗଡ଼, ସୁଚିସ୍ମିତା ମାଝୀ, ଡେପୁଟି କଲେକ୍ଟର ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ ଟିମ ତଥା ଭିଏସ୍ଟି ଏସଏସ୍ଟି ଭିଏସ୍ଟି ଆକାଉଣ୍ଟ ଟିମ, ଫ୍ଲାଇଙ୍ଗ ସ୍କ୍ୱାଡ, ଏମ୍ସିଏମ୍ସି ଟିମର ନୋଡାଲ ଅଧିକାରୀଙ୍କମାନଙ୍କ ସହିତ ଆଲେଚନା କରିଥିଲେ।

# କେନ୍ଦ୍ରୀୟ ସହାୟତା ସତ୍ତ୍ୱେ କନ୍ଧମାଳ ପଛୁଆ

ଫୁଲବାଣୀ,୨୯।୪
(ରାକେଶ କୁମାର ରାଉତ)





ବିଜେଡି ପକ୍ଷରୁ ପ୍ରତିବାଦ।

## ଏମ୍‌ପିଙ୍କ ବିରୋଧରେ ଭାଜପା ପ୍ରାର୍ଥୀଙ୍କ ଚାର୍ଜଶିଟ

ଚଳିତ ନିର୍ବାଚନରେ ବିଜେଡିର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ଚାର୍ଜଶିଟ ପ୍ରସ୍ତୁତ କରିଛନ୍ତି ଭାଜପା ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ। ସୋମବାର ଏକ ଖବରଦାତା ସମ୍ମିଳନୀରେ ପାଣିଗ୍ରାହୀ ନିଜ ମନ୍ତବ୍ୟ ରଖି କହିଛନ୍ତି, କେନ୍ଦ୍ର ସରକାରଙ୍କ ସମସ୍ତ ସହାୟତା ସତ୍ତ୍ୱେ ଏମ୍‌ପିଙ୍କ ଅପାରଗତା ଯୋଗୁଁ କନ୍ଧମାଳ ଜିଲା ସବୁକ୍ଷେତ୍ରରେ ପଛୁଆ ରହିଛି। ବିଶେଷ କରି ଉଦ୍ୟୋଗ ବିକାଶରେ ଜିଲା ସଂପୂର୍ଣ୍ଣ ଭାବେ ଅବହେଳିତ ହୋଇ ରହିଥିବା ବେଳେ କୃଷି, ପର୍ଯ୍ୟଟନ, କ୍ରୀଡ଼ା, ରୋଜଗାର, ରେଳପଥ, ସଡ଼କପଥ, ମୋବାଇଲ୍ ନେଟୱାର୍କ, ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ କୌଣସି ପ୍ରଗତି ହୋଇନାହିଁ। କେନ୍ଦ୍ର ସରକାର କନ୍ଧମାଳ ଜିଲାକୁ ଆକାଂକ୍ଷୀ ଜିଲା ଭାବେ ଗ୍ରହଣ କରିଥିଲେ ମଧ୍ୟ ଜିଲା ଏହାର ଫାଇଦା ନେଇପାରିନି। କୌଣସି କେନ୍ଦ୍ରୀୟ ଯୋଜନାକୁ ଠିକ ଭାବେ କାର୍ଯ୍ୟକାରି କରାଯାଉନାହିଁ ବୋଲି ଚାର୍ଜଶିଟ୍ ଦର୍ଶାଯାଇଛି । କନ୍ଧମାଳ ଜିଲାରେ ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ଅନେକ ସୁଯୋଗ ରହିଥିଲେ ମଧ୍ୟ ଏ ଦିଗରେ କିଛି କରାଯାଇ ନାହିଁ। ଏମ୍‌ପି ସାମନ୍ତ ଲୋକସଭାରେ କନ୍ଧମାଳ ସମସ୍ୟା ଠିକ ଭାବେ ଉପସ୍ଥାପିତ କରି ନ ଥିବା ଅଭିଯୋଗ କରିଛି ଭାଜପା। ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଓ ଚାର୍ଜସିଟ୍ ଦାଖଲ ବେଳେ ଭାଜପା ଲୋକସଭା ପ୍ରାର୍ଥୀ ପାଣିଗ୍ରାହୀଙ୍କ ସମେତ ଜିଲା ସଂପାଦକ ଲିଙ୍ଗରାଜ ଦଳବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି ଏବଂ ଲୋକସଭା ମିଡ଼ିଆ ସେଲ୍ ସଂଯୋଜକ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାର୍ଥୀମାନେ ଦୈନିକ ୧୦ ହଜାର ଟଙ୍କା ନଗଦ ଉଠାଇ ପାରିବେ

## ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ବୈଠକ

- ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ଅନଲାଇନ କାରବାର କରିବେ
- ପ୍ରାର୍ଥୀଙ୍କ ପ୍ରତ୍ୟେକ ଦିନ ଟଙ୍କା ଉଠାଣ ସମ୍ବନ୍ଧରେ ବ୍ୟାଙ୍କ ହିସାବ ଦେବ

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)



ଅଧିକାରୀମାନେ ବୈଠକରେ ଆଲୋଚନା କରୁଛନ୍ତି।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖର୍ଚ୍ଚ ନୋଡାଲ ଅଫିସର ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଖର୍ଚ୍ଚ ସମ୍ବନ୍ଧୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ନଗଦ ୧୦ ହଜାର ଟଙ୍କା ଉଠାଇପାରିବେ। ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ଅନ୍‌ଲାଇନ ମାଧ୍ୟମରେ କାରବାର କରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ପ୍ରାର୍ଥୀମାନଙ୍କ ପ୍ରତ୍ୟେକ ଦିନର ଟଙ୍କା ଉଠାଣ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ହିସାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଲୋକ ସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ନବ ମୁଖାର୍ଜୀ, ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ପି.ପି. ସଲିମ କୁମାର, ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ସୁନୀଲ କୁମାର ଜମୁଡ଼ା ଓ ସମସ୍ତ ବ୍ୟାଙ୍କର ଅଧିକାରୀ ଓ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜିମାର ସାଥୀ ହେବାକୁ ଆହ୍ୱାନ

ବ୍ରହ୍ମପୁର,୨୯।୪(ଅଶୋକ କୁମାର ସାହୁ)

ଦିନକୁଦିନ ବିଶ୍ୱତାପନ ବଢ଼ିବାରେ ଲାଗିଛି। ଏହାର ମୁକାବିଲା କେବଳ ସବୁଜିମାମୟ ପରିବେଶ କରିପାରିବ ବୋଲି ନିଶ୍ଚିତ ହେବା ପରେ ଅନେକ ଲୋକ ଓ ଅନୁଷ୍ଠାନ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲାର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ବି ସାମିଲ। ଫାଉଣ୍ଡେଶନର ନିର୍ଦ୍ଦେଶକ ତଥା ଚିକିଟି ବ୍ଲକ ପିତାତଳିର ସୁଧୀର ରାଉତ ଜିଲାର ବିଭିନ୍ନ ସ୍ଥାନରେ ଗଛ ଲଗାଇ ଲୋକମୁଖରେ ସବୁଜ ମଣିଷର ଆଖ୍ୟା ପାଇଛନ୍ତି। ୨୦୦୭ରୁ ସବୁଜିମାର ସାଥୀ ହେବା ପାଇଁ ସମାଜକୁ ସେ ଆହ୍ୱାନ ଦେଇ ଆସୁଛନ୍ତି।

ସୁଧୀର ଆନ୍ଧ୍ରପ୍ରଦେଶର ଏକ ବେସରକାରୀ କଲେଜରେ ଅଧ୍ୟାପନା କରୁଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଛାତ୍ରୀଛାତ୍ର ସ୍କୁଲକୁ ଆସୁଥିବାରୁ ଅଭିଭାବକମାନେ ପ୍ରତିବାଦ କଲେ। ଗ୍ରୀଷ୍ମକୁ କେବଳ ଗଛ ହିଁ ମୁକାବିଲା କରିପାରିବ ବୋଲି ସେ ଚାରା କିଣିଆଣି ଅନୁଷ୍ଠାନ ପରିସରରେ ଲଗାଇଲେ। ବର୍ଷେ ଭିତରେ ଗଛଗୁଡ଼ିକ ବଢ଼ି ସବୁଜ ପରବେଶ ସୃଷ୍ଟି ହେଲା। ସେବେଠୁ ଅଭିଭାବକମାନଙ୍କ ପ୍ରତିବାଦର ସ୍ୱର ଥମିଗଲା। ସେଇଠୁ ହିଁ ସୁଧୀର ସବୁଜିମାର ସାଥୀ ହେବା ପାଇଁ ମନସ୍ଥ କରିଥିଲେ। ଯାହାକି, ଆଜି ପର୍ଯ୍ୟନ୍ତ ଜାରି ରହିଛି। ଏଠାକୁ ଆସିବା ପରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଗଢ଼ିଥିଲେ। ସେହି ଫାଉଣ୍ଡେଶନ ଜରିଆରେ ଆରମ୍ଭ ହେଲା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ। ୨୦୦୭ରେ ପ୍ରଥମେ ଗାଁ ପୋଖରୀ ହୁଡ଼ା ଓ ରାସ୍ତା ପାର୍ଶ୍ୱରେ ୪୦୦ ଗଛ ଲଗାଇଥିଲେ। ଧୀରେ ଧୀରେ ସୁରକ୍ଷା ପାଇଁ ଲୋକେ ସହଯୋଗ କଲେ। ୨୦୦୯ରେ ସବୁଜ ରଥ ବାହାରିଲା। ଏହି ରଥ ଜିଲାସାରା ବୁଲି ଲୋକଙ୍କୁ ଦାସକାଠିଆ ଓ ଗାହାଣୀ ମାଧ୍ୟମରେ ସଚେତନ କରିବା ସହିତ ଚାରା ବଣ୍ଟିଲା। ସୁରୁଲ ରୋଡ ଛକଠାରୁ ଚିକିଟି ରୋଡ଼ରେ ପ୍ରାୟ ୨୦୦୦ ଗଛ ଲଗାହେଲା। ହେଲେ ୨୦୧୩ରେ ଫାଇଲିନ୍‌ରେ ଅନେକ ଗଛ ଭାଙ୍ଗିଗଲା। ଏଥିରେ ଧୈର୍ଯ୍ୟହରା ନ ହୋଇ ପିତାତଳି ନିକଟରେ ୨୫ ଏକର ବିଶିଷ୍ଟ ଏକ ଗୋଚର ଜମିକୁ ସବୁଜିମା କରିବାର ମନସ୍ଥ କରି ବନ ବିଭାଗ ସହିତ ପରାମର୍ଶ କରାଗଲା। ସେଠାକାର ଟାଣମାଟି ଗଛ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କୁହାଯିବା ପରେ ମନ ଭାଙ୍ଗିଗଲା। ତଥାପି ଆନ୍ଧ୍ରରୁ ପ୍ରାୟ ୧୦ ହଜାର ଆକାଶିଆ, ଆମ୍ବ, ପଣସ, ନିମ, ବର, କଦମ୍ବ, ରକ୍ତ ଚନ୍ଦନ, କର, ଶାଗୁଆନ ପ୍ରାୟ ୭୦ ପ୍ରକାରର ବଡ଼ଗଛ ଚାରା ଆଣି ସେଠାରେ ଲଗେଇଲେ। ସ୍ଥାନୀୟ ଅଞ୍ଚଳର ଗୋରୁଙ୍କୁ ଆଉ ଏକ ଚାରଣ ଭୂମି ଦିଆଗଲା। ଏବେ ସେହି ଚାରା ବଡ଼ ଗଛରେ ପରିଣତ ହୋଇଛି। ଯେଉଁ ସ୍ଥାନରେ ଘାସ ଉଠୁ ନ ଥିଲା, ଏବେ ତାହା ସବୁଜିମା ହୋଇଛି। ଅଞ୍ଚଳବାସୀ ସେହି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ହାତରେ ହାତ ମିଶିଲେ ହିଁ ସବୁଜିମା ସୃଷ୍ଟି ହୁଏ ବୋଲି ସୁଧୀରଙ୍କର ମତ। ସବୁଜ ବିପ୍ଳବ ପାଇଁ ଚାଲିଥିବା ସଂଗ୍ରାମରେ କ'ଣ ପାଇଛନ୍ତି ବୋଲି ପଚାରିବାରୁ ସେ କହିଛନ୍ତି, ସବୁଜିମା ହିଁ ବଡ଼ ପ୍ରାପ୍ତି। ତଥାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ପୁରସ୍କାର ମିଳିଛି, ଯାହାକି ଉତ୍ସାହିତ କରିଛି। କିନ୍ତୁ ପରିବେଶକୁ ସବୁଜିମା କରିବା ପାଇଁ ଦିଆଯାଉଥିବା ଆହ୍ୱାନରେ ଭବିଷ୍ୟତରେ ସମସ୍ତେ ସାମିଲ ହେଲେ ବିଶ୍ୱତାପନ ରୋକିବାରେ ଏହା ସମର୍ଥ ହେବ ଓ ଉଦ୍ଦେଶ୍ୟ ପୂରଣ ହେବ ବୋଲି ସୁଧୀର କହିଛନ୍ତି।



ପୂର୍ବରୁ ଥିବା ଗୋଚର ଜମିରେ ଗଛ ଲଗାଯାଉଛି।



ବର୍ତ୍ତମାନ ସୃଷ୍ଟି ହୋଇଥିବା ଜଙ୍ଗଲ।

## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ରେଳଷ୍ଟେଶନ ନିକଟ ଜେଲକଡ଼ ରେଳଧାରଣାରୁ ଜଣେ ସରକାରୀ ରେଳବାଇ ପୋଲିସ (ଜିଆରପି) ରବିବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେଠାରୁ ମିଳିଥିବା ଆଧାର କାର୍ଡ ଓ ଭୋଟ ପରିଚୟ ପତ୍ରରୁ ମୃତକ ଜଣକ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ରବୀନ୍ଦ୍ର ଡାକୁଆ ବୋଲି ଜଣାପଡ଼ିଛି। ପୋଲିସ ଏ ନେଇ ନଂ.୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଭାଇ ତାରିଣୀ ଡାକୁଆଙ୍କୁ ହସ୍ତାନ୍ତର କରାଯାଇଛି। କୌଣସି କାରଣକୁ ନେଇ ରବୀନ୍ଦ୍ରଙ୍କଠାରୁ ତାଙ୍କ ସ୍ତ୍ରୀ ଅଲଗା ରହୁଥିଲେ। ତେଣୁ ରବୀନ୍ଦ୍ର ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ରବିବାର ସକାଳେ କାହାକୁ କିଛି ନ କହି ସେ ଘରୁ ଚାଲିଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ଭାଇ ଖୋଜାଖୋଜି କରି ନିରାଶ ହୋଇଥିଲେ। ଆଧାର କାର୍ଡରୁ ମିଳିଥିବା ଠିକଣା ପ୍ରକାରେ ଜିଆରପି ସ୍ଥାନୀୟ ସଦର ଥାନାକୁ ଜଣାଇଥିଲା। ପୋଲିସଠାରୁ ଖବରପାଇ ତାରିଣୀ ସୋମବାର ଜିଆରପି ଥାନାରେ ପହଞ୍ଚିଥିଲେ। ପରେ ଏମ୍‌କେସିଜି ମେଡିକାଲକୁ ଯାଇ ଭାଇଙ୍କ ମୃତଦେହ ଚିହ୍ନଟ କରିଥିଲେ। ରବୀନ୍ଦ୍ର କୌଣସି ଟ୍ରେନ୍ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି।

### ବ୍ରହ୍ମପୁର ସଂଖ୍ୟାଲଘୁ ଭୋଟର କଂଗ୍ରେସରେ ସାମିଲ

ବ୍ରହ୍ମପୁର,୨୯।୪(ନରସିଂହ ସାହୁ)

ଗଞ୍ଜାମ ଜିଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟ ବ୍ରହ୍ମପୁର ବାପୁଜୀ ଆଶ୍ରମରେ ସୋମବାର ମିଶ୍ରଣ ପର୍ବ ହୋଇଥିଲା। ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ମୁସଲିମ ବ୍ୟକ୍ତି କଂଗ୍ରେସରେ ସାମିଲ ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। କଂଗ୍ରେସ ଜିଲା ସଭାପତି ତଥା ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମିଶ୍ରଣ ବେଳେ ପ୍ରଦୀପ ବେହେରା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

### ଶ୍ରମିକ ଦିବସ ପାଳନ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୨୯।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିଠାରେ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯିବା ପାଇଁ ସୋମବାର ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ସିପିଆଇ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ସିପିଆଇ(ଏମ୍)ର ପୂର୍ବତନ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ରଙ୍କ ସମେତ ପାର୍ଟି କାର୍ଯ୍ୟକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ଦିଗପହଣ୍ଡି ବଜାର ଗାନ୍ଧୀ ଛକଠାରେ ବୁଧବାର ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ମିଳିତ ଭାବେ ବିଶ୍ୱ ଶ୍ରମିକ ଦିବସ ଅବସରରେ ସାଧାରଣ ସଭାର ଆୟୋଜନ କରାଯିବା ସହ କମ୍ୟୁନିଷ୍ଟ ପାର୍ଟିର ପତାକା ଉତ୍ତୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ନିଷ୍ଟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର,୨୯।୪(ସ୍ମୃତି ରଞ୍ଜନ ମହାଳିକ)

ନିଷ୍ଟ ବିଶ୍ୱବିଦ୍ୟାଳୟରେ ସୋମବାର ବିଟେକ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ ସୁକାନ୍ତ କିଶୋର ମହାପାତ୍ର ଭର୍ଚ୍ଚୁଆଲରେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନିଷ୍ଟର ଭାରପ୍ରାପ୍ତ କୁଳପତି ଡ. ପି. ରାଜେଶ କୁମାର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲି ଜୀବନରେ ସବୁବେଳେ କିଭଳି ଖୁସିରେ ରହିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନିଷ୍ଟର କୁଳସଚିବ ଡ ବିଷ୍ଣୁଙ୍କର ନାୟକ ଶିକ୍ଷାକୁ ଭବିଷ୍ୟତରେ କିଭଳି ସଦୁପଯୋଗ କରିବେ ସେ ନେଇ କହିଥିଲେ। କାର୍ଯ୍ୟକ୍ରମକୁ ଶେଷ ବର୍ଷର ସଂଯୋଜକ ଆଶିଷ କୁମାର ଦାଶ, ଡ ବ୍ରଜ କିଶୋର ମିଶ୍ର, ଡ. ଭାସ୍କର ଭୋଳ, ଡ. ସୀମାଞ୍ଚଳ ପାଣିଗ୍ରାହୀ, ଡ. ଦୁର୍ଯ୍ୟୋଧନ ସାହୁ, ଡ ସୋରେନ ମିଶ୍ର, ଡ. ସୁଶାନ୍ତ ସାହୁ ଓ ଡ. ପ୍ରୀତି ରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ କୃତଜ୍ଞତା ଜଣାଇଥିଲେ।

# ଏମ୍‌କେସିଜିରେ ଶିଶୁର ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ)– ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ୧୫ ଦିନର ଏକ ଶିଶୁ ଶରୀରରେ ବିରଳ ଅସ୍ତ୍ରୋପଚାର କରାଯାଇଛି। ଶିଶୁର ପେଟ ଓ ଛାତି ମଝିରେ ଅବସ୍ଥିତ ପରଦାରେ ଥିବା ଏକ ଛୋଟକଣାକୁ ଥୋରାସ୍କୋପିକ ଅସ୍ତ୍ରୋପଚାରରେ ସିଲାଇ କରାଯାଇଛି। ଏମ୍‌କେସିଜିରେ ପ୍ରଥମ ଏହି ଅସ୍ତ୍ରୋପଚାର ଶିଶୁ ଶଲ୍ୟଚିକିତ୍ସା ବିଭାଗ, ଶିଶୁ ବିଭାଗ ଓ ନିଶ୍ଚେତକ ବିଭାଗର ମିଳିତ ଡାକ୍ତରୀ ଟିମ୍ କରିଛନ୍ତି।

ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମର ସୁନୀତା ସ୍ୱାଇଁଙ୍କ ଗତ ୮ ତାରିଖରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଜନ୍ମବେଳେ ଶିଶୁଟି ୨ କେଜି ୧୦୦ ଗ୍ରାମ ଓଜନର ହୋଇଥିଲା। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବାରୁ ତାକୁ ପ୍ରଥମେ ସ୍ଥାନୀୟ ପ୍ରାଥମିକ ଚିକିତ୍ସାଳୟ ଓ ପରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ସେଠାକାର ଡାକ୍ତର ଶିଶୁଟିର ଏଭଳି ଜଟିଳ ଅବସ୍ଥା ଦେଖି ଏମ୍‌କେସିଜି ମେଡିକାଲକୁ ରେଫର କରିଥିଲେ। ସେତେବେଳେକୁ ଶିଶୁଟିକୁ ୧୫ ଦିନ ହୋଇ ସାରିଥିଲା। ଏମକେସିଜି ଶିଶୁ ବିଭାଗରେ ଭର୍ତ୍ତି ପରେ ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ଶିଶୁଟିର ପେଟ ଭିତରେ ରହୁଥିବା ଅନ୍ତଃନଳୀଟି ଛାତି ଭିତରେ ଥିବା ଦେଖିବାକୁ ପାଇଥିଲେ। ଅଧିକ ପରୀକ୍ଷା ପରେ ପେଟ ଓ ଛାତି ଭାଗକୁ ଅଲଗା କରି ରଖୁଥିବା ପରଦାରେ କଣା ରହିଥିବା ଓ ଅନ୍ତଃନଳୀ ଛାତି ତଥା ହୃତପିଣ୍ଡ ନିକଟକୁ ଚାଲି ଯାଇଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଶିଶୁ ଶରୀରରେ ଅସ୍ତ୍ରୋପଚାର କରିବାର ଆବଶ୍ୟକତା ଥିଲା। ଏହାପରେ ଶିଶୁର ଅସ୍ତ୍ରୋପଚାର ପାଇଁ ଯୋଜନା ହୋଇଥିଲା। ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ଡା. ମାନସରଞ୍ଜନ ଦାସଙ୍କ ନେତୃତ୍ୱରେ ଶିଶୁ ବିଭାଗ ମୁଖ୍ୟ ଡା. ନରେନ୍ଦ୍ର ବେହେରା ଓ ନିଶ୍ଚେତକ ବିଭାଗ ମୁଖ୍ୟ ଡା. ଖଗେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ଶିଶୁ ବିଭାଗର ଡା. ସମୀର ସେଠୀ, ନିଶ୍ଚେତକ ବିଭାଗ ଡା. ଜୟଦୀପ ନାୟକ, ଡା. ବିମଳ ସାହୁ ଓ ନର୍ସିଂ ଅଫିସରଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା। ଏହି ଟିମ ପ୍ରାୟ ଦେଢ ଘଣ୍ଟା ଧରି ଶିଶୁଟିର ଶରୀରରେ ଅସ୍ତ୍ରୋପଚାର କରିଥିଲେ। ଲାପ୍ରୋସ୍କୋପିକ ଜରିଆରେ ପରଦାକୁ ସିଲେଇ କରାଯାଇଥିଲା। ଶେଷରେ ତାହା ସଫଳ ମଧ୍ୟ ହୋଇଛି। ଏହାକୁ ଡାକ୍ତରୀ ଭାଷାରେ ଡାଏଫ୍ରୋମାଟିକ ହାର୍ନିଆ ବୋଲି କୁହାଯାଉଛି। ଶିଶୁଟି ଗର୍ଭବସ୍ଥାରେ ଥିବା ବେଳେ ଶରୀର ଗଠନ ଠିକ ଭାବେ ନହେଲେ ଏହି ସମସ୍ୟା ଦେଖାଦିଏ। ପ୍ରତି ୧୦ହଜାର ଶିଶୁଙ୍କ ଠାରେ ଏଭଳି ସମସ୍ୟା ଦେଖା ଦେଇଥାଏ ବୋଲି ଡା. ଦାସ କହିଛନ୍ତି।




ଏମ୍‌କେସିଜି ଡାକ୍ତରମାନେ।

# ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

## ଅମଳ ହୋଇଥିବା ଧାନ, ମୁଗ ପୋଡ଼ି ପାଉଁଶ

ବେଲଗୁଣ୍ଠା,୨୯।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଇଙ୍ଗିନାଠି ପଞ୍ଚାୟତର ସାରିଆପଲ୍ଲୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାର ସର୍ବସ୍ୱାନ୍ତ ହୋଇଛି। ସୋମବାର ସାରିଆପଲ୍ଲୀ ବଡ଼ଦାଣ୍ଡ ସାହିର ବିଦ୍ୟାଧର ଲେଙ୍କାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ତାଙ୍କ ଘରୁ ନିଆଁ ବ୍ୟାପୀ ପଡ଼ୋଶୀ ଅଭିରାମ ରାଉତ, ହରିହର ରାଉତ, ଶାନ୍ତିଲତା ରାଉତଙ୍କ ଘରେ ନିଆଁଲାଗି ସମସ୍ତଙ୍କ ଦୁଇ ବଖରା ଲେଖାଏ ଜଳିଯାଇଥିଲା। ଫଳରେ ଚାରି ପରିବାର ଏହି ବର୍ଷ ଅମଳ କରିଥିବା ଧାନ, ଚାଉଳ ଓ ମୁଗ ସହ ବିଭିନ୍ନ ଆସବାବପତ୍ର ଏବଂ ଲୁଗାପଟା ଜଳିପୋଡ଼ି ପାଉଁଶ ହୋଇଯାଇଛି।
ଭଞ୍ଜନଗରରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଉକ୍ତ ଚାରି ଚାଷୀ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଘର।

# ଲାଞ୍ଚ ମାମଲା, ତତ୍କାଳୀନ କିରାଣି ନିର୍ଦ୍ଦୋଷ

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ସୋମବାର ଲାଞ୍ଚ ଗ୍ରହଣ ମାମଲାରେ ପ୍ରମାଣ ଅଭାବରୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ କିରାଣି ଏନ.ପ୍ରକାଶ ପାତ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

୨୦୦୯ରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିରାଣି ଭାବେ କାର୍ଯ୍ୟରତ ଥିଲେ ଏନ. ପ୍ରକାଶ ପାତ୍ର। ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମ ପଞ୍ଚାୟତରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଭାବେ ଏସ.କିଶୋର କୁମାର ପଟ୍ଟନାୟକ କାମ କରୁଥିଲେ। ଷଷ୍ଠ ବେତନ କମିଶନ ଲାଗୁ ହେବା ପରେ କିଶୋର ପାଇବାକୁ ଥିବା ତାଙ୍କର ବକେୟା ଟଙ୍କାର ବିଲ ପାସ କରିବା ନେଇ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ପରେ ସେ କିରାଣି ଏନ୍. ପ୍ରକାଶଙ୍କୁ ଉକ୍ତ ବିଲ ପାସ କରିବା ପାଇଁ ଅନୁରୋଧ କରିଥିଲେ। ଏଥିପାଇଁ ସେ ଏକ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ କିଶୋର ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୦୯ ମାର୍ଚ୍ଚ ୨୦ ତାରିଖରେ କିଶୋର କିରାଣିଙ୍କୁ ଲାଞ୍ଚ ଟଙ୍କା ଦେବାବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଚଢାଉ କରି ତାହାକୁ ଜବତ କରିଥିଲା। କିରାଣିଙ୍କୁ ମାମଲା ନମ୍ବର ୬/୦୯ ରେ ଗିରଫ କରାଯାଇଥିଲା। ଭିଜିଲାନ୍ସ ଟିମ ତାଙ୍କ ଆୟବର୍ହିଭୁତ ସମ୍ପତ୍ତି ସ୍ଥାବର ଓ ଅସ୍ଥାବର ଆକଳନ କରିବା ସହ ନଂ. ୩୬/୦୯ ରେ ଆଉ ଏକ ମାମଲା କିରାଣି ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ରୁଜୁ କରିଥିଲା। କିଛିଦିନ ପରେ ସେ ଜାମିନ ପାଇଥିଲେ। ଗତ ନଭେମ୍ବର ୩୦ରେ ପ୍ରଥମେ ଆୟବର୍ହିଭୁତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଥିଲା। ସେଥିରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଉଭୟ କିରାଣି ଏନ. ପ୍ରକାଶ ଓ ତାଙ୍କ ସ୍ତ୍ରୀ ଏନ.ସନ୍ତୋସିନୀ ପାତ୍ରଙ୍କୁ ୨ ବର୍ଷ ଜେଲ ଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା କରିଥିଲେ। ଏନ୍. ପ୍ରକାଶଙ୍କ ବିରୋଧରେ ହୋଇଥିବା ଲାଞ୍ଚ ଗ୍ରହଣ ମାମଲାର ବିଚାର ଭିଜିଲାନ୍ସ କୋର୍ଟରେ ଚାଲିଥିବା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଏନ. ପ୍ରକାଶ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ ଓ ନୃସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## କୃଷ୍ଣଚନ୍ଦ୍ର ଗଜପତି, ମଧୁବାବୁ ଜୟନ୍ତୀ ପାଳିଲା ପୁସ୍ତକ ମେଳା ସମିତି

ବ୍ରହ୍ମପୁର,୨୯।୪(ସ୍ମୃତି ରଞ୍ଜନ ମହାଳିକ)– ଗଞ୍ଜାମ ଜିଲା ପୁସ୍ତକ ମେଳା ସମିତି ପକ୍ଷରୁ କୃଷ୍ଣଚନ୍ଦ୍ର ଗଜପତି ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱ ଭାରତୀୟ କଳା ପରିଷଦ ସମିତିର ବରିଷ୍ଠ ସଦସ୍ୟ ଦେବୀ ପ୍ରସାଦ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଡ. ବନମାଳୀ ପାଣିଗ୍ରାହୀ, ଦେବୀ ପ୍ରସାଦ ସାହୁ, ଦେବୀ ପ୍ରସାଦ ମହାପାତ୍ର, ବିଜୟ କୁମାର ପାଢୀ ପ୍ରମୁଖ ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ପାଣିଗ୍ରାହୀ, ବିଶିଷ୍ଟ ସମାଜିକ କର୍ମୀ ପ୍ରଶାନ୍ତ କୁମାର ମହାପାତ୍ର, ସଂଗୀତ ଗୁରୁ ନୀଳାଚଳ ବେହେରା, ଆଶୁତୋଷ ପାତ୍ର, ସୁବାସ ପଟ୍ଟନାୟକ, ଭିକାରୀ ଚରଣ ମହାପାତ୍ର ଓ ବିଷ୍ଣୁପ୍ରିୟା ମହାପାତ୍ର ଉପସ୍ଥିତ ଥିଲେ। ସଂଗୀତ ଗୁରୁ ଧନ୍ୟବାଦ ଦେଇଥିଲେ।

# ବାଲିଘାଇ ଶିକ୍ଷକ ନିଲମ୍ବିତ, ସୋରଡାରେ ହଇଚଇ

- ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ
- ରାଜନେତାଙ୍କୁ ଭେଟିବା କୁଳ କର୍ମକର୍ତ୍ତାଙ୍କୁ ମହଙ୍ଗା ପଡ଼ିଲା

ଭଞ୍ଜନଗର,୨୯।୪(ବାବୁଲା ପ୍ରଧାନ)

ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ସୋମବାର ସୋରଡ଼ା ବ୍ଲକ ବାଲିଘାଇ ବିଦ୍ୟାଳୟର ଶିକ୍ଷକ ଅରୁଣ କୁମାର ଗୌଡ଼ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି।

ଶିକ୍ଷକ ଗୌଡ଼ଙ୍କ ସମେତ ତାଙ୍କ କୁଳର କେତେଜଣ ଲୋକ ଗତ ୧୪ ତାରିଖରେ ଭୁବନେଶ୍ୱର ଯାଇ ଶାସକ ଦଳର ଜଣେ ନେତାଙ୍କୁ ତାଙ୍କ କାର୍ଯ୍ୟାଳୟରେ କୁଳ କାର୍ଯ୍ୟରେ ଭେଟିଥିଲେ। ଏହାର ଫଟୋ ପରବର୍ତ୍ତୀ ପର୍ଯ୍ୟାୟରେ ଭାଇରାଲ ହୋଇଥିଲା। ଏହାପରେ ଜିଲା ନିର୍ବାଚନ ଅଧିକାରୀ ଘଟଣାର ତଦନ୍ତ କରି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ଗୌଡ଼ଙ୍କୁ ନିଲମ୍ବନ କରିଛନ୍ତି, ଯାହାକୁ ନେଇ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ହଇଚଇ ସୃଷ୍ଟି ହୋଇଛି। ଫଳରେ ନିର୍ବାଚନ ସମୟରେ କୌଣସି ସରକାରୀ କର୍ମଚାରୀ ଯଦି ନେତାମାନଙ୍କୁ ଭେଟିବା ପ୍ରମାଣ ମିଳିବ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି। ଏ ନେଇ ସୋରଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଜଣେ ଶିକ୍ଷକ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ନିଲମ୍ବନ ପରେ ସମ୍ପୃକ୍ତ ଶିକ୍ଷକ ଛତ୍ରପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେବେ।

# ବିଜେଡିରେ ମିଶିଲେ ଗୋପାଳପୁର ଭାଜପା କର୍ମୀ

ବ୍ରହ୍ମପୁର,୨୯।୪(ନରସିଂହ ସାହୁ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡିର ମିଶ୍ରଣ ପର୍ବ ସୋମବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ତଥା ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ଗଜପତି ନଗରସ୍ଥ ବାସଭବନ ପାଖରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା, ଓବିସି ମୋର୍ଚ୍ଚାର ୨ଜଣ ମଣ୍ଡଳ ଶାଖା କାର୍ଯ୍ୟକର୍ତ୍ତା ତୁମ୍ବେଶ୍ୱର ନାୟକ ଓ ସନ୍ତୋଷ ସାହୁ ଦଳ ଛାଡ଼ି ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ଗୋପାଳପୁର ଆସନର ବ୍ରହ୍ମପୁର ୪୨ନଂ ୱାର୍ଡ ଆମ୍ବପୁଆ ବିବେକ ବିହାରରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ରାଜ୍ୟର ତୁଙ୍ଗ ନେତାମାନେ ଯୋଗ ଦେଇଥିଲେ। ଦିନକ ପରେ ଭାଜପା କର୍ମୀ ବିଜେଡିରେ ଯୋଗଦେବା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ଉଭୟଙ୍କୁ ସ୍ୱାଗତ କରି ଶଙ୍ଖ ଚିହ୍ନ ଉତ୍ତରୀୟ ପିନ୍ଧାଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ତାଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ତୁମ୍ବେଶ୍ୱର ଓ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ଅସୀମ ପ୍ରଧାନ, ଲପୁ ଗୋଡ଼ୁଲା, ଜଗନ୍ନାଥ ପାଣିଗ୍ରାହି, ଭାଗିରଥୀ ପାଣିଗ୍ରାହି ପ୍ରମୁଖ ଅନେକ ଭାଜପା କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଜେନା କହିଛନ୍ତି ଯେଉଁମାନେ ଦଳ ବଦଳ କରିଛନ୍ତି ସେମାନେ କୌଣସି ପଦ ପଦବୀରେ ନ ଥିଲେ। ତେଣୁ ଭାଜପାକୁ ନିର୍ବାଚନରେ ପ୍ରଭାବ ପଡ଼ିବ ନାହିଁ।



ବିଜେଡିର ମିଶ୍ରଣ ପର୍ବରେ ଉପସ୍ଥିତ ଏମ୍‌ପି ଓ ବିଧାୟକ ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ଗୋପାଳପୁର,୨୯।୪(ନବୀନ ରାଜ ଆଚାରୀ)

୧୬ ନଂ. ଜାତୀୟ ରାଜପଥର ରମ୍ଭା ନିକଟରେ ରବିବାର ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ୨୪ ଘଣ୍ଟା ନ ପୁରୁଣୁ ସୋମବାର ରମ୍ଭା ଛକରେ ଦୁର୍ଘଟଣାରେ ପୁଣି ଜଣଙ୍କ ଜୀବନ ଯାଇଛି। ପରିବା କିଣିବାକୁ ଯାଉଥିବା ଜଣେ ମହିଳାଙ୍କୁ ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚିକରଡ଼ା ଗ୍ରାମ କୁମ୍ଭାର ସାହିର ମାଳତୀ ବେହେରା (୬୮)। ଗୋଳନ୍ଥରା ଥାନା ଅଧିନସ୍ଥ ଚିକରଡ଼ା ଗ୍ରାମର ମାଳତୀ ସବୁଦିନ ଭୋରରେ ରମ୍ଭା ପରିବା ବଜାରରୁ ପରିବା କିଣି ନେଇ ବ୍ରହ୍ମପୁରରେ ବିକ୍ରି କରନ୍ତି। ସୋମବାର ଭୋରରେ ସେ ପରିବା କିଣିବା ପାଇଁ ୧୬ ନଂ ଜାତୀୟ ରାଜପଥ ପାର ହେଉଥିବା ବେଳେ ଆନ୍ଧ୍ରପ୍ରଦେଶରୁ ବ୍ରହ୍ମପୁର ଯାଉଥିବା ଏକ ଆମ୍ବ ବୋଝେଇ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଅତ୍ୟଧିକ ରକ୍ତସ୍ରାବ ହେବାରୁ ମାଳତୀଙ୍କ ମୃତ୍ୟୁ ଘଟିଥିଲା। ଏହା ପ୍ରତିବାଦରେ ଚିକରଡା ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ ୨୦୧/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ସନ୍ଧ୍ୟାରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୃତକଙ୍କ ପରିବାରର ଲୋକଙ୍କୁ ଭେଟି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ।



ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**୨୪ ଘଣ୍ଟା ନ ପୂରୁଣୁ ପୁଣି ଦୁର୍ଘଟଣା**



ପୁରୀ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ସୋମବାର ପୁରୀ ଜିଲାପାଳ ତଥା ରିଟର୍ନିଂ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ପିପିଲି ବିଧାନସଭା ଆସନ ପାଇଁ ଭାଜପାର ଆଶ୍ରିତ ପଟ୍ଟନାୟକ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ପ୍ରାର୍ଥିପତ୍ର ଦାଖଲ ବେଳେ ବିଜେଡି- ଭାଜପା ମୁହାଁମୁହିଁ



**ପୁରୀ,୨୯।୪(ଅଜିତ୍ ମହାନ୍ତି)**

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରାର୍ଥିପତ୍ର ଦାଖଲ ସମୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାମାଙ୍କନ ଶୋଭାଯାତ୍ରାରେ ଆସିଥିବା ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ଗାଳିଗୁଲଜ କରିବା ସହ ଧସ୍ତାଧସ୍ତି ସ୍ଥିତି ଉପୁଜିଥିଲା। ଉଭୟ ଦଳର କର୍ମୀମାନେ ଆଣିଥିବା ଫୁଲମାଳ ପରସ୍ପର ଉପରକୁ ଫିଙ୍ଗିଥିଲେ। 'ନବୀନ-ନବୀନ' ଓ 'ମୋଦି-ମୋଦି' ସ୍ଲୋଗାନରେ କମ୍ପିଥିଲା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର। କିଛି ସମୟ ପାଇଁ ପୋଲିସ ଦେଖଣାହାରୀ ସାଜିଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ରଣକ୍ଷେତ୍ର ସଦୃଶ ପ୍ରତୀୟ ମାନ ହୋଇଥିଲା। ତେବେ ସ୍ଥିତି ବିଗିଡ଼ିବା ପୂର୍ବରୁ ପୁରୀ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ଅଧିକ ପୋଲିସ ଫୋର୍ସ ସହ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ଉଭୟ ଦଳର କର୍ମୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାର କରାଯାଇଥିଲା। ଫଳରେ ପରିବେଶ ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ ହୋଇଥିବାରୁ ଶୋଭାଯାତ୍ରାରେ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ତାଙ୍କ ସମର୍ଥକଙ୍କ ସହ ଆସି ଜିଲାପାଳ ତଥା ରିଟର୍ନିଂ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ସତ୍ୟବାଦୀ ଆସନ ପାଇଁ ନାମାଙ୍କନ ଦାଖଲ କରିବାକୁ ବିଜେଡି ପ୍ରାର୍ଥୀ

### ପରସ୍ପରକୁ ଫୁଲମାଳ ଫିଙ୍ଗିଲେ, ବିଭିନ୍ନ ସ୍ଲୋଗାନ ଦେଲେ କର୍ମୀ

ସଞ୍ଜୟ ଦାସବର୍ମା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟକୁ ଆସିଥିଲେ। ଉଭୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ କର୍ମୀମାନେ ବାହାରେ ଥିଲେ। ଏହି ସମୟରେ ଭାଜପା ନେତ୍ରୀ ଉପାସନା ମହାପାତ୍ର କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ଫଳରେ କେତେଜଣ ଭାଜପା କର୍ମୀ ସଞ୍ଜୟଙ୍କ ସମର୍ଥକଙ୍କୁ ଟାର୍ଗେଟ କରି ଭାଜପା ଭାଜପା ସ୍ଲୋଗାନ ଦେଇଥିଲେ। ଅନୁରୂପ ଭାବେ ବିଜେଡି ସମର୍ଥକମାନେ ମଧ୍ୟ ବିଜେଡି ବିଜେଡି ସ୍ଲୋଗାନ ଦେଇଥିଲେ। ଫଳରେ ଏହା ବିବାଦର ରୂପ ନେଇଥିଲା। କର୍ମୀମାନେ ଧସ୍ତାଧସ୍ତି ହେବା ସହ ଫୁଲମାଳ ପରସ୍ପରକୁ ଫିଙ୍ଗିଥିଲେ। ସେହିପରି ଭାଜପା କର୍ମୀ ଜୟ ଶ୍ରୀ ରାମ, ଭାରତ ମାତା କି ଜୟ, ଓଡ଼ିଶାରେ ତାମିଲ ଶାସନ ଚଳିବ ନାହିଁ ଇତ୍ୟାଦି ନାରା ଦେଇଥିଲେ। ସେହିପରି ବିଜେଡି କର୍ମୀମାନେ ଜୟ ଜଗନ୍ନାଥ, ବିଜେଡି ବିଜେଡି ନାରାରେ କମ୍ପାଇଥିଲେ। ଅନେକ ପୋଲିସ କର୍ମଚାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ପ୍ରଥମରୁ ସ୍ଥିତି ନିୟନ୍ତ୍ରଣ ହୋଇପାରିନଥିଲା। ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ନାମାଙ୍କନ ପତ୍ର ଦାଖଲ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ଓ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।



ସତ୍ୟବାଦୀ ବିଧାନସଭା ଆସନ ପାଇଁ ବିଜେଡିର ସଞ୍ଜୟ ଦାସବର୍ମା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ପୁରୀ ବିଧାନସଭା ଆସନ ପାଇଁ ବିଜେଡିର ସୁନୀଲ ମହାନ୍ତି ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ମନ୍ତ୍ରୀ ତଥା ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମର୍ଥକଙ୍କ ସହ ତାଙ୍କ ପୁରୁଣା ସ୍କୁଟରରେ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।



ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ସୋମବାର ରିଟର୍ନିଂ ଅଫିସର ତଥା ପାନ୍‌ପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ଭାଜପା ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଜିଲାପାଳ ଗୌରବ ଶିୱାଜୀ ଇସଲଧ୍ୱାରଙ୍କଠାରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଅପରାଧୀଙ୍କୁ ଟିକେଟ ଦେବା ଭାଜପାର ସଂସ୍କୃତି: ବିଜେଡି

**ଭୁବନେଶ୍ୱର,୨୯।୪(ଅନିଲଦାସ)**

ଓଡ଼ିଆ ସଂସ୍କୃତି ବିଶ୍ୱର ଯେ କୌଣସି ରାଜନୈତିକ ଦଳ ଠାରୁ ଏତେ ବଡ଼ ଯେ କୌଣସି ଦଳ ନିଜକୁ ବଡ଼ ଭାବି ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଚିନ୍ତା କରିପାରିବେ ନାହିଁ । କିନ୍ତୁ ଓଡ଼ିଶା ଭାଜପା ସଂସ୍କୃତିକୁ ପ୍ରଥମେ ବୁଝିବା ଜରୁରୀ। ଏହି ଦଳର ସଂସ୍କୃତି ହେଉଛି ସେମାନଙ୍କ ବିରୋଧରେ ଜଘନ୍ୟ ଅପରାଧ କରିଥିବା ସମସ୍ତ ରାଜନୈତିକ ନେତାଙ୍କୁ ସେମାନଙ୍କ ନେତାଙ୍କ ସହ ମିଶାଇବା ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳୀୟ ନୀତି ଗ୍ରହଣ କରିବା ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ ଏବଂ ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି । ଉଭୟ ସୋମବାର ଗଣମାଧ୍ୟମକୁ କହିଛନ୍ତି ଯେ ଜୟନାରାୟଣ ମିଶ୍ର ଭାଜପାର ନେତା, ବିଧାୟକ ତଥା ବିରୋଧୀ ଦଳ ନେତା । ଯିଏ କି କର୍ତ୍ତବ୍ୟରତ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବା, ତହସିଲଦାରଙ୍କୁ ଧକ୍କା ଦେବା ସହିତ ଜେଲ ଯାଇଥିଲେ ଏବଂ ଏବେ ଜାମିନରେ ଅଛନ୍ତି । ତାଙ୍କ ବିରୋଧରେ ଅନେକ ଆପରାଧିକ ମାମଲା ରହିଛି । ସେହିପରି ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଏକ ହତ୍ୟା ମାମଲାରେ ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି, ଜଣେ ପୋଲିସ ଅଧିକାରୀଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି ଏବଂ ଏଭଳି ଲୋକମାନେ ସମାଜରେ ନେତୃତ୍ୱ ନେବେ । ଓଡ଼ିଶା ଭାଜପାର ଆଉ ଜଣେ ରୋଲ ମଡେଲ ହେଲେ ପ୍ରଶାନ୍ତ ଜଗଦ୍ଦେବ, ଯିଏ କି ଭାଜପାରର ଟାଉନ ସଭାପତିଙ୍କୁ ମାଡ଼ ମାରିବା ସହ ମାତାଲ ଅବସ୍ଥାରେ ଭାଜପା କର୍ମୀଙ୍କ ଉପରକୁ ତାଙ୍କ କାର୍ ଚଢ଼ାଇଥିଲେ । ଜଗଦ୍ଦେବଙ୍କ ବିରୋଧରେ ଓଡ଼ିଶା ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏବେ ଓଡ଼ିଶା ଭାଜପା ତାଙ୍କୁ ମୁଣ୍ଡରେ ବସାଇ ଖୋର୍ଦ୍ଧାରୁ ବିଧାୟକ ଭାବେ ପ୍ରାର୍ଥୀ କରିଛି । ଏବେ ସେହି ଖୋର୍ଦ୍ଧା ଜିଲା ଭାଜପା କର୍ମୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି । ସେମାନେ ଜାଣିପାରୁ ନାହାନ୍ତି କ'ଣ କରିବେ। ଏହା ହେଉଛି ଓଡ଼ିଶା ଭାଜପାର ସଂସ୍କୃତି । ଏହା ଓଡ଼ିଆ ସଂସ୍କୃତି ନୁହେଁ ବରଂ ଭାଜପା ସଂସ୍କୃତି । ଓଡ଼ିଶା ଭାଜପାର ଅନ୍ୟ ଜଣେ ଆପରାଧିକ ପୋଷ୍ଟର ବୟ ପ୍ରଦୀପ ପାଣିଗ୍ରାହୀ ଯିଏ କି ଚାକିରି ପାଇଁ ନଗଦ ଟଙ୍କା ନେଇ ନିଜ ପରିବାରକୁ ଦୋଷୀସାବ୍ୟସ୍ତ କରି ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି ଏବଂ ତାଙ୍କ ମାମଲା ଏବେ ବି ଚାଲୁଛି । ସେ ବ୍ରହ୍ମପୁର ଲୋକସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଓଡ଼ିଶା ଭାଜପା କର୍ମୀମାନେ ପାଣିଗ୍ରାହୀଙ୍କ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ କିନ୍ତୁ ବର୍ତ୍ତମାନ ସେମାନେ ଭାଣ୍ଡିଆ ହୋଇଗଲେ । ଏହା ହେଉଛି ଭାଜପାର ସଂସ୍କୃତି। ଭାଜପା ସଂସ୍କୃତି ସୁନିଶ୍ଚିତ କରେ ଯେ ଆପରାଧିକ ପୃଷ୍ଠଭୂମି ଥିବା ଜଣେ ବି ନେତା ବାଦ୍ ପଡ଼ିବେ ନାହିଁ ଏବଂ ସେମାନେ ସେଭଳି ସବୁ ନେତାଙ୍କୁ କୋଳେଇ ନେବେ ଏବଂ ସେମାନଙ୍କୁ ଟିକେଟ ଏବଂ ସମ୍ମାନ ଦେବେ । କାରଣ ଏହା ଓଡ଼ିଶା ଭାଜପା ସଂସ୍କୃତି। ଓଡ଼ିଶାବାସୀ ଏବେ ପ୍ରକୃତ ଓଡ଼ିଶା ଭାଜପା ସଂସ୍କୃତିକୁ ଜାଣିଗଲେଣି ବୋଲି ବିଜେଡି ମୁଖପାତ୍ର ଦ୍ୱୟ କହିଛନ୍ତି ।

# ଡିଜିଟାଲ ପ୍ରଚାର ନୂଆ ଟ୍ରେଣ୍ଡ୍

**କଟକ,୨୯।୪(ଶିଲ୍ପା ପ୍ରିୟଦର୍ଶିନୀ)**


ପ୍ରାର୍ଥୀମାନେ ରୋଡ୍ ଶୋ ଓ ସମାବେଶ ଜରିଆରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଚଳାଇଥିବା ଦେଖିବାକୁ ମିଳୁଛି । ହେଲେ ନିର୍ବାଚନ ପ୍ରଚାରକୁ ସହଜ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏଥର ଡିଜିଟାଲ ପ୍ରଚାର ବ୍ୟବସ୍ଥା କରାଯାଇଛି। ଏଭଳି ପ୍ରୟାସ କରିଛନ୍ତି କଟକ ଚାଉଳିଆଗଞ୍ଜ ଅଞ୍ଚଳର ବ୍ୟବସାୟୀ ଈଶ୍ୱର ସାହୁ। ଆରାଧ୍ୟା ଗ୍ରାଫିକ୍ସ ନାମରେ ଖୋଲିଥିବା ନିଜ ଦୋକାନରେ ଈଶ୍ୱରଙ୍କ ସମେତ ଦୁଇଜଣ ଏହି ଡିଜିଟାଲ ପ୍ରଚାର ପାଇଁ କାମ କରୁଛନ୍ତି। ଡିଜିଟାଲ ପ୍ରଚାର ମଧ୍ୟରେ ଡିଜିଟାଲ ଭୋଟିଂ ପ୍ରୋସେସ୍ ପୁଶିଂକାର୍ଡ, ଏ-ଆଇ ପ୍ରଚାର, ଡିଜିଟାଲ ଚିରକୁଟ ରହିଛି। ସେହିପରି ଫ୍ଲାଗ୍ ବା ପ୍ରଚାର ପତାକା ମଧ୍ୟରେ ହ୍ୟାଣ୍ଡ୍ ଫ୍ୟାନ୍ ରହିଛି। ଏହି ଡିଜିଟାଲ ପ୍ରଚାର ପାଇଁ ପ୍ରାର୍ଥୀମାନେ ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଆରାଧ୍ୟା ଗ୍ରାଫିକ୍ସ ପେଜ୍‌କୁ ଯାଇ ଅର୍ଡର କରିପାରିବେ। ଅର୍ଡରର ୩/୪ ଦିନ ମଧ୍ୟରେ ପ୍ରଚାର କରିବା ନେଇ ଡିଜିଟାଲ ସାମଗ୍ରୀ ପ୍ରାର୍ଥୀ ପାଇପାରିବେ। ଏନେଇ ଈଶ୍ୱର କହିଛନ୍ତି, ଏବେ ଡିଜିଟାଲ କ୍ଷେତ୍ରରେ ଲୋକେ ଅଧିକ ସକ୍ରିୟ ଅଛନ୍ତି। ନୂଆ ଢଙ୍ଗରେ ପ୍ରସ୍ତୁତ ଜିନିଷ ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ମନରେ ଅଧିକ ଉତ୍କଣ୍ଠା ରହିଥାଏ। ସେଥିପାଇଁ ନିର୍ବାଚନକୁ ଦୃଷ୍ଟିରେ ରଖି ଡିଜିଟାଲ ପ୍ରଚାର ବ୍ୟବସ୍ଥା କରଛନ୍ତି, ଯେଉଁଥିରେ ପ୍ରାର୍ଥୀ ପ୍ରଚାର ପାଇଁ ଆବଶ୍ୟକ କରୁଥିବା ଫଟୋ, ଭିଡିଓ, ପିଡିଏଫ୍ ଭଳି ସମସ୍ତ ଜିନିଷ ପାଇପାରିବେ।

### ପୁଶିଂ କାର୍ଡ, ଏ-ଆଇ ପ୍ରଚାର, ଡିଜିଟାଲ ଚିରକୁଟର ଚାହିଦା

**ଏ-ଆଇ ପ୍ରଚାର:** ପ୍ରାର୍ଥୀମାନେ ଏହାଦ୍ୱାରା ଡିଜିଟାଲ ବା ସୋସିଆଲ ମିଡିଆରେ ପ୍ରଚାର କରିପାରିବେ। ଏଥିପାଇଁ ପ୍ରାର୍ଥୀଙ୍କ ନାମ ଓ ଦଳୀୟ ଚିହ୍ନ ଆବଶ୍ୟକ। ପ୍ରାର୍ଥୀ ଯେଉଁ ଦଳର ହୋଇଥିବେ ସେହି ଦଳର ମୁଖିଆ ଯଥା- ଶଙ୍ଖ ଚିହ୍ନ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଦ୍ମ ଚିହ୍ନ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଏଥିରେ ଲଗାଯାଇ ଭିଡିଓ ତିଆରି କରାଯିବ, ଯେଉଁଥିରେ ଦଳର ମୁଖ୍ୟ ପ୍ରାର୍ଥୀ ପାଇଁ ଏ-ଆଇ ମାଧ୍ୟମରେ ପ୍ରଚାର କରିବେ। ଏହି ଏ-ଆଇ ଭିଡିଓ ଦେଢ଼ ସେକେଣ୍ଡର ରହିବ। ଏହାର ଦାମ୍ ୫ ହଜାର ଟଙ୍କା ରହିଛି।

## ଡିଜିଟାଲ ଭୋଟିଂ ପ୍ରୋସେସ୍ ପୁଶିଂ କାର୍ଡ

ଏକ ସଫ୍ଟୱେର ମାଧ୍ୟମରେ ଏହି ପୁଶିଂ କାର୍ଡ ବ୍ୟବସ୍ଥା ରହିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ କାର୍ଡ ତିଆରି କରାଯାଇଛି, ଯେଉଁଥିରେ ପ୍ରାର୍ଥୀଙ୍କ ନାମ, ଫଟୋ, ଦଳୀୟ ଚିହ୍ନ, ଦଳର ମୁଖିଆଙ୍କ ଫଟୋ ରହିବ। ସେଥିରେ ମୁଖ୍ୟତଃ ଏକ ସ୍କାନର ରହିଛି। ପ୍ରଚାର ପାଇଁ ଏହି କାର୍ଡକୁ ପ୍ରାର୍ଥୀମାନେ ଭୋଟରଙ୍କୁ ଦେବେ। ଭୋଟର ଭୋଟ ଦେବାକୁ ଯିବା ପୂର୍ବରୁ ଏହାକୁ ସ୍କାନ୍ କରି ଭୋଟିଂ କରିବାର ସମସ୍ତ ପ୍ରକ୍ରିୟା ଜାଣିପାରିବେ। ଯେମିତିକି କେତେ ନମ୍ବର ବୁଥ୍‌କୁ ଯିବେ, ଇଭିଏମ୍‌ରେ କିପରି ଭୋଟ ଦେବେ ତାହା ଜାଣିପାରିବେ। ମୁଖ୍ୟତଃ ନୂଆ ଭୋଟରଙ୍କ ପାଇଁ ଏଭଳି ବ୍ୟବସ୍ଥା ଉପଯୋଗୀ ହୋଇପାରିବ। ପ୍ରଥମେ




ତିଆରି କରିବା ପାଇଁ ଏହାର ଦାମ୍ ୪ ହଜାର ଟଙ୍କା ରହିଛି ଏବଂ ଯେତେ ସଂଖ୍ୟକ କାର୍ଡ ପ୍ରିଣ୍ଟ କରିବାକୁ ଚାହିଁବେ ପ୍ରତି ପ୍ରିଣ୍ଟ ପିଛା ୧ଟଙ୍କା ଦାମ୍ ରହିଛି।

## ଡିଜିଟାଲ ଚିରକୁଟ

ଭୋଟ ଦେବା ପୂର୍ବରୁ ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରନ୍ତି ଏବଂ ସମର୍ଥକମାନେ କାଗଜର ଚିରକୁଟ ବାଣ୍ଟିଥାନ୍ତି। ହେଲେ କାଗଜ ଚିରକୁଟ ବଦଳରେ ଏବେ ଘରେ ପହଞ୍ଚିବ ଡିଜିଟାଲ ଚିରକୁଟ। ପ୍ରଥମେ ପ୍ରାର୍ଥୀଙ୍କ ପାଇଁ ଡିଜିଟାଲ ଚିରକୁଟର ଆପ୍ ତିଆରି କରାଯିବ। ଏହି ଆପ୍‌କୁ ଯାଇ ପ୍ରାର୍ଥୀ ନିଜ ଫୋନ୍‌ରେ ଭୋଟରଙ୍କ ନାମ ଲେଖି ସର୍ଚ୍ଚ କଲେ କାଗଜ ଚିରକୁଟ ପରି କେଉଁ ଜାଗାରେ ଭୋଟ୍ ଦେବେ, ସିରିଏଲ ନମ୍ବର କ'ଣ ରହିଛି ଏ ସମସ୍ତ ତଥ୍ୟ ସେମାନଙ୍କୁ ଯୋଗାଇ ଦେବେ। କାଗଜ ଚିରକୁଟରେ ଯେପରି ପରିବାର ଲୋକଙ୍କ ତଥ୍ୟ ରହିଥାଏ, ଠିକ୍ ସେପରି ଡିଜିଟାଲ ଚିରକୁଟରେ ପରିବାର ଲୋକଙ୍କ ତଥ୍ୟ ଉପଲବ୍ଧ ହେବ। ଏହି ଡିଜିଟାଲ ଆପ୍ ତିଆରି ସମୟରେ ଏକ ଛୋଟ ପ୍ରିଣ୍ଟର ପ୍ରାର୍ଥୀଙ୍କୁ ଦିଆଯିବ, ଯେଉଁଥିରେ




ପ୍ରାର୍ଥୀ ଡିଜିଟାଲ ଚିରକୁଟକୁ ପ୍ରିଣ୍ଟ କରି ଭୋଟରଙ୍କୁ ଦେଇପାରିବେ ଅଥବା ଭୋଟରଙ୍କ ମୋବାଇଲ ହ୍ୱାଟ୍ସଆପ୍‌ରେ ପିଡିଏଫ୍ ଫାଇଲ ପଠାଇପାରିବେ। ଏହି ଡିଜିଟାଲ ଚିରକୁଟ ଓ ପ୍ରିଣ୍ଟରର ଦାମ୍ ୪୦ ହଜାର ଟଙ୍କା ରହିଛି।

## ହ୍ୟାଣ୍ଡ ଫ୍ୟାନ୍

ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ନିର୍ବାଚନ ହେଉଛି। ଏହାକୁ ନଜରରେ ରଖି ନିର୍ବାଚନ ପ୍ରଚାର ପାଇଁ ପତାକା, ଯେଉଁଥିରେ ପ୍ରାର୍ଥୀଙ୍କ ନାମ, ଦଳୀୟ ଚିହ୍ନ, ଦଳର ମୁଖିଆଙ୍କ ଫଟୋ ଭଳି ସମସ୍ତ ତଥ୍ୟ ରହିବ। ଏହାକୁ ବିଞ୍ଚଣା ଆକୃତିର ତିଆରି କରାଯାଇଛି। ଏହାର ଦାମ୍ ୧୪ ଟଙ୍କା ରହିଛି।



# ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି: ପାଣ୍ଡିଆନ

## କାଳିମେଳା, ମାଥିଲି, କୋଟପାଡ଼ରେ ନିର୍ବାଚନୀ ସଭା

ମାଲକାନଗିରି/କାଳିମେଳା/କୋଟପାଡ଼, ୨୯।୪ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ/କେ.ରାଜଶେଖର ରାଓ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ମାଲକାନଗିରି ଜିଲା କାଳିମେଳା, ମାଥିଲି ଓ କୋରାପୁଟ ଜିଲାର କୋଟପାଡ଼ରେ ସୋମବାର ପ୍ରଚାର ବେଳେ ସେ ଏହା କହିଛନ୍ତି। ସେ ପ୍ରଥମେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଳିମେଳା ଷ୍ଟାଡିୟମରେ ଆୟୋଜିତ ନିର୍ବାଚନୀ ସମାବେଶରେ ଯୋଗ ଦେଇଥିଲେ। ଏଠାରେ ଜିଲାର ବିକାଶ କଥା କହିବା ସହ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ବିଷୟରେ ବୁଝାଇବା ସହ ବିଗତ ଦିନରେ କାଳିମେଳାବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯାଇଥିବା ପାଣ୍ଡିଆନ୍ କହିଛନ୍ତି। ଏଠାରେ ମେ ୧୩ରେ ନିର୍ବାଚନ ଅଛି। ତେଣୁ ମାଲକାନଗିରି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଓ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କୁ ବିଜୟୀ କରାଇବା ଲାଗି ଭୋଟରଙ୍କୁ ସେ ଅନୁରୋଧ କରିଛନ୍ତି। ସଭାରେ ଯୋଡ଼ିଶଙ୍ଖ ବଜାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଓଡ଼ିଶା ପ୍ରଗତି ଓ ଉନ୍ନତିରେ ସାହାଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ନୁହେଁ, ନବୀନ ଇଞ୍ଜିନ କାମ କରୁଛି। କାଳିମେଳାରେ ମଧ୍ୟ ପୂର୍ବରୁ ବୋମା ଓ ଗୁଳି ଫୁଟୁଥିଲା, ଶାନ୍ତି ନ ଥିଲା, ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଏଠାରେ ଶାନ୍ତି ଫେରିଛି ବୋଲି ପାଣ୍ଡିଆନ କହିଛନ୍ତି। ମାଲକାନଗିରିରେ ପୁଞ୍ଜିନିବେଶ ହେବା ସହ ଯୁବକଙ୍କ ପାଇଁ ରୋଜଗାର ସୁଯୋଗ ବଢ଼ିବ। ତେଣୁ ବିଜେଡିର ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ସେ କହିଛନ୍ତି। ଗତଥର ମାଲକାନଗିରି ଜିଲାରୁ ଜଣେ ବିଧାୟକ ପ୍ରାର୍ଥୀ ଜିତିଥିଲେ। ହେଲେ ଗତ ୫ ବର୍ଷ ହେଲା ତାଙ୍କର ଦେଖା ଦର୍ଶନ ମିଳୁନି। ସେ କେଉଁ ବିକାଶମୂଳକ କାମ କରିଛନ୍ତି, କେଉଁ ରାସ୍ତା କାମ କରିଛନ୍ତି ବୋଲି ପାଣ୍ଡିଆନ ପ୍ରଶ୍ନ କରିବା ସହ ମାଲକାନଗିରି ଜିଲାକୁ ମୁଖ୍ୟମନ୍ତ୍ରୀ ଏତେ ଭଲ ପାଆନ୍ତି ଯେ, ସବୁ ବଡ଼ ବଡ଼ ଯୋଜନା ଏହି ଅଞ୍ଚଳରୁ ଆରମ୍ଭ ହୋଇଛି। ୨୦୦୮ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ମାଲକାନଗିରିରୁ ୨ ଟଙ୍କିଆ ଚାଉଳ ଯୋଜନା ଆରମ୍ଭ କରିଥିଲେ। ସ୍ୱାଭିମାନ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ମାଲକାନଗିରିରୁ ଐତିହାସିକ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ ହୋଇଛି ବୋଲି ପାଣ୍ଡିଆନ କହିଛନ୍ତି।

କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ମାନସ ମାଡକାମୀ ଓ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଉପସ୍ଥିତ ରହି ଭାଷଣ ଦେଇଛନ୍ତି। ପରେ କର୍ମୀମାନଙ୍କ ସହ ଆଲୋଚନା କରି ପାଣ୍ଡିଆନ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଥିଲି ବ୍ଲକ ହାଟପଦାରେ ଆୟୋଜିତ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି। ସେଠାରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଜିତାଇବାକୁ ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀଙ୍କ ସହ କାଳିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ପଡ଼ିଆ ବ୍ଲକ ବିଜେଡି ସଭାପତି ଏମ୍‌ଡି ଫାରୁକ, ବ୍ଲକ କାର୍ଯ୍ୟକାରୀ ସଭାପତି ଡି. ବିଶ୍ୱନାଥ ରେଡ୍ଡୀ, କାଳିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ପାଣ୍ଡିଆନ କୋଟପାଡ଼ ବ୍ଲକ ଭୈରବ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ବିଜେଡିକୁ ଭୋଟଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ଶେଖର ମାଝି, ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟିକା ପଦ୍ମିନୀ ଦିଆନ ଉପସ୍ଥିତ ଥିଲେ।


କାଳିମେଳା ଷ୍ଟାଡିୟମ୍‌ରେ ସୋମବାର ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଓ ଅନ୍ୟ ନେତୃବୃନ୍ଦ।

# କଂଗ୍ରେସରୁ ସମ୍ପର୍କ ଛିନ୍ନ କଲେ ଦୁଲାଲ

## ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ବଦଳାଇବା ପରେ ନିଷ୍ପତ୍ତି

ସମ୍ବଲପୁର, ୨୯।୪ (ପ୍ରମୋଦ ବହିଦାର)

ସମ୍ବଲପୁର ଲୋକ ସଭା ଆସନରେ ପୂର୍ବ ଘୋଷିତ କଂଗ୍ରେସ ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିଛି କଂଗ୍ରେସ। ତାଙ୍କ ସ୍ଥାନରେ ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ସମ୍ବଲପୁର ଲୋକ ସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ଯାହାକୁ ନେଇ ଦୁଲାଲଙ୍କ ସମର୍ଥକଙ୍କ ସହିତ ସମ୍ବଲପୁରରେ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଦୁଲାଲ ସୋମବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ପ୍ରେରଣ କରିଥିବା ଜଣାପଡ଼ିଛି।

ରବିବାର କଂଗ୍ରେସ ପକ୍ଷରୁ ଓଡ଼ିଶାର ୨ଟି ଲୋକ ସଭା ଆସନ ଓ ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଏଥିରେ ଅପ୍ରତ୍ୟାଶିତ ଭାବେ ପୂର୍ବ ଘୋଷିତ କଂଗ୍ରେସ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଦୁଲାଲଙ୍କୁ ପରିବର୍ତ୍ତନ କରି ନୂତନ ଭାବେ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ପୂର୍ବରୁ ପ୍ରାର୍ଥୀ ହୋଇଥିବା ଦୁଲାଲ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ନିଜ ସଂସଦୀୟ କ୍ଷେତ୍ରରେ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଥିଲେ। ଏଭଳି ପରିସ୍ଥିତିରେ ପ୍ରାର୍ଥୀତ୍ୱ ପରିବର୍ତ୍ତନ ତାଙ୍କୁ ମର୍ମାହତ କରିଥିଲା। ସୋମବାର ସେ କଂଗ୍ରେସ ସହିତ ଦୀର୍ଘ ୩୨ ବର୍ଷର ସମ୍ପର୍କକୁ ଛିନ୍ନ କରିଛନ୍ତି। ତେବେ ସେ କେଉଁ ଦଳକୁ ଯିବେ ନିଷ୍ପତ୍ତି ନେଇ ନାହାନ୍ତି। ତେବେ ଖୁବ୍‌ଶୀଘ୍ର ସେ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।


ଦୁଲାଲ ଚନ୍ଦ୍ର ପ୍ରଧାନ

# ସମ୍ବଲପୁର ଏମ୍‌ପିଙ୍କ ଇସ୍ତଫା ଗୁଜବ

## ଭାଜପାରେ ଅଛି, ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ ହୋଇଛି: ନିତେଶ


ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ

ଦେବଗଡ଼, ୨୯।୪ (ଶଶାଙ୍କ ଶେଖର ଝାଙ୍କର)

ମୁଁ ସୁସ୍ଥ ଅଛି ଓ ଭାଜପାରେ ଅଛି। ଭାଜପା ପାଇଁ ପ୍ରଚାର ମଧ୍ୟ କରିବି। 'ମୋର ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ କରାଯାଇଛି' ବୋଲି ଭାଜପା ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ପ୍ରକାଶ କରିଛନ୍ତି। ଗଙ୍ଗଦେବଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ 'ମୋର ଦେହ ଅସୁସ୍ଥତା କାରଣରୁ ମୁଁ କିଛିଦିନ ପାଇଁ ରାଜନୈତିକ କାର୍ଯ୍ୟକଳାପରୁ ବିରତି ନେଇ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି, ଆପଣ ଆମର ବାମଣ୍ଡା ରାଜପରିବାର ତଥା ମୋର ଧର୍ମପତ୍ନୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ସହଯୋଗ ଓ ଆଶୀର୍ବାଦ ଦେବେ ବୋଲି ଆଶା ଏବଂ କାମନା କରୁଛି' ବୋଲି ଉଲ୍ଲେଖ କରାଯାଇଛି। ଏ ନେଇ ମତାମତ ଲୋଡିବା ନିମନ୍ତେ ଗଙ୍ଗଦେବଙ୍କୁ ଯୋଗାଯୋଗ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ ଯେ, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଓ ଏବେ ମଧ୍ୟ ଭାଜପାରେ ସକ୍ରିୟ ଅଛି। ମୁଁ ଭାଜପା ପାଇଁ ପ୍ରଚାର ମଧ୍ୟ କରିବି। ଯଦି ମୋର ଅସୁସ୍ଥତା ଓ ଇସ୍ତଫା ଦେଇଥିବା ନେଇ ଫେସ୍‌ବୁକ୍‌ରେ ପୋଷ୍ଟ କରାଯାଇଛି, ତାହା କେବଳ ଗୁଜବ। ମୋର ଫେସ୍‌ବୁକ୍ ଆକାଉଣ୍ଟ କେହି ହ୍ୟାକ କରି ଏହାର ଅପବ୍ୟବହାର ଓ ଅପପ୍ରଚାର କରୁଛନ୍ତି। ଏଣୁ ଏକଥାକୁ କେହି ବିଶ୍ୱାସ ନ କରନ୍ତୁ ବୋଲି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# 'ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ରାଜ୍ୟକୁ ୧ ନମ୍ବର କରିବା'


ଠାକୁରଗଡ଼ରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ନେତାମାନେ।

## ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

ଅନୁଗୋଳ, ୨୯।୪ (ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ଓଡ଼ିଶାରେ ପ୍ରଥମ ଥର ଓ କେନ୍ଦ୍ରରେ ତୃତୀୟ ଥର ପାଇଁ ଭାଜପା ସରକାର ହେବ। ଓଡ଼ିଶାରେ ସର୍ବାଧିକ ସିଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଯିବ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ଓଡ଼ିଶାକୁ ୧ ନମ୍ବର ରାଜ୍ୟ ଭାବରେ ଗଢ଼ିତୋଳିବା ପାଇଁ ଭାଜପାକୁ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲା ଆଠମଲ୍ଲିକରେ ନିର୍ବାଚନ ପ୍ରଚାର ବେଳେ ଲୋକଙ୍କୁ ନିବେଦନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର କୃତ୍ତିବାସପୁରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କଂଗ୍ରେସ ନେତା ସିଦ୍ଧେଶ୍ୱର ସାହୁ, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ନେତା, କର୍ମୀ ଏବଂ ସାମାଜିକ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପରେ ଠାକୁରଗଡ଼ଠାରେ ଅନୁଷ୍ଠିତ ବିଶାଳ ରୋଡ୍ ଶୋ'ରେ ସାମିଲ ହୋଇ ଭାଜପାକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ। ଏହାପରେ ଠାକୁରଗଡ଼ରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ବିଜେଡି ଛାଡ଼ିଥିବା ପ୍ରକାଶ ଡାଙ୍ଗଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତା ଓ କର୍ମୀଙ୍କୁ ଦଳରେ ସାମିଲ କରିଥିଲେ। ଧର୍ମେନ୍ଦ୍ରଙ୍କ ସହ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ମଧ୍ୟ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ରମେଶ ଚନ୍ଦ୍ର ସାଏ, ଦିଲୀପ ପ୍ରଧାନ ଓ ଜିଲାର ବିଭିନ୍ନ ପଦବୀରେ ଥିବା ଭାଜପାର ନେତା, କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଲୁଟ ଚାଲିଥିବାରୁ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ବିକାଶ ହେଉନାହିଁ। ରୋଜଗାର ଉପଲବ୍ଧ କରିବାରେ ଓଡ଼ିଶା ବିଫଳ ହୋଇଛି। ମହିଳା ସୁରକ୍ଷାରେ ରାଜ୍ୟ ଶେଷ ତାଲିକାରେ ଅଛି। ଏପ୍ରିଲରେ ପୁରୀ ସହରରେ ହଇଜା ହେବା କ'ଣ ବିକାଶ କୁହାଯିବ। ନବୀନ ପଟ୍ଟନାୟକ ଭିଡିଓରେ ଅଛନ୍ତି। ଓଡ଼ିଆ ଲୋକଙ୍କୁ ଘୃଣା କରୁଥିବା ଲୋକମାନଙ୍କ ହାତରେ ଓଡ଼ିଶାର ରିମୋର୍ଟ ଅଛି। ରାବଣ ଓ କଂସର ମଧ୍ୟ ଏହିପରି ଅହଂକାର ଥିଲା। ଲୋକମାନେ ତାଙ୍କର ଗର୍ବ ଓ ଅହଂକାରକୁ ଭଙ୍ଗ କରିବେ। ଭାଜପା ସରକାର ଆସିଲେ ବେନାମୀ ସମ୍ପତ୍ତି ଥିବା ଲୋକଙ୍କ ସ୍ଥାନ ଜେଲ ଭିତରେ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

# ବାଲେଶ୍ୱର: ଦଳ ବଦଳରୁ ବିଶୃଙ୍ଖଳା

ବାଲେଶ୍ୱର, ୨୯।୪ (ମାନସ ବିଶ୍ୱାଳ)

ନିର୍ବାଚନ ସମୟରେ ରାଜନୈତିକ ନେତାମାନେ ଦଳ ପରିବର୍ତ୍ତନ କରିବା ନୂଆ କଥା ନୁହେଁ। ହେଲେ ବାଲେଶ୍ୱର ଜିଲାରେ ଏହାର ମାତ୍ରା ଅଧିକ ହୋଇଛି। ବିଭିନ୍ନ ଦଳରେ ଥିବା ଆଶାୟୀମାନେ ଟିକେଟ ନ ପାଇ ଦଳ ଡେଉଁଥିବା ଦେଖିବାକୁ ମିଳୁଛି। ଏହି ଦଳ ବଦଳକାରୀ ନେତାଙ୍କୁ ଦଳର ଶୃଙ୍ଖଳିତ କର୍ମୀମାନେ ଗ୍ରହଣ ନ କରିପାରିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ଯେଉଁ ନେତାମାନେ ଦଳ ବିରୁଦ୍ଧରେ ବିଷୋଦ୍‌ଗାର କରୁଥିଲେ, ସେମାନଙ୍କୁ ହଠାତ୍ ତଳସ୍ତରର କର୍ମୀ ଗ୍ରହଣ କରିପାରୁ ନାହାନ୍ତି। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ଦଳୀୟ ବୈଠକ ଓ ରାଲିକୁ ଆସୁଛନ୍ତି, କିନ୍ତୁ ସେତେଟା ଉତ୍ସାହ ଦେଖାଯାଉ ନାହିଁ। ତାଙ୍କ ପ୍ରିୟ ନେତାଙ୍କୁ ଟିକେଟ ନ ଦେଲେ ସଂଘବଦ୍ଧ ଭାବରେ ଦଳରୁ ଇସ୍ତଫା ଦେବା ପାଇଁ ଦଳର ମୁଖିଆଙ୍କୁ ଧମକ ଦେଉଛନ୍ତି। ଆଉ କେହି କେହି ଟିକେଟ ଆଶାରେ ଦଳ ଛାଡ଼ି ଦେଇ ଅନ୍ୟ ଦଳରେ ଯୋଗଦେବାରେ ଲାଗିଛନ୍ତି।

ନୀଳଗିରି ବିଧାନସଭାରୁ ଭାଜପା ବିଧାୟକ ଚତୁରତାର ସହ ବିଜେଡିରେ ଯୋଗଦେଇ ଟିକେଟ ନେବାକୁ ଚାହିଁଥିଲେ। କିନ୍ତୁ ସେଠାରେ ବିଜେଡି ନେତା ସନ୍ତୋଷ ଖଟୁଆଙ୍କୁ ସମସ୍ତ କର୍ମୀ ଓ ନିର୍ବାଚିତ ନେତା ଛାଡ଼ି ଯାଉନାହାନ୍ତି। ସନ୍ତୋଷଙ୍କୁ ଟିକେଟ ନ ମିଳିଲେ ଭୟଙ୍କର ସ୍ଥିତି ଉପୁଜିବ ବୋଲି ଚିନ୍ତା କରି ବିଜେଡି ଉକ୍ତ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଘୋଷଣା କରିପାରୁନାହିଁ।

ରେମୁଣା ନିର୍ବାଚନମଣ୍ଡଳୀର ବିଜେଡିର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଟିକେଟ ନ ପାଇବା ଆଶଙ୍କାରେ କଂଗ୍ରେସରେ ଯୋଗଦେଇ ଟିକେଟ ହାତେଇଛନ୍ତି। ସେହିପରି ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଦଳରୁ ବହିଷ୍କାର ହେବା ପରେ ଅନେକ ଆଶାୟୀ ବିଧାୟକ ହେବାର ସ୍ୱପ୍ନ ଦେଖିଥିଲେ। ବହୁ ପୁରୁଖା ନେତା ବିଜେଡିରୁ ଟିକେଟ ପାଇଁ ଆଶା କରୁଥିବା ବେଳେ ଦଳର ମୁଖିଆ ଜଣେ ମହିଳା ସରପଞ୍ଚଙ୍କୁ ପ୍ରାର୍ଥିନୀ କରିଛନ୍ତି। ଅଭିଜ୍ଞତା ନ ଥିବାରୁ ଦଳୀୟ କର୍ମୀଙ୍କୁ ମନେଇବାରେ ସମୟ ଯାଉଛି।

ଭୋଗରାଇ ବିଜେଡିରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଅନନ୍ତ ଦାସଙ୍କ ବଦଳରେ ଗୌତମବୁଦ୍ଧ ଦାସଙ୍କୁ ଟିକେଟ ମିଳିଛି। କଂଗ୍ରେସ ବହୁ ପୂର୍ବରୁ ତାର ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ଘୋଷଣା କରିସାରିଛି।

ଜଳେଶ୍ୱରରେ ବିଜେଡି ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ବିରୋଧ କରିବାରୁ ଜଣେ ପୁରୁଖା ନେତା ବ୍ରଜମୋହନ ପ୍ରଧାନଙ୍କୁ ଭାଜପା ଟିକେଟ ଦେଇଛି। ତାଙ୍କୁ ଭାଜପାର ନେତା ଓ କର୍ମୀମାନେ ଗ୍ରହଣ କରି ନ ପାରି ବିରୋଧ କରୁଛନ୍ତି।

ସୋର ନିର୍ବାଚନମଣ୍ଡଳୀରେ ଭଦ୍ରକ ଜିଲା ଧାମନଗରର ରାଜକିଶୋର ଦାସଙ୍କୁ ଭାଜପା ପ୍ରାର୍ଥୀ କରିଛି। ଦୀର୍ଘଦିନ ଧରି ସେ ସୋର ନିର୍ବାଚନମଣ୍ଡଳୀରେ ପଶିପାରୁନାହାନ୍ତି। ସେଠାକାର କର୍ମୀ ଓ ନେତା ତାଙ୍କୁ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିଜେଡିରୁ ଟିକେଟ ପାଇ ନ ଥିବା ବିଧାୟକ ପର୍ଶୁରାମ ଧଡ଼ା ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଉକ୍ତ ନିର୍ବାଚନମଣ୍ଡଳୀରେ ଟିକେଟ ପରିବର୍ତ୍ତନ କରାଯିବା ଚର୍ଚ୍ଚା ହେଉଛି।

ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବରେ ୩ଟି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିଛନ୍ତି। ଭାଜପାରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କଂଗ୍ରେସରୁ ଶ୍ରୀକାନ୍ତ ଜେନା ଓ ବିଜେଡିରୁ ଲେଖାଶ୍ରୀ ସାମନ୍ତସିଂହାର। କିନ୍ତୁ ଲେଖାଶ୍ରୀ ନିଜ ରାଜନୈତିକ କ୍ୟାରିୟରରେ ବିଗତ ୧୦ବର୍ଷ ଧରି ପ୍ରାୟ ପ୍ରତ୍ୟେକ ଦିନ ଗଣମାଧ୍ୟମରେ ବିଜେଡି ସରକାରଙ୍କ ବିରୋଧରେ ଭିନ୍ନ ଭିନ୍ନ ଘଟଣାକୁ ନେଇ କଟାକ୍ଷ କରୁଥିଲେ। ହଠାତ୍ କିଛିଦିନ ପୂର୍ବରୁ ବିଜେଡିରେ ଯୋଗଦେଇ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡିର ପ୍ରାର୍ଥିନୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କର କୌଣସି ନିଜସ୍ୱ ସଙ୍ଗଠନ ନ ଥିବାରୁ ବିଜେଡିର କେତେକ ନେତା ଓ କର୍ମୀଙ୍କ ଉପରେ ଭରସା କରିବାକୁ ବାଧ୍ୟ ହୋଇଛନ୍ତି। ଲୋକସଭା କ୍ଷେତ୍ରର ନୀଳଗିରି, ଭୋଗରାଇ, ରେମୁଣା, ବସ୍ତା, ଜଳେଶ୍ୱର ବିଧାନସଭା କ୍ଷେତ୍ରରେ କର୍ମୀମାନଙ୍କର ବିଦ୍ରୋହ କିପରି ଭାବରେ ସମାଧାନ ହେବ ତାହା ଏବେ ବଡ଼ ପ୍ରଶ୍ନ।

# ବିଜେଡିରେ ମିଶିଲେ ଛତ୍ରପୁର ଭାଜପା ନେତା

ଭୁବନେଶ୍ୱର, ୨୯।୪ (ଅନିଲ ଦାସ)

ଗଞ୍ଜାମ ଜିଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ନେତା ଓ କର୍ମୀ ସୋମବାର ଶଙ୍ଖଭବନ ଠାରେ ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ସସ୍ମିତ ଉଭୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ସେମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବେ। ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅଭିଜ୍ଞ ବନାମ ନୂଆ ଚେହେରା

## କଟକ ଲୋକ ସଭା ଆସନ

କଟକ, ୨୯।୪ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସଂସଦୀୟ କ୍ଷେତ୍ରରେ ତ୍ରିମୁଖୀ ଲଢେଇ ହେବା ନେଇ ଆଲୋଚନା ହେଉଛି। ଲୋକ ସଭା ଆସନ ପାଇଁ ବିଜେଡି ସଂତୃପ୍ତ ମିଶ୍ର, ଭାଜପା ଭର୍ତ୍ତୃହରି ମହତାବ ଓ କଂଗ୍ରେସ ସୁରେଶ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ତେଣୁ ଏଥର ଅଭିଜ୍ଞ ଓ ନୂଆ ଚେହେରା ପ୍ରାର୍ଥୀଙ୍କ ମଧ୍ୟରେ ଏକ ଘମାଘୋଟ ଲଢେଇ ଦେଖିବାକୁ ମିଳିବ। ସଂତୃପ୍ତ ନୂଆ କରି ରାଜନୀତିରେ ଯୋଗଦେଇଥିବାବେଳେ ପ୍ରଥମ ଥର ଦଳ ତାଙ୍କୁ ଲୋକ ସଭା ଆସନରୁ ଟିକେଟ ଦେଇଛି। ସେହିପରି ଭର୍ତ୍ତୃହରି ପୂର୍ବରୁ ୬ଥର ଏମ୍‌ପି ରହି ଆସିଛନ୍ତି। ହେଲେ ଏବେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଅନ୍ୟପଟେ ସୁରେଶ ପୂର୍ବରୁ ୪ ଥର ବିଧାନସଭା ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିବାବେଳେ ଥରେ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦ ଲାଗି ମଇଦାନକୁ ଓହ୍ଲାଇଥିଲେ। ଭର୍ତ୍ତୃହରି ଅଭିଜ୍ଞ ଓ ସୁରେଶ ରାଜନୀତିରେ ବହୁ ପୁରୁଣା। ହେଲେ ସଂତୃପ୍ତ ସମ୍ପୂର୍ଣ୍ଣ ନୂଆ ଚେହେରା। ପ୍ରାର୍ଥୀଙ୍କ ନାଁ ଘୋଷଣା ପରଠୁ ଉଭୟ ବିଜେଡି, ଭାଜପା ପ୍ରାର୍ଥୀ ପ୍ରଚାର ଓ ବୈଠକ ଆରମ୍ଭ କରିଛନ୍ତି। ରବିବାର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଘୋଷଣା କରିବା ପରେ ସୁରେଶ ମଧ୍ୟ ପ୍ରଚାର ପାଇଁ ଅଣ୍ଟା ଭିଡ଼ିଛନ୍ତି। କେଉଁ ରଣନୀତି ଓ ପ୍ରସଙ୍ଗ ନେଇ ସେମାନେ ଭୋଟ ମାଗିବେ ତାହା ଉପରେ ସମସ୍ତଙ୍କ ନଜର। ଏନେଇ କଂଗ୍ରେସ ପ୍ରାର୍ଥୀ ସୁରେଶଙ୍କୁ ପଚାରିବାରୁ ସେ କହିଛନ୍ତି, ଭର୍ତ୍ତୃହରି ୬ଥର ଏମ୍‌ପି ହୋଇଥିଲେ ମଧ୍ୟ ଗୋଟିଏ ଦଳରେ ରହିପାରିଲେନି ଏବଂ କଟକରେ ତାଙ୍କ କାର୍ଯ୍ୟକଳାପ ଲୋକେ ଜାଣିସାରିଲେଣି। ଅନ୍ୟପଟେ ଆଉଜଣେ ସମ୍ପୂର୍ଣ୍ଣ ନୂଆ। ବ୍ୟବସାୟ ଛାଡ଼ି ରାଜନୀତି କରିବାକୁ ଆସିଛନ୍ତି। ଉଭୟ ବିରୋଧୀ ଦଳ ପ୍ରାର୍ଥୀଙ୍କୁ ଲୋକେ ଗ୍ରହଣ କରିବେ ନାହିଁ ବୋଲି ମହାପାତ୍ର କହିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଭର୍ତ୍ତୃହରି କହିଛନ୍ତି, ଲୋକେ ଜାଣିଛନ୍ତି କିଏ କ'ଣ କାମ କରିଛି। ବିଜେଡିରେ ସମସ୍ୟା ଥିବାରୁ ମୁଁ ଦଳ ଛାଡ଼ିଛି। କଟକ ତଥା ରାଜ୍ୟରେ ପରିବର୍ତ୍ତନ ହେବ ଏବଂ ତାହା ଭାଜପା ସରକାର ହିଁ କରିବ ବୋଲି ସେ କହିଛନ୍ତି। ତେବେ ବିଜେଡି ପ୍ରାର୍ଥୀ ସଂତୃପ୍ତଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନିର୍ବାଚନ ପ୍ରଚାରରେ ସରକାରୀ ଅଧିକାରୀଙ୍କୁ ବୁଲାଉଛି ବିଜେଡି

ଭୁବନେଶ୍ୱର, ୨୯।୪ (ସୁନିତ୍ ମିଶ୍ର)


ବିଜେଡି ନିର୍ବାଚନ ବୈତରଣୀ ପାର ହେବା ଲାଗି ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛି ଯେ, କିଛି ସରକାରୀ ଅଧିକାରୀ ନିଜର ଦାୟିତ୍ୱ ଛାଡ଼ି ଶାସକ ଦଳ ନିର୍ବାଚନ ପ୍ରଚାରରେ ନିୟୋଜିତ ଅଛନ୍ତି। ଭାଜପା ଏହି ଘଟଣା ସିଇଓଙ୍କ ଦୃଷ୍ଟିକୁ ବାରମ୍ବାର ଆଣୁଛି। କିନ୍ତୁ ବିଜେଡି ତା'ର ଚିରାଚରିତ ବ୍ୟବହାରରୁ ନିବୃତ୍ତ ହେଉନାହିଁ। ପୂର୍ବରୁ ଶାସକ ଦଳର କାର୍ଯ୍ୟ କରି କିଛି ମୁଷ୍ଟିମେୟ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଥିଲେ ମଧ୍ୟ ପୁନର୍ବାର ଶାସକ ଦଳର ଏହି କାର୍ଯ୍ୟ ଜାରି ରହିଛି। ଭାଜପା ସର୍ବଦା ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ଚାହୁଁଥିବାବେଳେ ବିଜେଡି ଶାସନ ଗାଦିରେ ବସିବା ପାଇଁ ସରକାରୀ ଅଧିକାରୀଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରୁଛି। ବିଜେଡି ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସିଇଓଙ୍କ ଦ୍ୱାରସ୍ଥ ହୋଇଛି।

# ବିଏଚ୍‌ୟୁ ମାମଲାରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲୁନାହାନ୍ତି: ଅଜୟ

ଭୁବନେଶ୍ୱର, ୨୯।୪ (ସୁନିତ୍ ମିଶ୍ର)

ଦେଶ ଓ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଶହ ଶହ ମହିଳାଙ୍କ ଜୀବନ ନଷ୍ଟ କରି ଭାଜପାର ନେତାମାନେ ଦେଶ ଛାଡ଼ି ପଳାଇଯାଉଛନ୍ତି। ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ ଚୁପ୍ ରହୁଛନ୍ତି। ମହିଳା ବିକାଶ ମନ୍ତ୍ରୀ ବି ମହିଳା ଅତ୍ୟାଚାର ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଦେଶରେ ମହିଳା ଅତ୍ୟାଚାର ୨ ଗୁଣା ବଢ଼ିଛି। ଦେଶରେ ସାଢ଼େ ତିନି ଲକ୍ଷରୁ ଚାରି ଲକ୍ଷ ମାମଲା ରହିଥିବାବେଳେ ପ୍ରଧାନମନ୍ତ୍ରୀ ଏସବୁ ଅପରାଧକୁ ଦଳୀୟ ଦୃଷ୍ଟି କୋଣରୁ ଦେଖୁଛନ୍ତି। ଦଳୀୟ କର୍ମକର୍ତ୍ତା ଅପରାଧ କଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେମାନଙ୍କ ଅପରାଧକୁ ଘଷ୍ଟ ଘୋଡ଼ାଯାଉଛି। ବନାରସ ବିଏଚ୍‌ୟୁ ମାମଲାରେ ପ୍ରଧାନମନ୍ତ୍ରୀ କାହିଁକି ମୁହଁ ଖୋଲୁନାହାନ୍ତି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ପ୍ରଶ୍ନ ଉଠାଇଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି, ମଣିପୁର ପ୍ରସଙ୍ଗ ସାରା ବିଶ୍ୱରେ ଦେଶକୁ ଲଜ୍ଜିତ କରିଛି। ଜଣେ ଯବାନଙ୍କ ସ୍ତ୍ରୀଙ୍କୁ ବିବସ୍ତ୍ର କରି ଯେପରି ରାଜରାସ୍ତାରେ ପରେଡ଼ କରାଗଲା ତାହା ସଭ୍ୟ ସମାଜ ପାଇଁ ଅତି ନିନ୍ଦନୀୟ ଘଟଣା। ଭାଜପା ସରକାର ଯେତେବେଳେ ଜଣେ ଯବାନ ସ୍ତ୍ରୀଙ୍କୁ ସୁରକ୍ଷା ଦେଇ ପାରୁନାହିଁ, ସାଧାରଣ ମହିଳା କିପରି ସୁରକ୍ଷିତ ରହିବେ ବୋଲି ପ୍ରଶ୍ନ କରିଛନ୍ତି। ଭାଜପାଠାରୁ ବିଜେଡି ମଧ୍ୟ କମ୍‌ରେ ନାହିଁ। ମହିଳା ଅପରାଧରେ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ଥିବାବେଳେ ଏବେ ଏକ ନମ୍ବର ହେବାକୁ ଚେଷ୍ଟା କରୁଛି। ପିପିଲିର ବେବିନା, ମମିତା ମେହେର ଆଦି ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବାବେଳେ ସରକାର ସେମାନଙ୍କୁ ଘଷ୍ଟ ଘୋଡ଼ାଉଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା ସେମାନଙ୍କୁ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରି କି ପ୍ରକାର ବାର୍ତ୍ତା ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ଶ୍ରୀକାନ୍ତ ସାହୁ, ବିଜୟ ଶଙ୍କର ଦାସଙ୍କ ଭଳି ଅନେକ ବିଧାୟକ ଓ ମନ୍ତ୍ରୀ ନାରୀ ନିର୍ଯାତନାରେ ସମ୍ପୃକ୍ତ ଥିବାବେଳେ ବିଜେଡି ସେମାନଙ୍କୁ ଟିକେଟ ଦେଇ ମହିଳାଙ୍କ ପ୍ରତି କେତେ ସମ୍ବେଦନ ତାହା ଜଣାପଡୁଛି। ଭାଜପା ଦେଶର ସମ୍ବିଧାନକୁ ବଦଳାଇବା ପାଇଁ ଉଦ୍ୟମ କରୁଛି। କଂଗ୍ରେସ ଦଳିତ ମହିଳା ଓ ଓବିସି ସଂରକ୍ଷଣ ସପକ୍ଷରେ କାର୍ଯ୍ୟ କରୁଥିବା ବେଳେ ଭାଜପା ଏସବୁ ବିରୋଧରେ କାର୍ଯ୍ୟ କରୁଛି। ବିଜେଡି କେନ୍ଦ୍ରର ଭାଜପା ସହ ସଦାସର୍ବଦା ପାଦ ମିଳାଇ ଆସୁଛି। ଉଭୟଙ୍କ ଭିତରେ କ୍ଷୀର ଓ ନୀରର ସମ୍ପର୍କ ରହିଛି। ଉଭୟ ମହିଳା ବିରୋଧୀ ଓ ମହିଳାଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉଦାସୀନ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ କହିଛନ୍ତି ଯେ, ଭାଜପା ସମ୍ବିଧାନ ବିରୋଧୀ। ଆରଏସ୍‌ଏସ୍ ସମ୍ବିଧାନ ବଦଳେଇବା କଥା କହୁଛି। ବିଜେଡି ମଧ୍ୟ ସମ୍ବିଧାନ ବିରୋଧୀ ଭାଜପାକୁ ସମର୍ଥନ କରୁଛି। ବିଜେଡି ଓ ଭାଜପା ଯେତେବେଳେ ଜାଣିଲେ ମେଣ୍ଟ ହେଲେ ନେତା ଓ କର୍ମୀ କଂଗ୍ରେସକୁ ଫେରିଆସିବେ, ଏହାପରେ ସେ ଅବୈଧ ବୁଝାମଣା କରି ନିର୍ବାଚନ ଲଢୁଥିବା ଭକ୍ତ କହିଛନ୍ତି।


କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଜୟ କୁମାର ଓ ଅନ୍ୟ ନେତାମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |


# ବଜାରରେ ମହିନ୍ଦ୍ରାର 'ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'

**ଭୁବନେଶ୍ୱର,୨୯।୪ (ଅଭୟ ଦାଶ)**



ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ମୁମ୍ବାଇଠାରେ ଆୟୋଜିତ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଏହାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ଏସୟୁଭି ବର୍ଗ (ସେଗମେଣ୍ଟ)ରେ ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'ରେ ଅନେକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ସୁରକ୍ଷା ଦୃଷ୍ଟି କୋଣରୁ ମଧ୍ୟ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ(ଅଟୋମୋଟିଭ ଡିଭିଜନ)ର ସଭାପତି ଭିଜୟ ନକ୍ରା କହିଛନ୍ତି, ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'କୁ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ମଡେଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ସାମିଲ ଥିଲାବେଳେ ଏସୟୁଭି ବର୍ଗ (ସେଗମେଣ୍ଟ)ରେ ଏହା ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ମଡେଲ ୮ଟି ଆକର୍ଷଣୀୟ କଲର ସହ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ) ୭.୪୯ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୨୯।୪**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୯୪୧ (୯୪୧.୧୨) ପଏଣ୍ଟ ବଢ଼ି ୭୪,୬୭୧(୭୪,୬୭୧.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୩ (୨୨୩.୪୫) ପଏଣ୍ଟ ବୃଦ୍ଧି ଘଟି ୨୨,୬୪୩(୨୨,୬୪୩.୪୫) ଅଙ୍କରେ କାରବାର ବନ୍ଦ କରିଥିଲା।


## SHUBHRA RANJAN

Always Ahead

Delhi's Best IAS Institute now in Bhubaneswar

GS FOUNDATION COURSE
(ONLINE / OFFLINE MODE)

UPSC (IAS, IPS, IRS..) OPSC (OAS, OPS, ORS..)

GENERAL STUDIES INTEGRATED COURSE

COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005

Mobile/Whatsapp
7008476028
7788807774
9668384085



## ଆଡ୍‌ୱାର୍ଲ୍ଡ

ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଲେଟ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ

ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available

କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।

ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୭, ସେକ୍ଟର ୫, ନୋଏଡ଼ା

9810432170
7606841840



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପହିଲାରୁ ଫୁଲ୍ ପଇସା ଭାସୁଲ ସେଲ୍

**ଭୁବନେଶ୍ୱର,୨୯।୪**




ରିଲାଏନ୍ସ ଗ୍ରୁପର ଅଗ୍ରଣୀ କମ୍ପାନୀ ତଥା ରିଟେଲ ପ୍ଲାଟଫର୍ମ ସ୍ମାର୍ଟ ବଜାର ଓ ଜିଓ ମାର୍ଟର ଲୋକପ୍ରିୟ ଅଫର 'ଫୁଲ ପଇସା ଭାସୁଲ ସେଲ୍'ର ଶୁଭାରମ୍ଭ ୨୦୨୪ ମେ ୧ରୁ ଆରମ୍ଭ ହେଉଛି। ଏପରିକି ପ୍ଲାଟଫର୍ମର ଏଡିଶନ ୨୦୨୪ ମେ ୧ରୁ ୫ ପର୍ଯ୍ୟନ୍ତ ଜାରି ରହିବ (ଉପଲବ୍ଧ) ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ଏଡିଶନରେ ଗ୍ରାହକମାନେ ଗ୍ରୋସେରୀ, ଫ୍ୟାଶନ ଆଣ୍ଡ ହୋମ ପ୍ରଡକ୍ଟସ ଭଳି ଅନେକ କିଛି ଅତ୍ୟାବଶ୍ୟକ ସାମଗ୍ରୀ ଉଭୟ ଜିଓ ମାର୍ଟ ଆପ ଓ ସ୍ମାର୍ଟ ବଜାର ଆଉଟଲେଟରୁ ସୁଲଭ ମୂଲ୍ୟ ଓ ଆକର୍ଷଣୀୟ ରିହାତିରେ ପାଇପାରିବେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଥର ପାଇଁ ଏହି ଅଫର ଜିଓ ମାର୍ଟ ଜରିଆରେ ରିହାତି ସୁବିଧା ରିଲାଏନ୍ସର ଅଗଣିତ ଗ୍ରାହକଙ୍କୁ ଯୋଗାଇ ଦିଆଯିବ।

# ହିଣ୍ଡାଲ୍‌କୋର ପ୍ରୋଜେକ୍ଟ 'ଜ୍ଞାନାର୍ଜନ'

**ଭୁବନେଶ୍ୱର,୨୯।୪**



ଆଦିତ୍ୟ ବିର୍ଲା ଗ୍ରୁପର ଅଗ୍ରଣୀ କମ୍ପାନୀ ହିଣ୍ଡାଲ୍‌କୋର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରକଳ୍ପ 'ଜ୍ଞାନାର୍ଜନ' ନିକଟରେ ହୀରାକୁଦଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ବିଶେଷ କରି ପଞ୍ଚମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରବେଶ କରାଇବା ପାଇଁ ଏହା ଲକ୍ଷ୍ୟ ରଖିଛି। ସେହିଭଳି ଏହି ପ୍ରକଳ୍ପ ବୁର୍ଲାର ଆଲୋକ ସହିତ ସହଭାଗିତା ଜରିଆରେ ହୀରାକୁଦର ସାଇ ୱାର୍ଲଡ ସ୍କୁଲ ଏବଂ ମହମ୍ମଦପୁରର ସରକାରୀ ନୋଡାଲ ହାଇସ୍କୁଲ ଠାରେ ନିଜର ଶିକ୍ଷାକେନ୍ଦ୍ର ସ୍ଥାପନ କରିଛି। ଏ ସମ୍ପର୍କରେ ହିଣ୍ଡାଲ୍‌କୋର ବିଜ୍‌ନେସ ହେଡ୍ (ମାଇନିଂ ଓ କ୍ଲଷ୍ଟର ହେଡ୍ ସମ୍ବଲପୁର) କୈଳାସ ପାଣ୍ଡେ କହିଛନ୍ତି, ଜ୍ଞାନାର୍ଜନ ପ୍ରୋଜେକ୍ଟ ଶିକ୍ଷାଗତ ସଶକ୍ତୀକରଣ ଏବଂ ଗୋଷ୍ଠୀର ପ୍ରଗତି ନିମନ୍ତେ ଆରମ୍ଭ ହୋଇଛି। ସେହିପରି ଶିକ୍ଷାଗତ ଦିଗରୁ ଊର୍ଦ୍ଧ୍ୱରେ ଏହି ପ୍ରକଳ୍ପ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବାକୁ ପ୍ରବନ୍ଧ ଲିଖନ, ତର୍କ, ଗୀତ, ନୃତ୍ୟ ଏବଂ ପ୍ରଶ୍ନୋତ୍ତର ଆଦି ଅତିରିକ୍ତ କାର୍ଯ୍ୟକଳାପ ଏବଂ ଜଟିଳ ଚିନ୍ତନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ବିଶେଷ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଚିଡିଆଖାନା ଏବଂ ହୀରାକୁଦ ଡ୍ୟାମ୍ ଭଳି ପ୍ରମୁଖ ସ୍ଥାନକୁ କ୍ଷେତ୍ର ପ୍ରଦର୍ଶନସ୍ତରୀୟ ଗସ୍ତ ଅନନ୍ୟ ଅନୁଭୂତି ପ୍ରଦାନ କରୁଥିବାବେଳେ ଯୋଗ ଅଧିବେଶନ ଶାରୀରିକ ଏବଂ ମାନସିକ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରୁଛି।


## ମନେ ପଡ଼ନ୍ତି

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ତାରାମଣୀ ମିଶ୍ର
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦

ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୮୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ପ୍ରଫେସର ରମାକାନ୍ତ ଜେନା

ଆବିର୍ଭାବ : ୨୪.୦୩.୧୯୩୬
ମହାପ୍ରୟାଣ : ୨୦.୦୪.୨୦୨୪

ଆଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା।

ଶୋକସନ୍ତପ୍ତ :
ପରିବାର, ଆତ୍ମୀୟ ସ୍ୱଜନ ଓ ବନ୍ଧୁବର୍ଗ

ଧ-୧୯୪


# ଜେଇଇ ମେନ୍‌ରେ କିଟ୍ ଏଚ୍‌ଏସ୍‌ଏସ୍‌ର ବାଜିମାତ୍



**ଭୁବନେଶ୍ୱର,୨୯।୪**

କିଟ୍ ହାୟର ସେକେଣ୍ଡାରୀ ହାଇସ୍କୁଲ ବା କିଟ୍ ଏଚ୍‌ଏସ୍‌ଏସ୍ ସଦ୍ୟ ପ୍ରକାଶିତ ଜେଇଇ ମେନ-୨୦୨୪ ପରୀକ୍ଷା ଫଳାଫଳରେ ବାଜିମାତ୍ କରିଛି। (କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ଅର୍ଜନ କରିଛନ୍ତି)। ଏପରିକି ବିଦ୍ୟାଳୟର ମୋଟ ୪୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ହୋଇ ଅନୁଷ୍ଠାନର ଗୌରବ ବଢାଇବା ସହ ଆଗାମୀ ବର୍ଷ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଉଲ୍ଲେଖଯୋଗ୍ୟ,ଜେଇଇ ମେନ୍-୨୦୨୪ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ବିଦ୍ୟାଳୟର ସୁଭନ୍ତ ସାହାନୀ ୯୬% ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ମାନ ସମାରୋହରେ ଯୋଗଦେଇ ଅନୁଷ୍ଠାନର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ରସାୟନ ବିଭାଗ ମୁଖ୍ୟ ଡ. ରୁଦ୍ର ମୋହନ ନନ୍ଦ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ତରୀୟ ଓ ମେମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଅନୁଷ୍ଠାନରେ ପାରମ୍ପରିକ ଯୁକ୍ତ୨ ପାଠ ସହ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ଅଭିଜ୍ଞ ଅଧ୍ୟାପନାମଣ୍ଡଳୀଙ୍କ ଦ୍ୱାରା ଆଶାୟୀ ଛାତ୍ରୀଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରାଯାଇଥାଏ। ଏପରିକି ଆଗ୍ରହୀ ଛାତ୍ରୀଛାତ୍ରମାନେ ନିୟମିତ ଯୁକ୍ତ୨ ବିଜ୍ଞାନ ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ସଫଳତା ନିମନ୍ତେ ଶିକ୍ଷକମାନଙ୍କ ନିରନ୍ତର ଚେଷ୍ଟା ଛାତ୍ରୀଛାତ୍ରମାନଙ୍କ ସଫଳତା ପଛରେ ଅନ୍ୟତମ କାହାଣୀ ବୋଲି ଅନୁଷ୍ଠାନର ସଭାପତି ତଥା କିଟ୍ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ।

# ଇଆଇପିଏଲ୍ ସହ ଏଚ୍‌ଡିଏଫ୍‌ସି କ୍ୟାପିଟାଲର ସହଭାଗିତା

**ଭୁବନେଶ୍ୱର,୨୯।୪**

ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡଭାଇଜର୍ସ ଲିମିଟେଡ ଏବଂ ଏଲଡେକୋ ଇନ୍‌ଫ୍ରାଷ୍ଟ୍ରକଚର ଆଣ୍ଡ ପ୍ରପର୍ଟିଜ ଲିମିଟେଡ (ଇଆଇପିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ ହୋଇଛି। ଏପରିକି ସାରା ଭାରତରେ ଆବାସିକ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଉଭୟ ସଂସ୍ଥା ଲକ୍ଷ୍ୟ ରଖିଥିବା ବେଳେ ମିଳିତ ପ୍ଲାଟଫର୍ମର ଆକାର ୩୫୦ କୋଟି ଟଙ୍କାରୁ ଆରମ୍ଭ ହୋଇ ବର୍ତ୍ତମାନ ୮୫୦ କୋଟି ଟଙ୍କାରେ ରହିଛି। ଦେଶରେ ବୃଦ୍ଧି ହେଉଥିବା ଆବାସିକ ଚାହିଦାକୁ ସମାଧାନ କରିବା ଲାଗି ଉଭୟ ସଂସ୍ଥା ଏକ ସଂକଳ୍ପବଦ୍ଧ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଏଲଡେକୋ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ବଜାଜ କହିଛନ୍ତି, ଏଚ୍‌ଡିଏଫ୍‌ସି କ୍ୟାପିଟାଲ ସହିତ ଆମର ସହଭାଗିତା ଠିକ୍ ସମୟରେ ହୋଇଛି। ଦୀର୍ଘ ଦିନର ଅବନତି ପରେ ବର୍ତ୍ତମାନ ପ୍ରିମିୟମ ହାଉସିଂ ପ୍ରକଳ୍ପର ଚାହିଦା ମଧ୍ୟ ବଢ଼ିଛି। ଏପରିକି ଆମେ ଏହି ଚାହିଦାକୁ ପୂରଣ ପାଇଁ ନିଜକୁ ପ୍ରସ୍ତୁତ କରୁଛୁ।

ଏଚ୍‌ଡିଏଫ୍‌ସି କ୍ୟାପିଟାଲ ସହିତ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଆରମ୍ଭ କରିଥିବା ସବୁ ପ୍ରକଳ୍ପ ଲାଗି ବହୁତ ଭଲ ପ୍ରତିକ୍ରିୟା ହାସଲ କରିଛୁ। ବାସ୍ତବରେ ଆମେ ଆମର ନୋଏଡା ପ୍ରକଳ୍ପ 'ଏଲଡେକୋ ଲା ଭିଡାବେଲା' ଆସନ୍ତା ସପ୍ତାହରେ ଶୁଭାରମ୍ଭ ହେବାକୁ ଯାଉଛି। ଏହା ସହିତ ୭୦୦ କୋଟି ଟଙ୍କାର ବ୍ୟବସାୟ ହେବାର ଆଶା ରଖିଛୁ। ଉକ୍ତ ପ୍ଲାଟଫର୍ମରେ ବିବିଧ ମିଶ୍ରଣ ରହିଛି, ଯାହା ଦ୍ୱିତୀୟ ସହରର ଟାଉନଶିପ, ଏନସିଆରର ଉଚ୍ଚବୃଦ୍ଧି ଓ ଋଷିକେଶ ଏବଂ ଗୋଆ ପରି ସ୍ଥାନରେ ଏହାର ବିସ୍ତାର ହେବା ଆଶା ରହିଛି।

ସେହିଭଳି ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡଭାଇଜର୍ସ ଲିମିଟେଡର ଏମ୍‌ଡି ତଥା ସିଇଓ ଭିପୁଲ ରୁଙ୍ଗଟା କହିଛନ୍ତି, ଏଲଡେକୋ ଗ୍ରୁପ ସହ ଆମର ନିରନ୍ତର ସହଯୋଗ ବିକାଶ ଓ ବିତରଣର ଏକ ଭଲ ଟ୍ରାକ ରେକର୍ଡ଼ ରହିଛି। ଏହା ସହିତ ଶୀର୍ଷ ରେଟେଡ ଡେଭଲପରମାନଙ୍କ ସହ ଭାଗୀଦାରି କରିବାର ରଣନୀତିକୁ ମଧ୍ୟ ଆଲୋକିତ କରିଥାଏ। ଏହି ବିନିଯୋଗ ମାଧ୍ୟମରେ ଭାରତର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସହରରେ ସୁଲଭ ମୂଲ୍ୟରେ ଗୃହ ବିକାଶ ଲକ୍ଷ୍ୟ ରଖିଛୁ।


# Classified Everyday
0674-2580101, 2549949


REAL ESTATE
SALE

**Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact- 7008513309.** D-192

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

Land for sale:- (Under BDA), Mouza/RI Office- Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949


FOR RENT

Shoproom (10' x 10') 2Nos. near Biju Patnaik College mainroad Jayadev Vihar, Bhubaneswar. Contact- 7008296802. D-187

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Monalisa massage Club: All types Body massage with hiprofile smart lady rooms service available. 9708545108. D-190

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Newly open Jyoti SPA positively health benefits (Expert therapist). 8458067955. D-76116

Relax, refresh your body, mind by expert therapist. Contact- 9938843929. D-76117

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Newly open SPA positively health benefits with expert therapist. 8658466886. D-76115

AFFIDAVIT

By virtue of an affidavit sworn before the Executive Magistrate, Nuapada, I Dusmanta Sabar, S/o- Kubermani Sabar, R/o/ Village- Suklimundi, P.O.- Gandamer, Dist.- Nuapada, Odisha do hereby declare that I have been issued with an Aadhaar Card vide No. xxxxxxxx 2338 in which me and my father's name spelling is incorrect. I want to correct my name and my father's name. D-185

By affidavit in the Court of Executive Magistrate, Kanika, Kendrapara, CF No.-52AA 540007 dtd. 20.04.2024, I have been recognized, indentified & known as Hrusikesha Sahoo, S/o- Mahapatra Madan Mohan Sahoo, At- Patarpur, P.O.- Katana, P.S.- Rajkanika, Dist.- Kendrapara for all purposes. D-193

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବେଆଇନ ଭାବେ ଡାଲି ମହଜୁଦ ରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୯।୪**
**(ଅନୁରାଧା ମହାରଣା)**

ଡାଲି ବେଆଇନ ଭାବେ ମହଜୁଦ ରଖୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ କିଛି ଦିନ ଧରି କେତେକ ରାଜ୍ୟରେ ଲଗାତର ଡାଲି ଦର ବଢୁଥିବା ହେତୁ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଛନ୍ତି। ସୋମବାର ଠାରୁ କେନ୍ଦ୍ର ଏନେଇ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଏହି ପରିପ୍ରେକ୍ଷୀରେ ଗତ ଦୁଇ ସପ୍ତାହ ମଧ୍ୟରେ ସରକାର ରାଜ୍ୟ, ବଡ ଆମଦାନୀକାରୀ, ହୋଲସେଲରଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶ ସମେତ ଦେଶର ୮ଟି ରାଜ୍ୟରେ ଡାଲିର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ହରଡ଼, ମୁଗ ଓ ଚଣା ଡାଲି ମହଜୁଦ ପରିମାଣ ସମ୍ପର୍କରେ https://fcainfoweb.nic.in/psp/ ପୋର୍ଟାଲରେ ସୂଚନା ଦେବାକୁ ନିର୍ଦ୍ଦେଶ ରହିଛି। ଏପ୍ରିଲ ୧୫ରୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇଛି। ତେବେ ପୋର୍ଟାଲରେ ଦେଇଥିବା ସୂଚନା ଏବଂ ମହଜୁଦ୍ ରଖିଥିବା ଡାଲିର ପରିମାଣ ମେଳ ଖାଉ ନଥିଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିପାଇଁ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇଛି।

ଫ୍ୟାଶନ

# ସମର ଆଉଟ୍‌ଫିଟ୍

**ଆପଣମାନେ ସାଧାରଣତଃ ସିଜନ୍ ଅନୁଯାୟୀ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏବେ ଖରାଦିନ ଚାଲିଛି ଏହିଦିନରେ କିପରି ଡ୍ରେସ୍ ପିନ୍ଧିଲେ ତାହା ଆରାମଦାୟକ ହେବ ସେ ସମ୍ପର୍କରେ ଜାଣିବା ଟିପ୍ସ...**



**ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ**
ଖରାଦିନରେ ନିଜ କପ୍‌ବୋର୍ଡରେ ଧଳାରଙ୍ଗର ଡ୍ରେସ୍ ରଖିବା ସହିତ ଏହାକୁ ପିନ୍ଧନ୍ତୁ। ଏହା ବେଶ୍ ଆରାମଦାୟକ ହୋଇଥାଏ। ଏହି ଧଳାରଙ୍ଗର ଡ୍ରେସ୍ ପିନ୍ଧିବା ଦ୍ୱାରା ଖରା ଏତେ କାଟି ନ ଥାଏ। ଧଳାରଙ୍ଗରେ ଆପଣ ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, ଲଖନଉ ସୁଟ୍, ଅନାରକଲି, ଶାଢ଼ି, ପେନ୍‌ସିଲ୍ ସ୍କର୍ଟ୍ ଟ୍ରାଉଜର ଆଦି ଆପଣ ଟ୍ରାଏ କରିପାରନ୍ତି।

**ପ୍ରିଣ୍ଟର ରଖନ୍ତୁ ଖାସ୍ ଧ୍ୟାନ**
ଖରାଦିନେ ଫ୍ଲୋରାଲ ପ୍ରିଣ୍ଟର ଡ୍ରେସ୍ ଅଧିକ ପସନ୍ଦ କରାଯାଏ। ଏହି ଦିନରେ ଏହି ଫ୍ଲୋରାଲ ପ୍ରିଣ୍ଟ ଏବଂ ଲାଇଟ୍ କଲର ଡ୍ରେସ୍ କୁଲ୍ ଲୁକ୍ ଦେଇଥାଏ। ଫ୍ଲୋରାଲ ବ୍ୟତୀତ ଚେକ୍ସ, ଷ୍ଟ୍ରାଇପ୍ସ, ଜେମେଟ୍ରିକ୍ ପ୍ରିଣ୍ଟ ବି ଆପଣାଇପାରିବେ।

**କମ୍ଫର୍ଟେବଲ୍ ହେବ ଡ୍ରେସ୍**
ଏହିଦିନରେ ସାଧାରଣତଃ ବେଶି ଝାଳ ବହିଥାଏ। ଏଥିପାଇଁ ଏଦିନେ ଟାଇଟ୍ ଏବଂ ଫିଟିଂ ଡ୍ରେସ୍ ପିନ୍ଧିବାକୁ ଆଭୋଏଡ୍ କରିବା ସହ କଟନ୍ ଟି-ଶାର୍ଟ, ପ୍ଲାଜୋ, ଲଙ୍ଗ କୁର୍ତ୍ତି, ପ୍ରିଣ୍ଟେଡ୍ କୁର୍ତ୍ତୀ, ହ୍ୱାଇଟ୍ ଶର୍ଟ, ଲିନେ୍ ଜ୍ୟାକେଟ୍, ଏସିମେଟ୍ରିକଲ ଟପ୍, କର୍ଟନ ଶାଢ଼ି ଆଦି ସମର ପାଇଁ ବେଷ୍ଟ ଅପସନ୍ ହୋଇଥାଏ।

**ଇଭିନିଂ ପାର୍ଟି ପାଇଁ ଚୟନ କରନ୍ତୁ ଡ୍ରେସ୍**
ପାର୍ଟିରେ ସାଧାରଣତଃ ବ୍ଲାକ୍ କଲର ଡ୍ରେସ୍ ପସନ୍ଦ କରାଯାଏ, କିନ୍ତୁ ଗରମ ଦିନରେ କିଛି ଅଲଗା ପିନ୍ଧିବାକୁ ଚେଷ୍ଟା କରନ୍ତୁ। ଇଭିନିଂ ପାର୍ଟି ଲାଗି ଶିଫନ୍, ଜର୍ଜେଟ, ସିଲ୍କ ୱାନ୍ ସୋଲ୍‌ଡର, ଅଫ୍ ସୋଲ୍‌ଡର ଆଦି ଡ୍ରେସ୍ ପିନ୍ଧିପାରିବେ।

# ଗୃହିଣୀଙ୍କ ପାଇଁ...

**ଖରାଦିନ ଆସିଲା ମାତ୍ରେ ପନିପରିବା ଜଲ୍‌ଦି ନଷ୍ଟ ହୋଇଯାଏ। କିନ୍ତୁ କେତେକ ସାଧାରଣ ଉପାୟ ପାଳନ କରିବା ଦ୍ୱାରା ପନିପରିବା ସତେଜ ରହିପାରିବ,କିପରି ଜାଣନ୍ତୁ କେତୋଟି ଟିପ୍ସ...**



**ଓଦା ପରିବା ଫ୍ରିଜ୍‌ରେ ରଖନ୍ତୁ ନାହିଁ:** ଯଦି ଆପଣ ବଜାରରୁ ପରିବା କିଣୁଛନ୍ତି ତାକୁ ଧୋଇ ସଙ୍ଗେ ସଙ୍ଗେ ଫ୍ରିଜ୍‌ରେ ରଖନ୍ତୁ ନାହିଁ। ଏହା ଭଲଭାବେ ଶୁଖିଗଲା ପରେ ତାକୁ ଫ୍ରିଜ୍‌ରେ ରଖନ୍ତୁ। ଓଦା ପନପରିବା ଜଲ୍‌ଦି ଖରାପ ହୋଇଥାଏ। ଏହାକୁ ଟାୱେଲରେ ପୋଛି ରଖନ୍ତୁ।



**ଫ୍ରିଜ୍‌ର ସଠିକ ବ୍ୟବହାର**
ଫ୍ରିଜ୍‌ର ତାପମାନ ୧ରୁ ୪ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରଖନ୍ତୁ, ପନିପରିବା ରଖିବା ସମୟରେ ତାକୁ ଖୋଲା ଫାଙ୍କା ସ୍ଥାନରେ ରଖନ୍ତୁ।

**ପେପର ଟାୱେଲ**
ପରିବା ରଖିବା ସମୟରେ ପେପର ଟାୱେଲରେ ପନିପରିବାକୁ ଗୁଡ଼ାଇ ରଖନ୍ତୁ। ଏହାଦ୍ୱାରା ପନିପରିବାରେ ଲାଗିଥିବା ଓଦାପଣକୁ ଶୁଖାଇଦେବ। ଫଳରେ ପନିପରିବା ସତେଜ ରହିବ।

# ଗ୍ରୀଷ୍ମରେ ରହିବେ ଫିଟ୍



**"ଗ୍ରୀଷ୍ମଋତୁରେ ସବୁବେଳେ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ଖାଦ୍ୟ ଖାଆନ୍ତୁ। ବିଶେଷଭାବରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡ଼ିକରେ ଜଳୀୟ ଅଂଶ ଭରପୂର ହୋଇ ରହିଥାଏ।"**

ବର୍ଷତମାମ ବିଭିନ୍ନ ଋତୁ ମଧ୍ୟରେ ବିଶେଷଭାବରେ ଗ୍ରୀଷ୍ମଋତୁରେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ସମୟରେ ମହିଳାମାନେ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେବାକୁ ପସନ୍ଦ କରୁଛନ୍ତି। କେବଳ ଜଣେ ଗୃହିଣୀ ନୁହେଁ, କର୍ମଜୀବୀ ହୋଇଥିଲେ ମଧ୍ୟ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୁଅନ୍ତୁ। ଉକ୍ତ ଋତୁରେ ଅତ୍ୟଧିକ ଗରମ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ପ୍ରବଳ ଗରମରେ ବାହାରକୁ ଯିବାକୁ ଥିଲେ ସେଥିପ୍ରତି ସତର୍କ ହୁଅନ୍ତୁ। ତା'ସହ ଏହି ଋତୁରେ ଖାଦ୍ୟପେୟ ଏବଂ ବିଶ୍ରାମ ଆଦି ପ୍ରତି ଧ୍ୟାନ ଦିଅନ୍ତୁ। ଗ୍ରୀଷ୍ମଋତୁରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ କେତେକ ରୋଗ ସୃଷ୍ଟି କରିଥାଏ। ଅଂଶୁଘାତ, ସନ୍‌ବର୍ନ ତନ୍ମଧ୍ୟରୁ ଅନ୍ୟତମ। ତେଣୁ ଏହି ଋତୁରେ ନିଜକୁ ସୁସ୍ଥ ରଖିବା ଲାଗି ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି...







**ଖାଦ୍ୟପେୟ:** ଗ୍ରୀଷ୍ମଋତୁରେ ପ୍ରଥମେ ନିଜର ଖାଦ୍ୟପେୟ ପ୍ରତି ସର୍ତକ ରହିବା ନିହାତି ଦରକାର। ଏହି ଋତୁରେ ଅଧିକ ମସଲାଯୁକ୍ତ ଏବଂ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏହିଦିନରେ ସବୁବେଳେ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ଖାଦ୍ୟ ଖାଆନ୍ତୁ। ବିଶେଷଭାବରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗଡ଼ିକରେ ଜଳୀୟ ଅଂଶ ଭରପୂର ହୋଇ ରହିଥାଏ। ବିଶେଷଭାବରେ ଖରାଦିନେ ଶରୀରରେ ଜଳ ଶୁଷ୍କତା (ଡିହାଇଡ୍ରେଶନ) ସୃଷ୍ଟି ହେବା ଆଶଙ୍କା ରହିଛି। ତେଣୁ ଏହି ଋତୁରେ ଲେମ୍ବୁପାଣି, ଆଖୁରସ, ଲସି, ପଇଡ଼ ପାଣି ଆଦି ପିଅନ୍ତୁ। ଏସବୁ ମଧ୍ୟ ଶରରୀରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଗ୍ରୀଷ୍ମ ଋତୁରେ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। କାରଣ ଅସହ୍ୟ ଗରମ ଏବଂ ଗୁଳୁଗୁଳିର ପ୍ରଭାବକୁ ଶରୀରରେ ଜଳୀୟ ଅଂଶ ଅନେକାଂଶରେ ନିୟନ୍ତ୍ରଣ କରିଥାଏ।

**ପୋଷାକ :** ବିଶେଷଭାବରେ ଋତୁ ଅନୁସାରେ ଡ୍ରେସ୍ ପିନ୍ଧିବାକୁ ପଡ଼ିଥାଏ। ଏଦିନେ ମହିଳାମାନେ ନିଜର ଡ୍ରେସ୍ ପ୍ରତି ନଜର ଦେବା ଆବଶ୍ୟକ। ଏହି ଖରାଦିନରେ ହାଲ୍‌କା ପୋଷାକ ପିନ୍ଧନ୍ତୁ। ଏଭଳି ପୋଷାକ ପିନ୍ଧନ୍ତୁ ନାହିଁ, ଯାହା ଗରମ ସମୟରେ ଆପଣଙ୍କୁ ବ୍ୟତିବ୍ୟସ୍ତ କରିଦେବ। ଏହି ଋତୁରେ ପଲିଷ୍ଟର ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। ଗ୍ରୀଷ୍ମଋତୁରେ ହାଲ୍‌କା ତଥା କଟନରେ ପ୍ରସ୍ତୁତ ପୋଷାକ ପିନ୍ଧିଲେ ଆରାମ ଲାଗିଥାଏ।

**ବାହାରକୁ ଯାଉଥିଲେ..**
ଗରମ ଯେତେ ପ୍ରବଳ ଅନୁଭୂତ ହେଉଥିଲେ ମଧ୍ୟ ଯଦି କାମ ଅଛି କିମ୍ବା ଆପଣ କୌଣସି ଚାକିରି କରିଛନ୍ତି ତେବେ ବାହାରକୁ ଯିବାକୁ ହିଁ ପଡ଼ିବ। ଏହି ଋତୁରେ ବାହାରକୁ ଯାଉଥିଲେ ପ୍ରଥମେ ସୂର୍ଯ୍ୟଙ୍କର ପ୍ରଖର କିରଣର ପ୍ରଭାବ ଯେପରି ଶରୀର ଉପରେ ନ ପଡ଼ିବ ସେ ନେଇ ସତର୍କ ରୁହନ୍ତୁ। ବିଶେଷଭାବରେ ଧଳା ପୋଷାକ ପିନ୍ଧିଲେ ତାହା ସୂର୍ଯ୍ୟକିରଣକୁ ସହଜରେ ଶରୀର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାଏ। ଗାଡ଼ି ଚଲାଇବା ସମୟରେ ମୁହଁକୁ .ଭଲଭାବେ ଷ୍ଟୋଲରେ ବାନ୍ଧି ଦିଅନ୍ତୁ। ସାଙ୍ଗରେ ପାଣିବୋତଲ ନେବାକୁ ଭୁଲନ୍ତୁ ନାହିଁ। ଯଦି ବାହାରେ ଅଧିକ ସମୟ ରହୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ମୁହଁକୁ ଧୋଇଦିଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ। ପ୍ରବଳ ଖରାରେ ବାହାରେ ବୁଲୁଥିଲେ ଶରୀରରେ ଯେପିର ଜଳ ଶୁଷ୍କତା ଦେଖା ନ ଦିଏ ସେନେଇ ସଚେତନ ରୁହନ୍ତୁ। ଆଖିକୁ ସୁରକ୍ଷା ଦେଉଥିବା ଭଲ ବ୍ରାଣ୍ଡର ସନ୍ ଗ୍ଲାସ୍ ପିନ୍ଧନ୍ତୁ।

**କର୍ମଜୀବୀ ହୋଇଥିଲେ..**
କର୍ମଜୀବୀ ହୋଇଥିଲେ ଦିନତମାମ ନିଜ କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବାକୁ ପଡ଼ିଥାଏ। ତେଣୁ ସେ ସମୟରେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଖରାଦିନେ ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ଖାଦ୍ୟ ଖାଇବା ସହ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ।

**ସ୍ୱାସ୍ଥ୍ୟ ସତର୍କତା**
ଖରାଦିନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ତେଣୁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଘର ଭିତର ଏବଂ ବାହାର ଭାଗ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ମଶା ଉପଦ୍ରବରୁ ରକ୍ଷାପାଇବା ପାଇଁ ମଶାରି ଟାଙ୍ଗି ଶୁଅନ୍ତୁ।

**ରୂପଚର୍ଯ୍ୟା:** ଖରାଦିନେ ପ୍ରଖର ସୂର୍ଯ୍ୟକିରଣର ପ୍ରଭାବ ଚର୍ମ ବା ସ୍କିନ୍ ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଚର୍ମ କିପରି ମୁଲାୟମ ରହିବ ସେ ନେଇ ସ୍କିନ୍ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଏହି ଦିନରେ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। କୌଣସି ପାର୍ଟିରେ ଯୋଗଦେବାକୁ ଥିଲେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ। ଏହି ଋତୁରେ ସ୍କିନ୍‌ରେ ଯେମିତି ଶୁଷ୍କତା ଦେଖା ନ ଯାଏ ସେଥିପ୍ରତି ସତର୍କ ରୁହନ୍ତୁ। ଏ ନେଇ ବିୟୁଟି ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

## ସେମାନେ କ'ଣ କରନ୍ତି..



**ଗ୍ରୀଷ୍ମଋତୁରେ ଅଧିକ ସତର୍କ ରହେ (ସମୀକ୍ଷା ମହାନ୍ତି, ମହାନଦୀ ବିହାର, କଟକ)**
ବର୍ଷକ ୧୨ମାସ ୬ ଋତୁ। ତେଣୁ ଋତୁ ଅନୁଯାୟୀ ମୁଁ ନିଜକୁ ଖାପ୍ ଖୁଆଇ ଚାଲିଥାଏ। ବିଶେଷଭାବରେ ଖରାଦିନେ ମୁଁ ନିଜ ପ୍ରତି ଅଧିକ ସତର୍କ ରହେ। ଯେପରି ଶରୀରରେ ଡିହାଇଡ୍ରେଶନ ନ ହେବ ସେଥିପ୍ରତି ଦୃଷ୍ଟି ଦିଏ। ଏହି ଋତୁରେ ସବୁବେଳେ ହାଲ୍‌କା ତଥା ସହଜରେ ହଜମ ହୋଇପାରୁଥିବା ଖାଦ୍ୟ ଖାଏ। ତା' ସହ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସତର୍କ ରହେ। ଯେହେତୁ ଗୃହିଣୀ, ତେଣୁ ଏହି ସମୟରେ ପରିବାରର ଅନ୍ୟ ସଦସ୍ୟମାନଙ୍କର ମଧ୍ୟ ଯତ୍ନନେବାକୁ ପଡ଼ିଥାଏ। ଖରାଦିନେ ମୁଁ ପ୍ରଚୁର ପାଣି ପିଏ।



**ସ୍ୱାସ୍ଥ୍ୟ ସତର୍କତାକୁ ଗୁରୁତ୍ୱ ଦିଏ (ସରୋଜିନୀ ସାହୁ,ରସୁଲଗଡ଼, ଭୁବନେଶ୍ୱର)**
ଯେକୌଣସି ଋତୁ ହେଉ ନା କାହିଁକି, ମୁଁ ନିଜ ସ୍ୱାସ୍ଥ୍ୟ ପ୍ରତି ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଏ। ଖରାଦିନେ ଯେପରି ଜଳୀୟ ଶୁଷ୍କତାର ସମ୍ମୁଖୀନ ହେବି ନାହିଁ ସେ ନେଇ ସଚେତନ ଥାଏ। ଖରାଦିନ ପାଇଁ ଫ୍ରିଜ୍ ପାଣି ଅପେକ୍ଷା ମାଠିଆରେ ପାଣି ରଖି ଘରେ ସମସ୍ତଙ୍କୁ ପିଇବାକୁ ଦେଉଛି। ସକାଳେ ଟିଫିନ୍‌ରେ ମାଣ୍ଡିଆ ଦହି, ଖରାଦିନେ ପଖାଳ ପ୍ରସ୍ତୁତ କରୁଛି।

ସୌନ୍ଦର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ



**ପ୍ରବଳ ଖରା ତ୍ୱଚା ଲାଗି କ୍ଷତିକାରକ। ଗ୍ରୀଷ୍ମଋତୁରେ ଏହାକୁ କିପରି ମୁଲାୟମ ତଥା ଆକର୍ଷଣୀୟ ରଖିବେ ସେ ନେଇ କେତୋଟି ଟିପ୍ସ...**

ଖରା ଏବଂ ପ୍ରଦୂଷଣ ଏହି ଦୁଇଟି ତ୍ୱଚା ଲାଗି ସବୁଠାରୁ ବଡ଼ ଶତ୍ରୁ। କିନ୍ତୁ ଅଫିସ୍ ଯିବାର ଥିଲେ କିମ୍ବା କୌଣସି କାମରେ ବାହାରକୁ ଯାଉଥିଲେ,ନିଜ ତ୍ୱଚାକୁ ଯେତେ ସମ୍ଭବ ସୁରକ୍ଷିତ ରଖିବା ଦରକାର। ନିଜ ସ୍କିନ୍ କେୟାର ରୁଟିନ୍‌ରେ କିଛି ଘରୋଇ ଉପଚାର ସାହାଯ୍ୟରେ ଆପଣ ନିଜ ତ୍ୱଚାକୁ ସୁରକ୍ଷିତ ରଖିପାରିବେ।

**ମଶ୍ଚରାଇଜର :** ସକାଳୁ ଘରୁ ବାହାରକୁ ଯିବା ପୂର୍ବରୁ ମଶ୍ଚରାଇଜର ଏବଂ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଭୁଲନ୍ତୁ ନାହିଁ। ଯଦି ରାତିରେ ଶୋଇବା ପୂର୍ବରୁ ସ୍କିନ୍ କେୟାର କରୁଛନ୍ତି ଯେମିତିକି କିଛି ପୋଷକ ତତ୍ତ୍ୱ ଦେଉଛନ୍ତି ତେବେ ଏହାଦ୍ୱାରା ସ୍କିନ୍‌ର ଚମକ ପ୍ରଭାବିତ ହେବନାହିଁ।

**କାକୁଡ଼ି:** ରାତିରେ ମୁହଁ ସଫାକଲା ପରେ କାକୁଡ଼ିରସ ମୁହଁରେ ଲଗାଇପାରିବେ। କାକୁଡ଼ିରେ ୯୨ ପ୍ରତିଶତ ଜଳ ରହିଛି, ଯାହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏହା ଗରମଜନିତ ସମସ୍ୟାକୁ ଠିକ୍ କରିପାରେ। ଆପଣ ପ୍ରତିଦିନ ରାତିରେ ମୁହଁକୁ ଭଲଭାବେ ଧୋଇ ତାକୁ ଶୁଖାଇ ଦିଅନ୍ତୁ। ଏହାପରେ କାକୁଡ଼ିରସକୁ ମୁହଁରେ ହାଲ୍‌କା ଲଗାଇ ରାତି ସାରା ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ମୁଖବ୍ରଣଜନିତ ସମସ୍ୟାରୁ ମୁକ୍ତି ମିଳିବା ସହ ମୁହଁ ଅଧିକ ଚମକ ଦେଖାଯାଇଥାଏ।

**ଦହି:** ଦହି କେଶ ଏବଂ ଶରୀର ଲାଗି ବେଶ୍ ଉପଯୋଗୀ । ଏଥିରେ କ୍ୟାଲ୍‌ସିୟମ, ପ୍ରୋଟିନ୍ ସହ ଭିଟାମିନ୍ 'ଡି' ରହିଛି। ଏହା ତ୍ୱଚାକୁ ଚମକଦାର ରଖିବାରେ ସାହାଯ୍ୟ କରିଥାଏ। ଯଦି ପ୍ରତିଦିନ ତ୍ୱଚାରେ ଦହି ଲଗାଯାଏ ତେବେ ମୁଖବ୍ରଣ ସମସ୍ୟା ଦୂର ହେବା ସହ ଆଖି ତଳେ ଥିବା କଳାଦାଗ ଦୂରହୋଇଥାଏ। ଦହିର ଫେସ୍ ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରତିଦିନ ଅଳ୍ପ ମାତ୍ରାରେ ଦହି ଏକ ପାତ୍ରରେ ନିଅନ୍ତୁ। ସେଥିରେ ୫ମିନିଟ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ଏହାକୁ ରାତିରେ ଧୁଅନ୍ତୁ ନାହିଁ। ସକାଳୁ ମୁହଁକୁ ଭଲଭାବେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ନିଜ ତ୍ୱଚାର ଫରକ ଜାଣିପାରିବେ।

**ଆଲୋଭେରା :** ଯଦି ଆପଣଙ୍କ ତ୍ୱଚା ଝାଉଁଳିଯାଉଛି କିମ୍ବା ସନ୍‌ବର୍ନ ହେଉଛି ତେବେ ଆଲୋଭେରା ଜେଲ୍ ତୁରନ୍ତ ଆପଣଙ୍କୁ ଆରାମ ଦେବ।



ଖାଦ୍ୟରୁଚି

# କର୍ନ ସାଲାଡ୍

**ଆବଶ୍ୟକ ସାମଗ୍ରୀ**
୧ କପ୍ ଫ୍ରୋଜନ୍ ମକା ଦାନା ସିଝା ହୋଇଥିବା । ଛୋଟ ଆକାରରେ କଟାହୋଇଥିବା କାକୁଡ଼ି ଏକତୃତୀୟାଂଶ ଟମାଟୋ, ପିଆଜ, କଞ୍ଚାଲଙ୍କା, ୨ ଚାମଚ ଧନିଆଁପତ୍ର, ୧ ଚାମଚ ଲେମ୍ବୁରସ, ଏକଚତୁର୍ଥାଂଶ ଗୋଲମରିଚ ପାଉଡର, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରେସରକୁକରରେ ମଧ୍ୟମ ଆଞ୍ଚରେ ଲୁଣପାଣିରେ ମକାକୁ ଚାରୋଟି ସିଟି ହେବା ପର୍ଯ୍ୟନ୍ତ ସିଝିବାକୁ ଦିଅନ୍ତୁ। ଏହାକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଧାରୁଆ ଛୁରି ସାହାଯ୍ୟରେ ମକାକୁ ଛଡ଼ାଇ ଏକ ବଡ଼ ପାତ୍ରରେ ରଖନ୍ତୁ। ସେଥିରେ କଟାହୋଇଥିବା କାକୁଡ଼ି, ପିଆଜ, ଟମାଟୋ ଧନିଆଁପତ୍ର, କଞ୍ଚାଲଙ୍କା ଆଦି ପକାନ୍ତୁ। ଏବେ ଏହା ଉପରେ ୧ ଚାମଚ ଲେମ୍ବୁରସ ପକାନ୍ତୁ। ଏବେ ସେଥିରେ ଗୋଲମରିଚଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏବେ ଏହାକୁ ଭଲଭାବରେ ମିଶାଇ ଦିଅନ୍ତୁ। ଏବେ ଆପଣଙ୍କ କର୍ନ ସାଲାଡ୍ ପ୍ରସ୍ତୁତ।



# କେକେଆରର ଷଷ୍ଠ ବିଜୟ


କୋଲକାତା,୨୯।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌କୁ ୭ ଉଇକେଟରେ ଜିତି କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଷଷ୍ଠ ବିଜୟ ହାସଲ କରିଛି। ଦିଲ୍ଲୀ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଜବାବରେ କେକେଆର ୧୬.୩ ଓଭରରେ ୩ ଉଇକେଟ ହରାଇ ୧୫୭ ରନ୍ କରିଥିଲା।

ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ପୃଥ୍ୱୀ ଶ(୧୩) ଓ ଜ୍ୟାକ୍ ଫ୍ରେଜର ମ୍ୟାଗୁର୍କ(୧୨) ବିଫଳ ହୋଇଥିବା ବେଳେ ଦଳ ୩୭ ରନ୍‌ରେ ୩ ଉଇକେଟ ହରାଇଥିଲା। ରିଷଭ ପନ୍ତ(୨୭) ଓ ଅଭିଷେକ ପୋରେଲ(୧୮) ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ମଧ୍ୟକ୍ରମରେ ଅକ୍ଷର ପଟେଲ(୧୫), ଟ୍ରିଷ୍ଟାନ ଷ୍ଟବ୍ସ(୪) ଓ କୁମାର କୁଶାଗ୍ର(୧) ଆଉଟ ହେବାରୁ ଦିଲ୍ଲୀ ୧୧୧ ରନ୍‌ରେ ୮ ଉଇକେଟ ହରାଇଥିଲା। ତେବେ କୁଳଦୀପ ଯାଦବ ୨୬ ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ସେ ୩୫ ରନ୍ କରି ଶେଷ ଯାଏ ଅପରାଜିତ ଥିଲେ। କେକେଆର ପକ୍ଷରୁ ବରୁନ୍ ଚକ୍ରବର୍ତ୍ତୀ ୩ ଉଇକେଟ ନେଇଥିବା ବେଳେ ବୈଭବ ଅରୋରା ଓ ହର୍ଷିତ ରାଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୫୪ ରନ୍‌ର ଲକ୍ଷ୍ୟ ନେଇ ଫିଲ୍ ସଲ୍ଟ(୬୮) ଓ ସୁନୀଲ ନାରିନ୍(୧୫) କୋଲକାତା ପକ୍ଷରୁ ଦ୍ରୁତ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ଉଇକେଟରେ ୭୯ ରନ୍ ଯୋଡିଥିଲେ। ସଲ୍ଟ ମାତ୍ର ୩୩ ବଲ୍ ଖେଳି ୭ ଚୌକା ଓ ୫ ଛକା ସହ ୬୮ ରନ୍ କରିଥିଲେ। ମାତ୍ର ୪ ରନ୍ ମଧ୍ୟରେ ଫିଲ ସଲ୍ଟ ଓ ରିଙ୍କୁ ସିଂ(୧୧) ଆଉଟ ହୋଇଥିଲେ। ତେବେ ଅଧିନାୟକ ଶ୍ରେୟସ ଆୟର ଓ ଭେଙ୍କଟେଶ ଆୟର ଅବିଭାଜିତ ୫୭ ରନ୍ ଯୋଡି କୋଲକାତାକୁ ବିଜୟୀ କରିଥିଲେ। ଶ୍ରେୟସ ୨୩ ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ୩୩ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଭେଙ୍କଟେଶ ଆୟର ୨୩ ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୨୬ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଅକ୍ଷର ପଟେଲ ୨ ଓ ଲିଜାଡ ୱିଲିୟମ୍ସ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୩/୯ (କୁଲଦୀପ ଯାଦବ-୩୫*, ରିଷଭ ପନ୍ତ-୨୭, ଅଭିଷେକ ପୋରେଲ-୧୮, ବରୁନ୍ ଚକ୍ରବର୍ତ୍ତୀ-୩/୧୬, ହର୍ଷିତ ରାଣା-୨/୧୮, ବୈଭବ ଅରୋରା-୨/୨୯)। କୋଲକାତା ନାଇଟ ରାଇଡର୍ସ ୧୬.୩ ଓଭରରେ ୧୫୭/୩(ଫିଲ ସଲ୍ଟ-୬୮, ଶ୍ରେୟସ ଆୟର-୩୩*, ଭେଙ୍କଟେଶ ଆୟର-୨୬*, ଅକ୍ଷର ପଟେଲ-୨/୨୫, ଲିଜାଡ୍ ୱିଲିୟମ୍ସ-୧/୩୮)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବରୁନ ଚକ୍ରବର୍ତ୍ତୀ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ମୁମ୍ବାଇ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା ନାଇଟ ରାଇଡର୍ସ | ୯ | ୬ | ୩ | ୧୨ | +୦.୦୯୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୮୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୦୭୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | +୦.୦୫୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୩ | ୬ | ୬ | -୦.୨୬୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |


ଗୋଲ୍‌ସ୍କୋର କରିବା ପରେ ଜର୍ଜ ପେରେରା ଡିଆଜ୍।

# ଫାଇନାଲରେ ମୁମ୍ବାଇ ସିଟି, ମୋହନ ବାଗାନ

**ଇଣ୍ଡିଆନ୍ ସୁପର ଲିଗ୍**

ମୁମ୍ବାଇ,୨୯।୪

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ ସିଟି ଏଫ୍‌ସି। ଦ୍ୱିତୀୟ ସେମି ଫାଇନାଲରେ ଏଫ୍‌ସି ଗୋଆକୁ ଏଗ୍ରିଗେଟ ୫-୨ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା ମୁମ୍ବାଇ। ପ୍ରଥମ ଚରଣ ମ୍ୟାଚ୍‌ରେ ଦଳ ୩-୨ରେ ଆଗୁଆ ରହିଥିବା ବେଳେ ସୋମବାର ଦ୍ୱିତୀୟ ଚରଣ ମ୍ୟାଚରେ ଦଳ ୨-୦ରେ ବିଜୟୀ ହୋଇଛି। ଦଳ ପକ୍ଷରୁ ଜର୍ଜ ପେରେରା ଡିଆଜ(୬୯ ମିନିଟ) ଓ ଲାଲିଆଞ୍ଜୁଲା ଛାଙ୍ଗଟେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହିତ ଲିଗ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ସ୍ଥାନରେ ଥିବା ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଫାଇନାଲ ମ୍ୟାଚ୍ ମେ ୪ ତାରିଖରେ ଖେଳାଯିବ।

ପ୍ରଥମ ଚରଣର ସେମି ଫାଇନାଲରେ ମ୍ୟାଚ୍‌ର ପ୍ରଥମ ୯୦ ମିନିଟ ଗୋଆ ୨-୦ରେ ଆଗୁଆ ରହିଥିଲା। ତେବେ ୬ ମିନିଟର ଇଞ୍ଜୁରୀ ଟାଇମରେ ୩ଟି ଗୋଲ ଦେଇ ମୁମ୍ବାଇ ଆଗୁଆ ରହିଥିଲା। ଲାଲିଆଞ୍ଜୁଲା ଛାଙ୍ଗଟେ ଡବଲ୍ ଗୋଲ ଦେଇଥିବା ବେଳେ ବିକ୍ରମ ପ୍ରତାପ ସିଂ ଗୋଟିଏ ଗୋଲ ଦେଇଥିଲେ। ୩-୨ରେ ଆଗୁଆ ରହିଥିବା ମୁମ୍ବାଇ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଗୋଆ ମ୍ୟାଚ୍‌ର ୫୪ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। ୬୯ ତମ ମିନିଟରେ ପେରେରା ଡିଆଜ୍ ମୁମ୍ବାଇ ପକ୍ଷରୁ ଗୋଟିଏ ଗୋଲ ଦେଇଥିଲେ। ୮୩ ତମ ମିନିଟରେ ଛାଙ୍ଗଟେ ଅନ୍ତିମ ଗୋଲ ଦେଇଥିଲେ।

## ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘର କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨୯।୪ (ବିଜୟ ରଣା):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘ (୨୦୨୪-୨୮)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ସ୍ୱାଇଁ ସଭାପତି ଭାବେ ନିର୍ବାଚତି ହୋଇଥିବା ବେଳେ ଗୌରୀ ମହାନ୍ତି, ଶୁଭାଶିଷ ମହାପାତ୍ର, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟମ ଓ ଖାରବେଳ ମଲିକ ପ୍ରମୁଖ ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଏବଂ ଦୀପକ କୁମାରା ସାମନ୍ତରା, ମୀର ଅଜମତ ଅଲୀ ଯୁଗ୍ମ ସମ୍ପାଦକ ଓ ହିମାଂଶୁ ଶେଖର ଦାସ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଚିନ୍ମୟୀ ଭୂୟାଁ ଓ ସନ୍ଦୀପ ଦାସ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଶେଷ ସଫଳତା ହାସଲ କରିଥିବା ଅନୁପମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେନ୍ଥିଲ କୁମାରଙ୍କୁ ଟାଇଟଲ


ଟ୍ରଫି ସହ ଭେଲାଭାନ ସେନ୍ଥିଲକୁମାର।

ପ୍ୟାରିସ, ୨୯।୪ (ପି.ଟି.)

ଭାରତର ଭେଲାଭାନ ସେନ୍ଥିଲକୁମାର ଏଠାରେ ବ୍ୟାଚ୍ ଓପନ ଚ୍ୟାଲେଞ୍ଜର ଇଭେଣ୍ଟ ଜିତିଛନ୍ତି। ଏହା ହେଉଛି ତାଙ୍କର ୮ମ ପ୍ରଫେସନାଲ ସ୍କ୍ୱାଶ ଆସିସଏଶନ (ପିଏସ୍ଏ) ଟୁର୍ ଟାଇଟଲ। ବିଶ୍ୱର ୬୮ନମ୍ବର ମାନ୍ୟତାପ୍ରାପ୍ତ ସେନ୍ଥିଲ କୁମାର ଫାଇନାଲରେ ଫ୍ରାନ୍ସର ମେଲଭିଲ୍ ସ୍କିଆନିମାନିକୋଙ୍କୁ ୧୧-୬, ୧୧-୯, ୧୧-୬ରେ ହରାଇ ଦେଇଛନ୍ତି। ଏଠାରେ ଟପ୍ ସିଡ୍ ମାନ୍ୟତା ପାଇଥିବା ସେନ୍ଥିଲକୁମାର ହେଉଛନ୍ତି ଚେନ୍ନାଇ ବାସିନ୍ଦା।

## ଦୀପିକା କୁମାରୀ ପୁନର୍ବାର ଟପ୍ସରେ

**ନୂଆଦିଲ୍ଲୀ, ୨୯।୪ (ପି.ଟି.):** ନିକଟରେ ସାଂଘାଇରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ଏକ ରୌପ୍ୟ ଜିତିଥିବା ପୂର୍ବତନ ବିଶ୍ୱର ନମ୍ବର ୱାନ ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ପୁନର୍ବାର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ କରାଯାଇଥିବା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସୋମବାର ଘୋଷଣା କରାଯାଇଛି। ୨୦୨୨ ଡିସେମ୍ବରରେ ମାତୃତ୍ୱ ଲାଭ ପରେ ଦୀପିକା ସମଗ୍ର ସିଜନ ତୀରନ୍ଦାଜୀରୁ ଦୂରେଇ ଯାଇଥିଲେ। ନିକଟରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ତାଙ୍କର ପ୍ରଦର୍ଶନ ଭଲ ରହିଛି। ୨୯ବର୍ଷୀୟା ରିକର୍ଭ ଆର୍ଚର ହେଉଛନ୍ତି ଜଣେ ୩ ଥର ଅଲିମ୍ପିଆନ। ଚଳିତବର୍ଷ ପ୍ରାରମ୍ଭରେ ସେ ଏସିଆ କପ୍‌ରେ ପଦକ ଜିତିପାରିଛନ୍ତି। ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ଧୀରଜ ବୋମାଦେବରା ଗତବର୍ଷ ବ୍ୟାଙ୍କକଠାରେ ରୌପ୍ୟ ପଦକ ଜିତିବା ପରେ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି। ଆଉ କେବଳ ଗୋଟିଏ ମାତ୍ର କ୍ୱାଲିଫାଇଂ ଟୁର୍ନାମେଣ୍ଟ ହେବାକୁ ବାକି ରହିଛି। ଏହା ତୁର୍କୀର ଆଣ୍ଟାଲ୍ୟାଠାରେ ଜୁନ୍ ୧୫ ଓ ୧୬ରେ ଅନୁଷ୍ଠିତ ହେବ। ଅନ୍ୟ ଜଣେ ତୀରନ୍ଦାଜ ମୃଣାଳ ଚୌହାନଙ୍କୁ ଟପ୍ସର ଡେଭଲପମେଣ୍ଟ ଗ୍ରୁପ୍‌ରେ ସାମିଲ କରାଯାଇଥିବାବେଳେ ପ୍ରବୀଣ ଯାଦବଙ୍କୁ ଡେଭଲପମେଣ୍ଟ ଟୁ କୋର୍ ଗ୍ରୁପ୍‌ରୁ ଏବଂ ପାରା-ପାୱାରଲିଫ୍ଟର ଅଶୋକଙ୍କୁ ଟପ୍ସ କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏକ ବିବୃତିରେ କୁହାଯାଇଛି।


ରନରଅପ୍ ଟ୍ରଫି ସହ କିଟ୍ ବାଳିକା ଓ ବାଳକ ରଗ୍‌ବୀ ଦଳ।

# ଚାମ୍ପିୟନ୍ସ ଟ୍ରଫି ଭେନ୍ୟୁ ଘୋଷଣା କଲା ପିସିବି

ଲାହୋର,୨୯।୪(ପି.ଟି.)

ଆସନ୍ତା ୨୦୨୫ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଖେଳାଯିବ। ଏହା ପୂର୍ବରୁ ସୋମବାର ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ୩ଟି ଭେନ୍ୟୁ ଘୋଷଣା କରାଯାଇଛି। ପିସିବି ପକ୍ଷରୁ ପ୍ରକାଶିତ ସୂଚନା ଅନୁସାରେ କରାଚୀ, ଲାହୋର ଓ ରାୱଲପିଣ୍ଡିକୁ ଏହି ଆଇସିସି ଇଭେଣ୍ଟ ପାଇଁ ଚୟନ କରାଯାଇଛି। ଭାରତୀୟ କ୍ରିକେଟ ଦଳ ପାକିସ୍ତାନରେ ଖେଳିବାକୁ ଅନିଚ୍ଛା ପ୍ରକାଶ କରିଥିବା ବେଳେ ଏହା ହାଇବ୍ରିଡ ମଡେଲରେ ମଧ୍ୟ ଖେଳାଯାଇପାରେ। ଶେଷ ଥର ପାଇଁ ୨୦୧୭ରେ ଚାମ୍ପିୟନ୍ସ ଟ୍ରଫି ଇଂଲଣ୍ଡରେ ଖେଳା ଯାଇଥିଲା। ଆସନ୍ତା ଫେବୃଆରୀ- ମାର୍ଚ୍ଚ ୨୦୨୫ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବାର ସମ୍ଭାବନା ରହିଛି।

ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନରେ ମ୍ୟାଚ୍ ଖେଳିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳି ନ ଥିଲା। ଫଳରେ ଏସିଆ କପ୍ କ୍ରିକେଟ ହାଇବ୍ରିଡ୍ ମଡେଲରେ ଖେଳା ଯାଇଥିଲା। ସମାନ ଢଙ୍ଗରେ ଯଦି ଚାମ୍ପିୟନ୍ସ ଟ୍ରଫି ପାଇଁ ମଧ୍ୟ ଅନୁମତି ନ ମିଳେ ତେବେ ମଧ୍ୟ ଆଇସିସି ସମାନ ଭାବରେ ହାଇବ୍ରିଡ ମଡେଲ ଅନୁସରଣ କରିବାର ସମ୍ଭାବନା ରହିଛି। ଏହା ସହ କୌଣସି ସଦସ୍ୟ ରାଷ୍ଟ୍ର ଏହାର ସରକାରଙ୍କ ନିୟମକୁ ଅଣଦେଖା କରିପାରିବେ ନାହିଁ ବୋଲି ଆଇସିସି କହିଛି।

ଅନ୍ୟପକ୍ଷରେ ପିସିବି ଚେୟାରମ୍ୟାନ୍ ମୋହସିନ୍ ନକ୍‌ଭି ଲାହୋରରେ ଏକ ଖବରଦାତା ସମ୍ମିଳନୀ କରି ଭେନ୍ୟୁ ସମ୍ପର୍କରେ ଘୋଷଣା କରିଛନ୍ତି। ପାକିସ୍ତାନରେ ଖେଳା ଯିବାକୁ ଥିବା ମ୍ୟାଚ୍‌ଗୁଡିକୁ ନେଇ ଆଇସିସିକୁ ପ୍ରସ୍ତାବ ଦିଆଯାଇଛି ବୋଲି ନକ୍‌ଭି କହିଛନ୍ତି। ଆଇସିସିର ସୁରକ୍ଷା ପରିଷଦ ପାକିସ୍ତାନ ଗସ୍ତ କରିଥିଲେ।

**୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ରଗ୍‌ବୀ**

## ଓଡ଼ିଶାକୁ ୨ ରୌପ୍ୟ

**ଭୁବନେଶ୍ୱର, ୨୯।୪ (ସରୋଜ ଜେନା):** ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ରଗ୍‌ବୀ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ଦଳ ରନରଅପ୍ ରହିଥିଲା। ବାଳକ ଦଳ ଫାଇନାଲରେ ବିହାର ନିକଟରୁ ୧୭-୧୨ରେ ପରାଜିତ ହୋଇଥିଲା। ଅନ୍ୟ ପକ୍ଷରେ ବାଳିକା ଦଳ ବିହାର ନିକଟରୁ ୦୫-୩୬ ପଏଣ୍ଟରେ ପରାସ୍ତ ହୋଇ ରନରଅପ୍ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୨୨ ଜଣିଆ ଓଡ଼ିଶା ମହିଳା ଦଳ ଘୋଷଣା

**ରାଜମାତା ଜିଜାବାଈ ଫୁଟବଲ ଟୁର୍ନାମେଣ୍ଟ**

ଭୁବନେଶ୍ୱର,୨୯।୪
(ସରୋଜ ଜେନା)

ରାଜମାତା ଜିଜାବାଈ ଫୁଟବଲ ଟୁର୍ନାମେଣ୍ଟ ପାଇଁ ୨୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ସୋମବାର ଘୋଷଣା କରାଯାଇଛି। ମେ ୧ରୁ ୧୫ ଯାଏ କୋଲକାତାରେ ଏହି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା ଦଳରେ ୩ ଜଣ ଗୋଲକିପର, ୬ ଜଣ ଡିଫେଣ୍ଡର, ୭ ଜଣ ମିଡ ଫିଲ୍ଡର ଓ ୬ ଜଣ ଫରୱାର୍ଡ ଖେଳାଳିଙ୍କୁ ସାମିଲ କରାଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ଗୋଲକିପର- ସ୍ୱନ୍ଦିତା ଦାସ, ମଞ୍ଜୁ ଗଞ୍ଜୁ ଓ ସାକ୍ରୋ ହେମ୍ବ୍ରମ। ଡିଫେଣ୍ଡର- ଜୁଲି କିଶାନ, ଅମୃତା ନାୟକ, ପିପିଲି ମହାନ୍ତି, ଶିବାନୀ ମୁଣ୍ଡାରୀ, ସୁବାସିନୀ ସାହା ଓ ପ୍ରଜ୍ଞା କିଶାନ। ମିଡଫିଲ୍ଡର-ଦୀପା ନାୟକ, ସୁମିତ୍ରା ହେମ୍ବ୍ରମ, ମୁନିକା ମିଞ୍ଜ, ଜାହ୍ନବୀ କିଷାନ, ସତ୍ୟବତୀ ଖାଡିଆ, ବନ୍ୟା କବିରାଜ, ଶୀଳା ସିଂ। ଫରୱାର୍ଡ- ମାଳତୀ ମୁଣ୍ଡା, ସେରଟୋ ଲିଣ୍ଡା କମ୍, ପ୍ରତିମା ଓରାମ, ପ୍ୟାରୀ ଖାଖା, ସୁଭଦ୍ରା ସାହୁ ଓ ମନୀଷା ନାୟକ।


ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳ।

# ଇଂଲଣ୍ଡକୁ ହରାଇ କ୍ୱାର୍ଟରରେ ଭାରତ

**ଥୋମାସ୍ କପ୍**

ଚେଙ୍ଗଡୁ,୨୯।୪(ପି.ଟି.)

ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡକୁ ଏକପାଖିଆ ୫-୦ରେ ପରାସ୍ତ କରିବା ସହ ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ଭାରତ କ୍ୱାର୍ଟରରେ ପ୍ରବେଶ କରିଛି। ପୂର୍ବରୁ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୪-୧ରେ ହରାଇଥିଲା। କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛି। ରବିବାର ଭାରତୀୟ ସଟଲର୍ ଏଚ୍ ଏସ୍ ପ୍ରଣୟ ପ୍ରଥମ ମ୍ୟାଚ୍‌ରେ ୨୧-୧୫, ୨୧-୧୫ ସେଟରେ ହ୍ୟାରି ହୁଆଙ୍ଗଙ୍କୁ ପରାସ୍ତ କରି ୧-୦ରେ ଆଗୁଆ ରହିଥିଲେ। ବିଶ୍ୱ ମାନ୍ୟତାର ଏକ ନମ୍ବର ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଦ୍ୱିତୀୟ ମ୍ୟାଚକୁ ୨୧-୧୭, ୧୯-୨୧ ଓ ୨୧-୧୫ ସେଟରେ ଜିତି ନେଇଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜୟୀ ଯୋଡ଼ି ୧ ଘଣ୍ଟା ୫ ମିନିଟ ସମୟ ନେଇ ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କୁ ପରାସ୍ତ କରିଥିଲେ। ସେହିପରି ପୂର୍ବତନ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି କିଡାମ୍ବି ଶ୍ରୀକାନ୍ତ ୨୧-୧୬, ୨୧-୧୧ ସେଟରେ ନଦୀମ ଡାଲଭିଙ୍କୁ ହରାଇବା ସହ ଭାରତକୁ ୩-୦ରେ ଆଗୁଆ କରିଥିଲେ।


ମ୍ୟାଚ୍ ଜିତିବା ପରେ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଳା।

ରିଭର୍ସ ଡବଲ୍ସରେ ଭାରତ ପକ୍ଷରୁ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଳା ୨୧-୧୭, ୨୧-୧୯ରେ ରୋରି ଇଷ୍ଟନ ଓ ଆଲେକ୍ସ ଗ୍ରୀନଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌କୁ ୨୪ ବର୍ଷୀୟ କିରଣ ଜର୍ଜ ଜିତି ନେଇଥିଲେ। ୨୧-୧୮, ୨୧-୧୨ ସେଟରେ ସେ ଚୋଲାନ କାୟାନଙ୍କୁ ପରାସ୍ତ କରିଥିଲେ। ଭାରତ ଏହାର ଅନ୍ତିମ ଗ୍ରୁପ ମ୍ୟାଚ୍‌ରେ ଗ୍ରୁପ୍ ଟପ୍ପର ଇଣ୍ଡୋନେସିଆକୁ ଭେଟିବ। ରେକର୍ଡ ୧୪ ଥର ଚାମ୍ପିୟନ ହୋଇଥିବା ଇଣ୍ଡୋନେସିଆ ସହ ମ୍ୟାଚ ପରେ ଗ୍ରୁପ୍ ସି'ର ପ୍ରଥମ ୨ ସ୍ଥାନ ନିର୍ଦ୍ଧାରଣ ହେବ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ